RNI No.ODIODI/2010/33031
୧୬ ବର୍ଷ | Volume- 16
ISSUE -309 | ସଂଖ୍ୟା-୩୦୯
ଭୁବନେଶ୍ୱର, ମଙ୍ଗଳବାର ୨୪ ଫେବୃଆରୀ ୨୦୨୬
Bhubaneswar, Tuesday 24 February, 2026
୦୮ ପୃଷ୍ଠା | Pages-08
ମୂଲ୍ୟ : ୨.୦୦ ଟଙ୍କା | Price : Rs.2.00
www.odishamanthan.com

MANTHAN
www.odishamanthan.com
RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର




# ରାଜ୍ୟରେ ସକ୍ରିୟ ଅଛନ୍ତି ୪୦ ମାଓବାଦୀ

## ଟଙ୍କା ଖିଆ ଅଧିକାରୀଙ୍କ ତାଲିକା ରଖିଲେ ମୁଖ୍ୟମନ୍ତ୍ରୀ, ୩୧୦ ଗିରଫ, ୨୨ଜଣଙ୍କ ସମ୍ପତ୍ତି ବାଜ୍ୟାପ୍ତି

ଭୁବନେଶ୍ୱର,୨୩।୦୨: ରାଜ୍ୟରେ ସକ୍ରିୟ ଅଛନ୍ତି ୪୦ ଜଣ ମାଓବାଦୀ। କଳାହାଣ୍ଡି, ରାୟଗଡା, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଏବଂ ବରଗଡ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ମାଓବାଦୀ ସମସ୍ୟା ଜନିତ ସ୍ଥିତିରେ କ୍ରମାଗତ ଭାବରେ ଉନ୍ନତି ପରିଲକ୍ଷିତ ହୋଇଛି। ସାଂପ୍ରତିକ ସ୍ଥିତିରେ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ଖର୍ଚ୍ଚ ଯୋଜନା ଅନୁଯାୟୀ କେବଳ କନ୍ଧମାଳ ଜିଲ୍ଲାକୁ ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ ଜିଲ୍ଲା ବର୍ଗରେ ରଖାଯାଇଛି। ଅନ୍ୟ ୮ଟି ଜିଲ୍ଲା ଯଥା :- ମାଲକାନଗିରି, କୋରାପୁଟ, ନୂଆପଡା, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ବୌଦ୍ଧ ଏବଂ ବଲାଙ୍ଗିର ଜିଲ୍ଲାକୁ ଲିଗାସୀ ଏବଂ ଥ୍ରଷ୍ଟ ଜିଲ୍ଲା ବର୍ଗରେ ରଖାଯାଇଛି। ଏବେ ରାଜ୍ୟରେ ପ୍ରାୟ ୪୦ଜଣ ସକ୍ରିୟ ମାଓବାଦୀ କଳାହାଣ୍ଡି, ରାୟଗଡା, କନ୍ଧମାଳ, ବୌଦ୍ଧ, ବଲାଙ୍ଗିର ଏବଂ ବରଗଡ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି।ରାଜ୍ୟରେ ସକ୍ରିୟ ଅଛନ୍ତି ୪୦ ଜଣ ମାଓବାଦୀ। କଳାହାଣ୍ଡି, ରାୟଗଡା, କନ୍ଧମାଳ,



ବୌଦ୍ଧ, ବଲାଙ୍ଗୀର ଏବଂ ବରଗଡ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ବିଧାନସଭାରେ ଉତ୍ତର ରଖିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ମାଓବାଦୀ ସମସ୍ୟା ଜନିତ ସ୍ଥିତିରେ କ୍ରମାଗତ ଭାବରେ ଉନ୍ନତି ପରିଲକ୍ଷିତ ହୋଇଛି। ସାଂପ୍ରତିକ ସ୍ଥିତିରେ କେନ୍ଦ୍ର ସରକାରଙ୍କ ସୁରକ୍ଷା ସମ୍ବନ୍ଧୀୟ ଖର୍ଚ୍ଚ ଯୋଜନା ଅନୁଯାୟୀ କେବଳ କନ୍ଧମାଳ ଜିଲ୍ଲାକୁ ବାମପନ୍ଥୀ ଉଗ୍ରବାଦୀ ପ୍ରଭାବିତ ଜିଲ୍ଲା ବର୍ଗରେ ରଖାଯାଇଛି। ଅନ୍ୟ ୮ଟି ଜିଲ୍ଲା ଯଥା :- ମାଲକାନଗିରି, କୋରାପୁଟ, ନୂଆପଡା, ନବରଙ୍ଗପୁର, କଳାହାଣ୍ଡି, ରାୟଗଡା, ବୌଦ୍ଧ ଏବଂ ବଲାଙ୍ଗିର ଜିଲ୍ଲାକୁ ଲିଗାସୀ ଏବଂ ଥ୍ରଷ୍ଟ ଜିଲ୍ଲା ବର୍ଗରେ ରଖାଯାଇଛି। ଏବେ ରାଜ୍ୟରେ ପ୍ରାୟ ୪୦ଜଣ ସକ୍ରିୟ ମାଓବାଦୀ କଳାହାଣ୍ଡି, ରାୟଗଡା, କନ୍ଧମାଳ, ବୌଦ୍ଧ, ବଲାଙ୍ଗିର ଏବଂ ବରଗଡ ଜିଲ୍ଲାର କିଛି ଅଞ୍ଚଳରେ ଛୋଟ ଛୋଟ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଛନ୍ତି।

ଅଧିକାରୀଙ୍କ ଶିରା ଶିରାରେ ଦୁର୍ନୀତି, ଆକ୍ସନ ମୋଡରେ ଭିଜିଲାନ୍ସ ବିଭାଗ । ବିଗତ ୫ବର୍ଷ ଠାରୁ ବର୍ତ୍ତମାନ ୩୧୦ଜଣ ସରକାରୀ କର୍ମଚାରୀ ଓ ଅଧିକାରୀ ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଏବଂ ଆର୍ଥିକ କାରବାରରେ ଅନିୟମିତତା ସମ୍ପୃକ୍ତରେ ଗିରଫ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୨୨ଜଣ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଏହାଛଡ଼ା ସେମାନଙ୍କ ଠାରୁ ୪୦ କୋଟି ୮୪ ଲକ୍ଷ ୬୭ ହଜାର ୬୬୭ ଟଙ୍କା ଜବତ ହୋଇଛି । ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରଶ୍ନର ଏମିତି ଉତ୍ତର ରଖିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ।

ସେ କହିଛନ୍ତି, ଦୁର୍ନୀତି ନିବାରଣ ବିଭାଗ ଗତ ତିନି ବର୍ଷ ଅର୍ଥାତ୍ ଜାନୁଆରୀ ୨୦୨୩ ଠାରୁ ଡିସେମ୍ବର ୨୦୨୫ ମଧ୍ୟରେ ୬୮୩ଟି ଦୁର୍ନୀତି ମାମଲା ରୁଜୁ କରିଛି । ଏଥିରୁ ୩୩୭ଟି ମାମଲାରେ ଦଣ୍ଡ ବିଧାନ ହୋଇଛି । ୬ଜଣ ଦୁର୍ନୀତିଖୋର ଅଧିକାରୀଙ୍କ ସମ୍ପତ୍ତି ସରକାର ବ୍ୟାଜ୍ୟାପ୍ତି କରିଛନ୍ତି । ଏହି ସମ୍ପତ୍ତିକୁ ଅନ୍ୟତ୍ରେ ବିନିଯୋଗ କରାଯାଇଛି । ଏଥିରେ ଗୋଟିଏ ସରକାରୀ ଉଦ୍ୟାନ କୃଷି ନର୍ସରୀ, ଗୋଟିଏ ସାର୍ବଜନୀନ ହୋମିଓପାଥିକ୍ ଡିସ୍ପେନସାରୀ, ତିନୋଟି ଅଙ୍ଗନୱାଡି କେନ୍ଦ୍ର, ଗୋଟିଏ କାର୍ଯ୍ୟରତ ମହିଳା ଛାତ୍ରାବାସ, ଗୋଟିଏ ଉପ ଡାକଘର ତିଆରି ହୋଇଛି । ଏହାଛଡ଼ା ୩୨,୫୦, ୮୪୪ ଟଙ୍କା ରାଜ୍ୟ କୋଷାଗାରରେ ଜମା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ବିଭାନସଭାରେ ଉତ୍ତର ରଖିଛନ୍ତି ।

## କିସ୍ତୱାଡ ଅପରେସନରେ ୭ଜଣ ଆତଙ୍କବାଦୀ ନିହତ

ଶ୍ରୀନଗର,୨୩।୨: ଜମ୍ମୁ -କାଶ୍ମୀରର କିସ୍ତୱାଡରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ବର୍ଷ ହେଲା ଚାଲିଥିବା ଅପରେସନରେ ପାକିସ୍ତାନସ୍ଥିତ ଆତଙ୍କବାଦୀ ସଙ୍ଗଠନ ଜେସ-ଏ-ମହମ୍ମଦର କମାଣ୍ଡର ସେଫୁଲ୍ଲା ସମେତ ୭ ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଏହି ଅପରେସନରେ ସୁରକ୍ଷାକର୍ମୀଙ୍କ ପକ୍ଷରୁ ଏଫପିଭି ଡ୍ରୋନ୍, ସାଟେଲାଇଟ୍ ଚିତ୍ର, ୟୁଏଭି ପରି ଉଚ୍ଚ ପ୍ରଯୁକ୍ତିବିଦ୍ୟା ସମ୍ପନ୍ନ ଉପକରଣ ବ୍ୟବହାର କରାଯାଇଥିଲା। ୨୦୨୪ରେ ଆତଙ୍କବାଦୀ ଆକ୍ରମଣରେ ୪ ଜଣ ଯବାନ ହୋଇଥିଲେ ସହିଦ ରବିବାର ପୁଲିସ୍, ସିଆର୍‌ପିଏଫ୍ ଓ ସେନାର ମିଳିତ ଦଳ ଚାତ୍ରୁ ଜଙ୍ଗଲ ଅଞ୍ଚଳର ପାସେର୍‌କୁଟ୍‌ଠାରେ ଜେସ୍‌ର ତିନି ପାକିସ୍ତାନୀ ଆତଙ୍କବାଦୀଙ୍କୁ ନିପାତ କରିଥିଲେ। ସେଫୁଲ୍ଲା ଗତ ପାଞ୍ଚ ବର୍ଷ ହେଲା କିସ୍ତୱାଡ ଓ ଡୋଡା ଅଞ୍ଚଳରେ ସକ୍ରିୟ ଥିଲା। ସୁରକ୍ଷାକର୍ମୀଙ୍କ ଉପରେ ବିଭିନ୍ନ ସମୟରେ ଆକ୍ରମଣ ଘଟଣାରେ ତା'ର ସମ୍ପୃକ୍ତି ଥିଲା। ଜୁଲାଇ ୨୦୨୪ରେ ଆତଙ୍କବାଦୀ ଆକ୍ରମଣରେ ୪ ଜଣ ଯବାନ ସହିଦ ହୋଇଥିଲେ। ଏହା ପଛରେ ମଧ୍ୟ ସେଫୁଲ୍ଲାର ହାତ ଥିଲା। ଅନେକ ଥର ସେଫୁଲ୍ଲା ସୁରକ୍ଷାକର୍ମୀଙ୍କ ହାତରୁ ଖସି ଯାଉଥିବାବେଳେ ଗତକାଲି ସେ ଓ ତା'ର ଦୁଇ ସହଯୋଗୀ ସୁରକ୍ଷାକର୍ମୀଙ୍କ ସହିତ ସଂଘର୍ଷରେ ନିହତ ହୋଇଥିଲେ।

## ମାର୍ଚ୍ଚ ୩୧ ସୁଦ୍ଧା ସମ୍ପତ୍ତି ତାଲିକା ନିର୍ଦ୍ଦେଶ

ଭୁବନେଶ୍ୱର,୨୩।୨: ଚଳିତ ବର୍ଷ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପତ୍ତି ତାଲିକା ଦାଖଲ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୁପ 'ଏ' ଠାରୁ ଆରମ୍ଭ କରି ଗ୍ରୁପ 'ଡି' ପର୍ଯ୍ୟନ୍ତ ସମସ୍ତଙ୍କୁ ଦାଖଲ ନିର୍ଦ୍ଦେଶ ଦିଆଯାଇଛି। ଏଚ୍‌ଆର୍‌ଏମ୍‌ଏସ୍ ପୋର୍ଟାଲରେ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଅପଲୋଡ୍ ପାଇଁ ସରକାର ପରାମର୍ଶ ଦେଇଛନ୍ତି। ୨୦୨୫ ବର୍ଷ ପାଇଁ ଶେଷ ସୁଯୋଗ, ନ କଲେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଜିଏ ବିଭାଗ ପକ୍ଷରୁ ସବୁ ସରକାରୀ ବିଭାଗ, ଆର୍‌ଡିସି ଏବଂ ଜିଲାପାଳଙ୍କୁ ଚିଠି ହୋଇଛି।

## ଆଇଡିଏଫସି ଫାଷ୍ଟ ବ୍ୟାଙ୍କରେ ୫୯୦ କୋଟିର ଠକେଇ

ଚଣ୍ଡିଗଡ,୨୩।୨(ନି.ପ୍ର.): ଆଇଡିଏଫସି ଫାଷ୍ଟ ବ୍ୟାଙ୍କର ଏକ ଶାଖାରେ ପ୍ରାୟ ୫୯୦ କୋଟି ଟଙ୍କାର ଏକ ଠକେଇ ହୋଇଛି। ବ୍ୟାଙ୍କ ନିଜେ ଷ୍ଟକ୍ ଏକ୍ସଚେଞ୍ଜକୁ ଜଣାଇଛି ଯେ ଏହାର କିଛି କର୍ମଚାରୀ ଏହି ଠକେଇରେ ସାମିଲ ଅଛନ୍ତି।

ହରିୟାଣା ସରକାରଙ୍କ ଏକ ବିଭାଗ କିଛି ସନ୍ଦେହଜନକ କାରବାର ବିଷୟରେ ବ୍ୟାଙ୍କକୁ ସତର୍କ କରିବା ପରେ ଏହି ଘଟଣା ସାମ୍ନାକୁ ଆସିଥିଲା। ବ୍ୟାଙ୍କ ବର୍ତ୍ତମାନ ଏହି ମାମଲାରେ ସମ୍ପୃକ୍ତ ଥିବା ସନ୍ଦେହରେ ଚାରି ଜଣ କର୍ମଚାରୀଙ୍କୁ ନିଲମ୍ବିତ କରିଛି।ବ୍ୟାଙ୍କ କହିଛି ଯେ ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି ଯେ ଚଣ୍ଡିଗଡ଼ର ଏକ ନିରଦ୍ଦିଷ୍ଟ ଶାଖାରେ ହରିୟାଣା ସରକାରଙ୍କ କିଛି ଆକାଉଣ୍ଟରେ ଜାଲିଆତି ହୋଇଛି। ବ୍ୟାଙ୍କ ଅନୁଯାୟୀ ପ୍ରାୟ ୫୯୦ କୋଟି ଟଙ୍କା ଜଡିତ ଥିବା ଖାତାଗୁଡ଼ିକୁ ପୁନଃ ଯାଞ୍ଚ କରିବାର ପ୍ରକ୍ରିୟା ଚାଲିଛି। ବ୍ୟାଙ୍କ ଏବେ ଅନିୟମିତତା କେତେ ସମୟ ଧରି ଚାଲିଛି ତାହା ନିର୍ଣ୍ଣୟ କରିବାକୁ ଚେଷ୍ଟା କରୁଛି।ବ୍ୟାଙ୍କ ସନ୍ଦେହ କରୁଛି ଯେ ବ୍ୟାଙ୍କ କର୍ମଚାରୀଙ୍କ ସହିତ କିଛି ବାହାର ଲୋକ କିମ୍ବା ସଂସ୍ଥା ମଧ୍ୟ ଏହି ଠକେଇରେ ସାମିଲ ହୋଇପାରନ୍ତି।

ବ୍ୟାଙ୍କ ଏ ବିଷୟରେ ରିଜର୍ଭ ବ୍ୟାଙ୍କକୁ ଜଣାଇଛି ଏବଂ ପୋଲିସରେ ଅଭିଯୋଗ ମଧ୍ୟ କରିଛି। ଏହି ଠକେଇର ସଠିକ୍ ତଦନ୍ତ ପାଇଁ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ପୂର୍ଣ୍ଣ ସହଯୋଗ କରାଯିବ ବୋଲି ବ୍ୟାଙ୍କ ସ୍ପଷ୍ଟ କରିଛି। ଅନିୟମିତତା ଜଣାପଡ଼ିବା ପରେ, ବ୍ୟାଙ୍କ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା ଏବଂ ତଦନ୍ତ ପର୍ଯ୍ୟନ୍ତ ଚାରି ଜଣ ସନ୍ଦିଗ୍ଧ ଅଧିକାରୀଙ୍କୁ ନିଲମ୍ବିତ କରିଥିଲା। ବ୍ୟାଙ୍କ କହିଛି ଯେ ଏହା ତ୍ରୁଟିପୂର୍ଣ୍ଣ କର୍ମଚାରୀ ଏବଂ ବାହାର ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏହା ସହିତ ସମଗ୍ର ମାମଲାର ନିରପେକ୍ଷ ତଦନ୍ତ ସୁନିଶ୍ଚିତ କରିବା ପାଇଁ ଏକ ସ୍ୱାଧୀନ ବାହ୍ୟ ଏଜେନ୍ସି ଦ୍ୱାରା ଫରେନସିକ୍ ଅଡିଟ୍ ଆରମ୍ଭ କରିଛି।

## ଭାରତ-ଆମେରିକା ଟ୍ରେଡ୍ ଡିଲ୍

# ଟାରିଫ୍ ଦ୍ୱନ୍ଦ୍ୱ, ଆଲୋଚନା ସ୍ଥଗିତ

ନୂଆଦିଲ୍ଲୀ/ୱାଶିଂଟନ୍,୨୩।୨ :ଭାରତ ଓ ଆମେରିକା ମଧ୍ୟରେ ୱାଶିଂଟନ୍‌ରେ ସୋମବାରଠାରୁ ୩ ଦିନ ଧରି ଅନ୍ତରୀଣ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି ସମ୍ପର୍କରେ ଆଲୋଚନା କରାଯିବା ନେଇ ପୂର୍ବରୁ ସ୍ଥିର କରାଯାଇଥିଲା। ଉକ୍ତ ବୈଠକରେ ଯୋଗଦେବା ପାଇଁ ଭାରତରୁ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଆମେରିକା ଗସ୍ତ କରିବା ପାଇଁ ରବିବାର ବାହାରିଥିଲା। ବୈଠକରେ ଭାରତ ପକ୍ଷରୁ ଚିଫ୍ ନେଗୋସିଏଟର ଦର୍ପନ ଜୈନ୍ ନେତୃତ୍ୱ ନେଉଥିବାବେଳେ ଆମେରିକା ବାଣିଜ୍ୟ ପ୍ରତିନିଧି ଜାମିଏସନ୍ ଗ୍ରିର ୱାଶିଂଟନ୍‌ର ପକ୍ଷ ରଖିଥାନ୍ତେ। ବୈଠକରେ ଦ୍ୱିପାକ୍ଷିକ ଆଲୋଚନା ବେଳେ ଟ୍ରେଡ୍ ଡିଲ୍‌ରେ ଶେଷସ୍ପର୍ଶ ଦିଆଯିବାକୁ ଥିବାବେଳେ ଶୁକ୍ରବାର ଆମେରିକା ସୁପ୍ରିମକୋର୍ଟ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ଟାରିଫ୍ ଆଭିମୁଖ୍ୟକୁ ବେଆଇନ ଦର୍ଶାଇ ରଦ୍ଦ କରିଦେଇଥିଲେ। ରାଷ୍ଟ୍ରପତି ୧୯୭୭ର ଅନ୍ତର୍ଜାତୀୟ ଜରୁରୀ ଅର୍ଥନୈତିକ କ୍ଷମତା (ଆଇଇଇପିଏ) ବଳରେ ଅତ୍ୟଧିକ ଆମଦାନୀ ଶୁଳ୍କ କଷିପାରିବେ ନାହିଁ ବୋଲି ସେଠାକାର ଶୀର୍ଷ ଅଦାଲତ ସ୍ପଷ୍ଟ କରିଥିଲେ। ସୁପ୍ରିମକୋର୍ଟଙ୍କ ରାୟକୁ ନୈରାଶ୍ୟଜନକ କହି ସମାଲୋଚନା କରିଥିବା ଟ୍ରମ୍ପ ଏହାର କିଛି ଘଣ୍ଟା ପରେ ବିଶ୍ୱବ୍ୟାପୀ ୧୦% ଟାରିଫ୍ ଲଗାଇବାକୁ ଘୋଷଣା କରିଥିଲେ। ସେ ଶନିବାର ଏହି ଟାରିଫ୍‌କୁ ୧୫% ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ।

ପୂର୍ବରୁ ଭାରତ ଉପରେ ଟ୍ରମ୍ପ ଲଗାଇଥିବା ଆମଦାନୀ ଶୁଳ୍କ ଓ ରୁଷୀୟ ତୈଳ କ୍ରୟ ବାବଦକୁ ମୋଟ ୫୦% ଟାରିଫ୍ ଲଗାଇଥିବାବେଳେ ଫେବୃଆରୀ ପ୍ରାରମ୍ଭରେ ଏହାକୁ ୧୮%କୁ ଖସାଇଦେଇଥିଲେ। ଅନ୍ୟପକ୍ଷେ ସୁପ୍ରିମକୋର୍ଟ ଝଟକା ପରେ ଟ୍ରମ୍ପ ଭାରତରୁ ଆମେରିକାକୁ ଆମଦାନୀ ହେବାକୁ ଥିବା ସାମଗ୍ରୀଗୁଡ଼ିକ ଉପରେ ଟାରିଫ୍ ଅପରିବର୍ତ୍ତିତ ରହିବ ବୋଲି ହ୍ୱାଇଟ୍ ହାଉସ୍‌ରେ ଖବରଦାତାମାନଙ୍କୁ ସୂଚନା ଦେଇଥିଲେ। ଟ୍ରମ୍ପ କହିଥିଲେ, ସୁପ୍ରିମକୋର୍ଟଙ୍କ ରାୟ ସତ୍ତ୍ୱେ ଭାରତ ସହ ବାଣିଜ୍ୟ ଚୁକ୍ତିନାମାରେ କୌଣସି ପରିବର୍ତ୍ତନ ହେବ ନାହିଁ । ଭାରତ ଆମକୁ ଟାରିଫ୍ ଦେବ କିନ୍ତୁ ଆମେ ଦେବୁନାହିଁ। ଭାରତ ସହ ଏହା ହିଁ ଚୁକ୍ତି। ପୂର୍ବରୁ ଯାହା ଥିଲା, ସେଥିରେ ପରିବର୍ତ୍ତନ ହୋଇଛି। ଆପଣମାନେ ଜାଣନ୍ତି ଯେ ଭାରତ ଓ ମୁଁ ଭାବୁଛୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜଣେ ବହୁତ ଭଦ୍ରଲୋକ, କିନ୍ତୁ ସେ ଅନ୍ୟମାନଙ୍କଠାରୁ ଅଧିକ ସ୍ମାର୍ଟ। ସେ ଆମେରିକାଠାରୁ ଫାଇଦା ଉଠାଉଥିଲେ। ସେଥିପାଇଁ ଆମେ ଭାରତ ସହ ଡିଲ୍ କଲୁ। ଏହା ବହୁତ ଭଲ ଚୁକ୍ତିନାମା, ଯେଉଁଥିରେ ଆମେ ସେମାନଙ୍କୁ ଟାରିଫ୍ ଦେବୁନାହିଁ, କିନ୍ତୁ ସେମାନେ ଆମକୁ ପୈଠ କରିବେ ବୋଲି ଟ୍ରମ୍ପ ସ୍ପଷ୍ଟ କହିଥିଲେ। ଏଭଳି ସ୍ଥିତିରେ ଭାରତରୁ ଆମେରିକାକୁ ପ୍ରବେଶ କରିବାକୁ ଥିବା ସାମଗ୍ରୀଗୁଡ଼ିକ ୧୫% ନା ୧୮% ଆମଦାନୀ ଶୁଳ୍କର ସମ୍ମୁଖୀନ ହେବ ସେନେଇ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଥିଲା। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ ଆଲୋଚନାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଉଭୟ ପକ୍ଷ ବିଚାରବିମର୍ଶ ପରେ ବୈଠକ ପାଇଁ ସହମତି ଭିତ୍ତିରେ ନୂଆ ତାରିଖ ଘୋଷଣା କରିବେ ବୋଲି ଭାରତ ଓ ଆମେରିକା ପକ୍ଷରୁ ପୃଥକ୍ ଭାବେ ସୂଚନା ଦିଆଯାଇଛି।



## ଭୋପାଳରେ ନାବାଳକଙ୍କୁ ଛୁରି ଓ କଟୁରିରେ ଆକ୍ରମଣ କଲେ ସହପାଠୀ, ଅଧ ମିନିଟରେ ୨୭ ଥର ଛୁରାମାଡ

ଭୋପାଳ୨୩।୨(ନି.ପ୍ର.): କିଶୋର କିଶୋରୀଙ୍କ ମଧ୍ୟରେ କ୍ରୋଧ ଓ ଅପରାଧପ୍ରବଣତା ବଢ଼ିବାରେ ଲାଗିଛି। ସାମାନ୍ୟ କଥାରେ ଉତ୍ତେଜିତ ହୋଇ ଜଣେ ଅନ୍ୟ ଜଣଙ୍କୁ ଆକ୍ରମଣ କରିବାକୁ ପଛାଉ ନାହାନ୍ତି। ମଧ୍ୟପ୍ରଦେଶର ଭୋପାଳରେ ଏପରି ଏକ ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉଦ୍‌ବେଗ ପ୍ରକାଶ ପାଇଛି। ଏକ ସ୍କୁଲର କ୍ଲବରେ ଜଣେ ୧୬ ବର୍ଷୀୟ ଦଶମ ଶ୍ରେଣୀର ଛାତ୍ରଙ୍କୁ ତାଙ୍କର ଦୁଇ ସହପାଠୀ ଛୁରି ଓ କଟୁରିରେ ଆକ୍ରମଣ କରିଥିଲେ। ମାତ୍ର ୩୦ ସେକେଣ୍ଡରେ ସେମାନେ ୨୭ ଥର ଆକ୍ରମଣ କରି ଛାତ୍ର ଜଣଙ୍କୁ ଲହୁଲୁହାଣ କରିଦେଇଥିଲେ। ଏପରିକି ନିଜ ସହପାଠୀଙ୍କୁ ଏପରି ନୃଶଂସ ଭାବେ ଆକ୍ରମଣ କରିବାର ସିସିଟିଭି ଫୁଟେଜ୍ ସାମାଜିକ ଗଣମାଧ୍ୟମରେ ସେୟାର କରିବାକୁ ସାହସ କରିଥିଲେ। ନାବାଳକଙ୍କ ଗୋଟିଏ ହାତରେ ୧୦ରୁ ଅଧିକ ଥର ଗଭୀର ଆଘାତ ଲାଗିଛି। ତାଙ୍କ ଅନ୍ୟ ହାତର ଦୁଇଟି ଆଙ୍ଗୁଠି କଟି ଯାଇଥିଲାବେଳେ କାନ୍ଧ ଓ ପିଠିରେ ମଧ୍ୟ ଗମ୍ଭୀର ଆଘାତ ଲାଗିଛି।

# ପୁଣି ବିବାଦରେ ଜଗତପୁର ମହାଜନପୁର

## ବିପୁଳ ପରିମାଣର ବାଣ ସାମଗ୍ରୀ ଠାବ, ବିସ୍ଫୋରକ ସାମଗ୍ରୀ ଗଦା ଦେଖି ପୁଲିସ ତାଜୁବ୍

ଜଗତପୁର,୨୩।୨(ନି.ପ୍ର.): କଟକ ସହର ଉପକଣ୍ଠ ଜଗତପୁର ଥାନା ଅଧୀନ ମହାଜନପୁର ବାଣ ବିସ୍ଫୋରଣରେ ଗୋଟିଏ ପରିବାରର ତିନି ଜଣ ସଦସ୍ୟଙ୍କ ଅକାଳ ମୃତ୍ୟୁ ଘଟଣା ମନରୁ ନ ଲିଭୁଣୁ ପୁଣି ଉକ୍ତ ଗ୍ରାମ ନିକଟସ୍ଥ ଏକ ଜଙ୍ଗଲିଆ ସ୍ଥାନରୁ ପୁଲିସ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଠାବ କରିଛି ।

ବେଆଇନ ବାଣ ପ୍ରସ୍ତୁତକାରୀଙ୍କ ଉପରେ ରୋକ୍ ଲଗାଇବାକୁ ୩ଦିନ ଧରି ପୁଲିସ ଆକ୍ସନ୍ ମୋଡ୍‌ରେ ରହି ତଦନ୍ତ ପ୍ରକ୍ରିୟାକୁ ଜୋର୍‌ଦାର କରିଥିଲା । ପ୍ରତିଦିନ ବେଆଇନ ବାଣ ପ୍ରସ୍ତୁତକାରୀଙ୍କ ତାଲିକା କରି ବିଭିନ୍ନ ସ୍ଥାନରେ ଯାଞ୍ଚ କରୁଥିଲା। ଏହି କ୍ରମରେ ବେଆଇନ ବାଣ ମହଜୁଦ୍ ଥିବା ମହାଜନପୁର ଗ୍ରାମ ପାଶ୍ୱର୍ ଏକ ଛୋଟିଆ ଜଙ୍ଗଲରୁ ବିପୁଳ ପରିମାଣର ବିସ୍ଫୋରକ ଠାବ କରିଛି ପୁଲିସ ଟିମ୍ । ସେଠାରେ ଟନ୍ ଟନ୍ ପରିମାଣର ବାଣ, ବାରୁଦ ସହ ବାଣରେ ବ୍ୟବହୃତ ଅନ୍ୟ ବିସ୍ଫୋରକ, ସାମଗ୍ରୀ ରହିଥିବା ଦେଖାଯାଇଛି। ବିସ୍ଫୋରଣ ଭଳି କିଛି ଅଘଟଣ ଆଶଙ୍କାରେ ପୁଲିସ ସମ୍ପୃକ୍ତ ସ୍ଥାନଠାରୁ କିଛି ଦୂରରୁ ଏହାକୁ ଘେରାଉ କରି ରଖିଛି ।

ତେବେ ଏଭଳି ବିପଜ୍ଜନକ ସାମଗ୍ରୀକୁ ଜବତ ସହ ଯାଞ୍ଚ କରି ତାଲିକା ପ୍ରସ୍ତୁତ କରିବା



ନେଇ ବଡ ସମସ୍ୟା ଉପୁଜିଛି। ସବୁଠୁ ବିପଦଜନକ ବମ୍, ଆସ୍ମାନ୍ ଗୋଲା ତିଆରିରେ ବ୍ୟବହୃତ ବସ୍ତା ବସ୍ତା ବାରୁଦ ପ୍ରାୟ ୫୦ ମିଟର ଲମ୍ବ ଓ ୨୦ ମିଟର ଚଉଡା ପରିମିତ ଏହି ଜଙ୍ଗଲିଆ ସ୍ଥାନରେ ରହିଛି । ପୁଳା ପୁଳା ବିସ୍ଫୋରକ କେଉଁଠି ଲତା, ବୁଦା ମୂଳରେ ତ' ପୁଣି କେଉଁଠି ଗଛକୁ ଡେରା ହୋଇ ରହିଥିବା ଦେଖିବାକୁ ମିଳିଛି । ଜବତ ସମୟରେ ଟିକିଏ ଅସାବଧାନ ହେଲେ ବିସ୍ଫୋରଣ ହୋଇ ଜୀବନ ଚାଲିଯିବାର ଭୟ ରହିଛି । ଏପରିସ୍ଥଳେ ବମ୍ ଡିସ୍ପୋଜାଲ ସ୍କ୍ୱାଡ୍ ଓ ଦମକଳ ବାହିନୀ ସହାୟତାରେ ଏଗୁଡିକୁ ନଷ୍ଟ କରିବା ପାଇଁ ପୁଲିସ ପ୍ରକ୍ରିୟା ଆରମ୍ଭ କରିଛି । ଆସନ୍ତାକାଲି ଏହା କରାଯିବ ବୋଲି ସୂଚନା ମିଳିଛି । ଘଟଣାସ୍ଥଳରେ ଦିନରାତି ପୁଲିସ ପ୍ରହରାକୁ କଡାକଡି କରାଯାଇଛି । ପୁଲିସ ଚଢଉରୁ ବର୍ତ୍ତିବା ପାଇଁ ବେଆଇନ ବାଣ ପ୍ରସ୍ତୁତକାରୀମାନେ ଯୋଜନାବଦ୍ଧ ଭାବେ ଗହୀର ବିଲ ମଧ୍ୟରେ ଘଞ୍ଚ ଜଙ୍ଗଲିଆ ସ୍ଥାନରେ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ରଖିଥିବା ଅନୁମାନ କରାଯାଉଛି । ଏବେ ଦୋଳ ଯାତ୍ରା ଓ ବିବାହ ଋତୁ ଚାଲିଥିବାରୁ ଅର୍ଡର ମୁତାବକ ବାଣ ପ୍ରସ୍ତୁତ କରାଯାଇ ଏଠାରେ ଗୁପ୍ତରେ ରଖାଯାଇଥିବା କୁହାଯାଉଛି । ଜନସାଧାରଣ ଓ ପୁଲିସର ଦୃଷ୍ଟି ଆଢୁଆଳରେ ବେଆଇନ ଭାବେ ଏଠାରେ ବାଣ ପ୍ରସ୍ତୁତ କରାଯାଇ କ୍ରମାଗତ ଭାବେ ବାହାରକୁ ଚାଲାଣ କରାଯାଉଥିବା ପ୍ରାଥମିକ ତଦନ୍ତୁ ଜଣାପଡିଛି । ଜଙ୍ଗଲିଆ ସ୍ଥାନଟିର ଭିତରୁ ବାହାରକୁ ସ୍ପଷ୍ଟ ଦେଖାଯାଉନଥିବା କଣ୍ଟାଗଛ ସଫା କରାଯାଇଛି । ଏଠାରେ ଏକାଧିକ ବ୍ୟକ୍ତି ବାଣ ପ୍ରସ୍ତୁତ କରିବା ଭଳି ସ୍ଥାନ ରହିଛି।

## ଆମେରିକାର ପୂର୍ବ ଉପକୂଳରେ ପ୍ରବଳ ତୁଷାର ଝଡ

ନ୍ୟୁୟର୍କ: ଆମେରିକାର ପୂର୍ବ ଉପକୂଳରେ ରବିବାରଠାରୁ ପ୍ରବଳ ତୁଷାର ଝଡ ଯୋଗୁଁ ଜନଜୀବନ ଉପରେ ବ୍ୟାପକ ପ୍ରଭାବ ପଡିଥିବାବେଳେ ୮୦୦୦ରୁ ଅଧିକ ବିମାନ ବାତିଲ ହୋଇଛି। ନ୍ୟୁୟର୍କ ଓ ନ୍ୟୁଜର୍ସି ସମେତ ଅନେକ ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି।

## ଡାହୁକ



-ବିଧୂ

# ମେଡିଆନ୍ ସୌନ୍ଦର୍ଯ୍ୟକରଣ କରିବ ସ୍ମାର୍ଟସିଟି

## ବାଣୀବିହାରରୁ ଶିଶୁଭବନ ରାସ୍ତାରେ ଲାଗିବ ଅର୍ଣ୍ଣାମେଣ୍ଟାଲ ଟ୍ରି

ଭୁବନେଶ୍ୱର,୨୩/୦୨: ଜନପଥ ପୁଣି ଝଲସିବ । ସୌନ୍ଦର୍ଯ୍ୟକରଣ ଫେରିବ । ବସନ୍ତରେ ନୂଆ ଗଛ ପୋତିବାକୁ ଅଣ୍ଟା ଭିଡିଛି ଭୁବନେଶ୍ୱର ସ୍ମାର୍ଟସିଟି ଲିମିଟେଡ୍ (ବିଏସ୍‌ସିଏଲ୍) । ବିଏସ୍‌ସିଏଲର ପରିଚାଳନା ନିର୍ଦ୍ଦେଶକ ଚଞ୍ଚଳ ରାଣାଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏହି ନିଷ୍ପତ୍ତି ହୋଇଛି । ବାଣୀବିହାରରୁ ଶିଶୁ ଭବନ ଛକ ପର୍ଯ୍ୟନ୍ତ ଜନପଥ ରାସ୍ତାକୁ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ବିଏସ୍‌ସିଏଲ୍ ପକ୍ଷରୁ ବାଉଁଶ ବାଡ ଲଗାଯାଇଥିଲା । ହେଲେ ମାତ୍ର ୩ ବର୍ଷ ଭିତରେ ଏହି ବାଉଁଶବାଡ ଭାଙ୍ଗିଗଲା । ଯାହା କିଛି ବାକିଥିଲା ମେଟ୍ରୋ ପ୍ରକଳ୍ପ ପାଇଁ ଖୋଳାଖୋଳିରେ ବରବାଦ ହେଲା । ସେବେଠୁ ଜନପଥ ତାର ହୃତ୍ ଗୌରବ ହରାଇ ବସିଥିଲା । ହଜିଯାଇଥିବା ଏହି ଜନପଥର ପରିଚୟ ପୁଣି ଖୋଜି ଆଣିବ ସ୍ମାର୍ଟସିଟି ।

ବାଣୀବିହାରରୁ ଶିଶୁଭବନ ରାସ୍ତା ମେଡିଆନ୍‌ରେ ଗଛ ଲାଗିବ । ୫.୨ କିମି ଏହି ମେଡିଆନ୍‌ରେ ଭଳିକି ଭଳି ଅର୍ଣ୍ଣାମେଣ୍ଟାଲ ଟ୍ରି ଲାଗିବ । ଏଥିପାଇଁ ୨.୬୯ କୋଟି ଟଙ୍କା ଖର୍ଚ୍ଚ କରିବାକୁ ସ୍ମାର୍ଟସିଟି ଯୋଜନା କରିଛି । ବୈଠକରେ ଏହି ନିଷ୍ପତ୍ତି ଉପରେ ମୋହର ବାଜିଛି। କାମ ଖୁବ୍‌ଶୀଘ୍ର ଆରମ୍ଭ କରାଯିବ । ଖାଲି ମେଡିଆନ୍ ନୁହେଁ, ଭୁବନେଶ୍ୱର ରେଳ ଷ୍ଟେସନର ମଧ୍ୟ ବିକାଶ ଚାଲିଛି । ଏହି ଦୃଷ୍ଟିରୁ ମାଷ୍ଟରକ୍ୟାଣ୍ଟିନ୍ ଆଇ ଲଭ ଭୁବନେଶ୍ୱର ପାରିପାର୍ଶ୍ୱିକର ମଧ୍ୟ ବିକାଶ କରିବାକୁ ଯୋଜନା କରାଯାଇଛି । ଏହା ସହ ରାଜମହଲରୁ ଶିଶୁଭବନ ଆଖପାଖର ବିକାଶ ହେବ । ଏନେଇ ସ୍ମାର୍ଟସିଟି ଲିମିଟେଡ ପକ୍ଷରୁ ନକ୍ସା ଅଙ୍କାଯାଇଛି ।ମେଡିଆନ୍‌ରେ ଗଛ ଲାଗିବା ସହ ଏଥର ଷ୍ଟିଲ ବାଡ ଘେରାଯିବ । ଏନେଇ ୬୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ଯୋଜନା କରାଯାଇଥିଲା। ବର୍ଷକ ପୂର୍ବରୁ ଷ୍ଟିଲ୍ ବାଡ କରିବାକୁ ନିଷ୍ପତ୍ତି ହୋଇଥିଲେ ମଧ୍ୟ କାର୍ଯ୍ୟ ଆଗେଇ ପାରିନଥିଲା । ଏବେ ଉଭୟ ମେଡିଆନ୍ ସୌନ୍ଦର୍ଯ୍ୟକରଣ



ଏବଂ ଷ୍ଟିଲ ବାଡର କାମ କରିବାକୁ ଯୋଜନା ହୋଇଛି ।

ବିଏମ୍‌ସି, ବିଡିଏ ଏବଂ ସ୍ମାର୍ଟସିଟି ପକ୍ଷରୁ ମିଳିତ ଭାବେ ଭୁବନେଶ୍ୱର ବିଭିନ୍ନ ସ୍ଥାନରେ ମେଡିଆନ୍ ଏବଂ ଫୁଟ୍‌ପାଥ୍ ସୌନ୍ଦର୍ଯ୍ୟକରଣ କରାଯାଉଛି । ନିକଟରେ ବିଏମ୍‌ସି ପକ୍ଷକୁ ନାଲକୋ ସହିତ ଚୁକ୍ତି ହୋଇଛି । ଏଥିରେ ଜୟଦେବ ବିହାରରୁ ନାଲକୋ ଛକ ପର୍ଯ୍ୟନ୍ତ ରାସ୍ତାକୁ ନାଲକୋ ଏବଂ ବିଏମ୍‌ସି ମିଳିତ ଭାବେ ସଜାଡିବେ ।

## ରାଜ୍ୟସଭା ପ୍ରାର୍ଥୀ ନେଇ ବଢ଼ିଲା ତାତି

# କେଉଁ ଦଳ କାହାକୁ କରିବେ ପ୍ରାର୍ଥୀ, ପ୍ରସ୍ତୁତ ଚାଲିଛି ରଣନୀତି

ଭୁବନେଶ୍ୱର,୨୩।୨(ନି.ପ୍ର.): ରାଜ୍ୟସଭା ୪ ଆସନରେ କିଏ ହେବ ପ୍ରାର୍ଥୀ କେଉଁ ଦଳ କାହାକୁ ପ୍ରାର୍ଥୀ କରିବ, ସେ ନେଇ ରାଜନୈତିକ ତାତି ବିବାରେ ଲାଗିଛି । ନିର୍ବାଚନ ତାରିଖ ଯେତେ ପାଖେଇ ଆସୁଛି, ପ୍ରତିଦିନ ନୂଆ ନୂଆ ସମୀକରଣ ଦେଖିବାକୁ ମିଳୁଛି । ଏଥିସହିତ ନେତାଙ୍କ ଭିନ୍ନ ଭିନ୍ନ ବୟାନବାଜି ମଧ୍ୟ ଶୁଣିବାକୁ ମିଳୁଛି । କିଛିଦିନ ଅସୁସ୍ଥତା ପରେ ସ୍ୱାଭାବିକ ହେଉଥିବା ବରିଷ୍ଠ କଂଗ୍ରେସ ନେତା ତାରାପ୍ରସାଦ ବାହିନୀପତି ରାଜ୍ୟସଭା ନିର୍ବାଚନ ନେଇ ରୋଚକ ମନ୍ତବ୍ୟ ଦେଇଛନ୍ତି ।

ତାରା କହିଛନ୍ତି, ବିଜେଡି ଏବଂ ବିଜେପି ବିଧାୟକ ଆମ ସମ୍ପର୍କରେ ଅଛନ୍ତି । କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଚାମ୍ବରରେ ପିସିସି ସଭାପତି ଭକ୍ତଚରଣ ଦାସ ରୁଦ୍ଧଦ୍ୱାର ବୈଠକ କରିଛନ୍ତି । କଂଗ୍ରେସର ବିଧାୟକମାନେ କବାଟକିଳା ବୈଠକରେ ଶପଥ ନେଇଛନ୍ତି । ସେମାନେ କେବଳ କଂଗ୍ରେସ ପ୍ରାର୍ଥୀଙ୍କୁ ହିଁ ଭୋଟ ଦେବେ । ପିସିସି ସଭାପତି ନିଷ୍ପତ୍ତି ନେଇଛନ୍ତି, କଂଗ୍ରେସରୁ ପ୍ରାର୍ଥୀ ଦିଆଯିବ । ବିଜେପି ଯାହା ଭାବୁଛି, ବିଜେଡି ସହ ମିଶି ପ୍ରାର୍ଥୀ ଦେବେ, ତାଙ୍କର ଏହି ଗଣିତ ସଫଳ ହେବ ନାହିଁ । କଂଗ୍ରେସ ଯେଉଁ ପ୍ରାର୍ଥୀ ଦେବ, ତାକୁ ବିଜେଡିର କିଛି ବିଧାୟକ ସମର୍ଥନ ଦେବେ । ଏ ନେଇ ବିଚାର ବିମର୍ଶ ଚାଲିଛି । ରାହୁଲ ଗାନ୍ଧି ରାଜ୍ୟସଭା ପ୍ରାର୍ଥୀ ନେଇ ଆଲୋଚନା କରିବା ପାଇଁ ଡାକିବେ । ଭକ୍ତ ଦାସ ଶେଷ ନିଷ୍ପତ୍ତି ନେବେ ବୋଲି ତାରା କହିଛନ୍ତି ।

ସେହିପରି ବିଜେଡି ବିଧାୟକ ଯୋଗେଶ ସିଂ କହିଛନ୍ତି, ବିଜେପି ଘୋଡା ବେପାରରେ ସଫଳ ହେବନି । ଆମେ ଘୋଡା ବେପାର କରୁ ନଥିଲୁ । ତେବେ ରାଜ୍ୟସଭା ପ୍ରାର୍ଥୀ କିଏ ହେବ ସେ ନିଷ୍ପତ୍ତି ଆମ ସଭାପତି ନେବେ । ବିଜେପି ବହୁତ କଥା କହିବ । ସେମାନେ କୁହାଳିଆ ସରକାର । ଭାଷଣବାଜିରେ ଏକ ନମ୍ବର । ହେଲେ କାର୍ଯ୍ୟକାରୀ କରିବାରେ ଫେଲ୍ । ଏମାନେ ପୁଞ୍ଜିପତି ସରକାର । ଏ ସରକାର ପୁଞ୍ଜିପତିମାନଙ୍କ କଣ୍ଟ୍ରୋଲରେ । ସେମାନେ ସବୁ ସିଟ୍ ନେବାକୁ ଉଦ୍ୟମ କରିବେ । ଆମେ ମଧ୍ୟ କରୁଥିଲୁ । ଆମେ ସେଥିରେ ସଫଳ ମଧ୍ୟ ହେଉଥିଲୁ । କାହାର କ୍ଷତି କରୁନଥିଲୁ । ନିୟମ ଅନୁସାରେ କରୁଥିଲୁ । ଆମେ ଘୋଡା ବେପାର କରୁନଥିଲୁ । ଏମାନେ ଘୋଡା ବେପାର କଲେ ମଧ୍ୟ ସଫଳ ହେବେ ନାହିଁ ବୋଲି ଶ୍ରୀ ସିଂ କହିଛନ୍ତି । ଯୁବ ବିଜେଡି ରାଜ୍ୟ ସଭାପତି ଚିନ୍ମୟ ସାହୁ କହିଛନ୍ତି, ଆମର ଗୋଟିଏ ଇଞ୍ଜିନ୍, ଗୋଟିଏ ନେତା । ନବୀନ ସବୁବେଳେ ସରପ୍ରାଇଜ୍ ଦିଅନ୍ତି । ଏଥର ରାଜ୍ୟସଭା ଆସନକୁ ନେଇ ବି ମାଷ୍ଟରଷ୍ଟ୍ରୋକ୍ ଖେଳିବେ ନବୀନ । ଆଉ ସେହି ମାଷ୍ଟରଷ୍ଟ୍ରୋକ୍‌ରେ ସମସ୍ତ ବିରୋଧୀ ଘାଇଲା ହୋଇଯିବେ ।

ଅପରପକ୍ଷେ ବିଜେପି ବିଧାୟକ ସରୋଜ କୁମାର ପାଢ଼ୀ କହିଛନ୍ତି, ତାରା ବାହିନିପତି ବାହାର ଦୁନିଆ ବିଷୟରେ ଜାଣିନାହାନ୍ତି । ଆମ ବିଧାୟକମାନେ କଂଗ୍ରେସ ସହ ନୁହେଁ, କଂଗ୍ରେସ ବିଧାୟକମାନେ ଆମ ସଂସ୍ପର୍ଶରେ ଅଛନ୍ତି । ଚତୁର୍ଥ ପ୍ରାର୍ଥୀ ଦେଲେ, କଂଗ୍ରେସର କିଛି ବିଧାୟକ ଆମକୁ ସମର୍ଥନ ଦେବେ । ପିସିସି ସଭାପତି ଯେତେ କବାଟ କିଳି ନିଜ ବିଧାୟକଙ୍କୁ ଶପଥ କରାନ୍ତୁ, କିନ୍ତୁ ଫଳ ଓଲଟା ହେବ ବୋଲି ଶ୍ରୀ ପାଢୀ କହିଛନ୍ତି । ଅନୁରୂପ ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ଯେ ବିଜେପିର କୋର କମିଟି ବୈଠକରେ ରାଜ୍ୟସଭା ପ୍ରାର୍ଥୀ ନେଇ ଆଲୋଚନା ପରେ ଯାହା ନିର୍ଯ୍ୟାସ ବାହାରିବ ତାହା ସଂସଦୀୟ ବୋର୍ଡକୁ ପଠାଯିବ । ସଂସଦୀୟ ବୋର୍ଡ ଚୂଡାନ୍ତ ନିଷ୍ପତ୍ତି ନେବ ବୋଲି ଶ୍ରୀ ସାମଲ କହିଛନ୍ତି।



## ଆଦିବାସୀ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

ଜଗତସିଂହପୁର, **୨୩।୨:(ମନ୍ଥନ)**ଜନୈକା ଆଦିବାସୀ ନାବାଳିକା ଙ୍କୁ ପୁରଣ୍ ଗ୍ରାମର ଜନୈକ ଲୋକ ଦୁଷ୍କର୍ମ କରିଥିବା କଥା ପୀଡିତକ୍ଷ ର ପିତା ମାତା ରଘୁନାଥପୁର ଥାନା ରେ ଅଭିଯୋଗ କରିଛନ୍ତି ।ଅଭିଯୋଗ ରୁ ପ୍ରକାଶ, ରଘୁନାଥପୁର୍ ଥାନା ଅନ୍ତର୍ଗତ ପୁରଣ୍ (ବକ୍ଷଙ୍କ ଲ ) ଗ୍ରାମର ଆଦିବାସୀ ସାହି ରେ ଆଜି ଅପରାହ୍ନ ୪ ଟା ସମୟରେ ଜନୈକ ଆଦିବାସୀ ବ୍ୟକ୍ତି ଓ ତାର ସ୍ତ୍ରୀ କାମକୁ ଯାଇଥିଲେ, ଘରେ ୧୪ ବର୍ଷ ର ନାବାଳିକା କନ୍ୟା ଥିଲେ,



ଏହି ଅବସରରେ ପୁରଣ୍ ଗ୍ରାମର ଗୁନା ପଳେଇ ଙ୍କ ପୁଅ ମଡିଅ। ପଳେଇ( ୬୧ )ବର୍ଷ ତାଙ୍କ ଘରେ ପଶି ଉକ୍ତ ନାବାଳିକା ଙ୍କୁ ଦୁଷ୍କର୍ମ କରିଥିଲା ବୋଲି ପୀଡିତା ର ବାପା ଓ ମା ଥାନା ରେ ଅଭିଯୋଗ କରିଛନ୍ତି ଏହି ଅଭିଯୋଗ କୁ ଥାନା ଏସ୍ ଅ।ଇ ଯୋଗେଶ୍ୱର ବେହେରା ଗ୍ରହଣ କରି ତଦନ୍ତ ଅ।ରମ୍ଭ କରିଛନ୍ତି । ଅ।ସାମୀ କୁ ଗିରଫ୍ କରିନାହାନ୍ତି ।

## ବାରିପଦାରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ ଉପମୁଖ୍ୟମନ୍ତ୍ରୀ ମୁଖ୍ୟ ଅତିଥି

ବାରିପଦା,**୨୩।୨:(ମନ୍ଥନ)**ସ୍ଥାନୀୟ ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ରବିବାର ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ୧୩୧-ତମ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଆଡମ୍ବର ସହକାରେ ଅ।ୟୋଜିତ ହୋଇଯାଇଛି ।ଏଥିରେ ରାଜ୍ୟର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଗୁରୁତ୍ୱ ନେଇ ଉପସ୍ଥିତ ଜନତାଙ୍କୁ ବୁଝାଇଥିବା ଜଣାଯାଇଛି।



ବିଜେପି ମୟୂରଭଞ୍ଜ (ପୂର୍ବ) ସାଙ୍ଗଠନିକ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମନ୍ କୀ ବାତ ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ, ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜୀବନ କୁମାର ସାହୁ ଓ ସଞ୍ଜୀବ କୁମାର ମହାନ୍ତି ତଥା ବିଜେପି ରାଜ୍ୟ ଜନଜାତି ମୋର୍ଚ୍ଚା ସଭାପତି କାନ୍ଦ୍ରା ସୋରେନ ଓ ବିଜେପି ରାଜ୍ୟ ପ୍ରବକ୍ତା କବିବିଷ୍ଣୁ ଶତପଥୀ ପ୍ରମୁଖ ଉପସ୍ଥିତ ରହି ମଞ୍ଚାସୀନ ଥିଲେ । ସଭାରେ ବହୁସଂଖ୍ୟକ ଦଳୀୟ କର୍ମୀ, ବୁଦ୍ଧିଜୀବୀ ଓ ସ୍ଥାନୀୟ ଜନସାଧାରଣ ଯୋଗ ଦେଇ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମକୁ ଦେଖିଥିଲେ ।

## ଦିନିକିଆ ବାରିପଦା ଗସ୍ତରେ ରାଜ୍ୟପାଳ ଦ୍ୱିତୀୟ ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ କଲେ ପୂଜାର୍ଚ୍ଚନା

ବାରିପଦା, **୨୩।୨:(ମନ୍ଥନ)**ଦିନିକିଆ ବାରିପଦା ଗସ୍ତରେ ରାଜ୍ୟପାଳ ଶ୍ରୀ ହରିବାବୁ କମ୍ଭମପାଟି ଅ।ସି ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ରିଜର୍ଭ ପୁଲିସ ପଡ଼ିଅ।ସ୍ଥିତ ହ୍ୟାଲିପେଡ୍ରେ ଅବତରଣ କରିବା ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. କୃଷ୍ଣଚନ୍ଦ୍ର ମହାପାତ୍ର, ରାଇରଙ୍ଗପୁର ବିଧାୟକ ଶ୍ରୀ ଜଲେନ ନାଏକ, ଜିଲ୍ଲାପାଳ ଶ୍ରୀ ହେମକାନ୍ତ ସୟ, ଅ।ରକ୍ଷୀ ଅଧିକ୍ଷକ ଶ୍ରୀ ବରୁଣ ଗୁଣ୍ଟୁପାଲୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ କରିଥିଲେ । ରାଜ୍ୟପାଳ ପ୍ରଥମେ ଦ୍ୱିତୀୟ ଶ୍ରୀକ୍ଷେତ୍ର କୁହାଯାଉଥିବା ବାରିପଦାସ୍ଥିତ ଜଗନ୍ନାଥ ମନ୍ଦିରରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଛନ୍ତି । ଏହି ଅବସରରେ ରାଜ୍ୟବାସୀଙ୍କ ଶାନ୍ତି ଓ ସମୃଦ୍ଧି କାମନା କରି ରାଜ୍ୟପାଳ ପୂଜାର୍ଚ୍ଚନା କରିଥିଲେ । ଏହାପରେ କଲେଜ ପଡିଅ।ଠାରେ ଅନୁଷ୍ଠିତ ହେଉଥିବା ସାର୍ବଜନୀନ ସାମାଜିକ



କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡ଼. ମହାପାତ୍ରଙ୍କ ପୁତ୍ର ଅ।ୟୁଷ୍ମାନ ଅ।ସ୍ତିକ ମହାପାତ୍ରଙ୍କ ବ୍ରତପୋନୟନ କାର୍ଯ୍ୟକ୍ରମରେ ଯୋଗଦେଇ ଅ।ଶିର୍ବାଦ ପ୍ରଦାନ କରିଥିଲେ । ପାରମ୍ପରିକ ମୂଲ୍ୟବୋଧ ଓ ସାଂସ୍କୃତିକ ପରମ୍ପରାର ସୁରକ୍ଷା ପ୍ରତି ଗୁରୁତ୍ୱାରୋପ କରିବା ସହ ସେଗୁଡ଼ିକୁ ବଜାୟ ରଖିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସମେତ ବିଭିନ୍ନ ବର୍ଗରେ ପ୍ରତିଷ୍ଠିତ ବ୍ୟକ୍ତି ଓ ବହୁ ସଂଖ୍ୟାରେ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ । ଜିଲ୍ଲା ପ୍ରଶାସନ ପକ୍ଷରୁ ରାଜ୍ୟପାଳଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଦୃଷ୍ଟିରେ ରଖି ବ୍ୟାପକ ପ୍ରସ୍ତୁତି କରାଯାଇଥିବାବେଳେ ସୁରୁରୁ ରୂପେ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍ଣ୍ଣ ହୋଇଥିଲା।

## ଅବସର ପ୍ରାପ୍ତ ଛାତ୍ରବତ୍ସଳ ଶିକ୍ଷକଙ୍କ ପରଲୋକ

କାକଟପୁର,**୨୩।୨:(ମନ୍ଥନ)**କାକଟପୁର ବ୍ଲକ ଅଧିନସ୍ତ ସରକାରୀ ଉଚ୍ଚ ବିଦ୍ୟାଳୟ ରେ ଦୀର୍ଘ ଅଶିଦଶକରୁ ଶିକ୍ଷକତା ଜୀବନ ଅ।ରମ୍ଭ କରି ଥିବା ଛାତ୍ର ବତ୍ସଳ ଅବସର ପ୍ରାପ୍ତ ସହକାରୀ ଶିକ୍ଷକ ହରିହର ସାହୁ ଙ୍କର ରବିବାର ସନ୍ଧ୍ୟା ୬ ଘଟିକା ସମୟରେ ପରଲୋକ ହୋଇଯାଇଛି ।ହାଇସ୍କୁଲ ର ପୁରାତନ ଶିକ୍ଷକ ସ୍ୱର୍ଗତ ହରିହର ସାହୁ ଅ।ଜି ସନ୍ଧ୍ୟା ୬ ଘଟିକାରେ କାକଟପୁର ବାସଭବନ ରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ।ମୃତ୍ୟୁ ବେଳକୁ ତାଙ୍କୁ ୭୬ ବର୍ଷ ହୋଇଥିଲା ।ସେ ଦୀର୍ଘ ଦିନ ହେବ କୀଡୀନି ଜନିତ ରୋଗ ରେ ପୀଡିତ ଥିଲେ ।ସେ ତାଙ୍କ ଶିକ୍ଷକତା ସମୟରେ ବହୁ ଛାତ୍ର ଙ୍କୁ ଦିଗଦର୍ଶନ ଦେଇ ଛାତ୍ର ମାନଙ୍କ ଉଜ୍ୱଳ ଭବିଷ୍ୟତ ଗଠନ କରିଥିଲେ, ଯେଉଁମାନେ ଅ।ଜି ବିଭିନ୍ନ ସ୍ତରରେ ପ୍ରତିଷ୍ଠିତ ।ଅବସର ଗ୍ରହଣ କରିବା ପରେ ବହୁ ଛାତ୍ର ଙ୍କୁ ଅ।ଦର କରିବା ସହିତ ନିଜ ବାସଭବନ ରେ ପାଠ ପାଉଥିଲେ ।ଚାକିରୀ ଜୀବନରୁ ଅବସର ପରେ ଅନୁକୂଳ ଚନ୍ଦ୍ର ଙ୍କ ନୀତି ଅ।ଦର୍ଶ ରେ ଅନୁପ୍ରାଣିତ ହୋଇ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡିତ ଥିଲେ ।ତାଙ୍କ ମୃତ୍ୟୁ ଖବର ପାଇ ଅ।ତ୍ମୀୟସ୍ୱଜନ ବନ୍ଧୁ ବାନ୍ଧବ, ବହୁ ପୁରାତନ ଛାତ୍ର ଦୁଃଖ ପ୍ରକାଶ କରିବା ସହିତ ଶେଷ ଦର୍ଶନ କରିଥିଲେ ।ତାଙ୍କର ଶେଷକୃତ୍ୟ ନିଜ ଗାଁ ଶ୍ମଶାନ ରେ ହୋଇଥିବା ବେଳେ ବଡ଼ ପୁଅ ହିମାଦ୍ରୀ ଓ ସାନ ପୁଅ ହିମାଂଶୁ ମୁଖାଗ୍ନି ଦେଇଥିବା ବେଳେ ଏକମାତ୍ର ଝିଅ ଙ୍କ ସହିତ ଅ।ତ୍ମୀୟ ସ୍ୱଜନ ମାନେ ଉପସ୍ଥିତ ଥିଲେ ।

## ସାଂସଦ ରୁଦ୍ର ନାରାୟଣ ପାଣି ଙ୍କର ତାଳଚେର ପୌର ମଣ୍ଡଳ ଗସ୍ତ

ତାଳଚେର,**୨୩।୨:(ମନ୍ଥନ)**ତା ୨୨/୦୨/୨୦୨୬: ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି ରବିବାର ତାଳଚେର ଗସ୍ତ କରିଛନ୍ତି ।ପୌରାଞ୍ଚଳ ର ଚାରୋଟି ୱାର୍ଡ ୬,୭,୮,୯ ଗସ୍ତ କରି ବିଭିନ୍ନ କାର୍ଯ୍ୟକ୍ରମ ରେ ଯୋଗ ଦେଇଛନ୍ତି ।ପୌରାଞ୍ଚଳ ର ବିକାଶ ପାଇଁ ନଗର ଉର୍ନ୍ନୟନ ମନ୍ତ୍ରୀ ଡ଼ କୃଷ୍ଣ ଚନ୍ଦ୍ର ମହାପାତ୍ର ଙ୍କ ସହ ଫୋନ ଯୋଗେଁ କଥା ହୋଇ ପୌରାଞ୍ଚଳ ର ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେବାକୁ ଅନୁରୋଧ କରିଥିଲେ ।ଅନୁଗୁଳ ଜିଲ୍ଲାପାଳ ଙ୍କ ସହ କଥା ହୋଇ ତାଳଚେର ଟାଉନ ବଉଳ ଛକ ଠାରେ ଡ଼ିଏମଏଫ ରୁ ଏକ କଲ୍ୟାଣ ମଣ୍ଡପ ନିର୍ମାଣ କରିବା ପାଇଁ କହିଥିଲେ ।ସାଂସଦ ପ୍ରାକ୍ତନ କାଉନ ସିଲର ଜିତେନ୍ଦ୍ର ଦାସ ଙ୍କ ବାପା ବସନ୍ତ କୁମାର ଦାସ ଙ୍କର ବିୟୋଗରେ ତାଙ୍କ ବାସଭବନ ରେ ପହଂଚି ଶ୍ରଦ୍ଧାଳି ଅର୍ପଣ କରିଥିଲେ ।ଚାରୋଟି ୱାର୍ଡ ବୁଲି ଲୋକଙ୍କ ସମସ୍ୟା ଶୁଣିଥିଲେ ଓ ସମାଧାନ ପାଇଁ ବିଭିନ୍ନ ଅଧିକାରୀ ଙ୍କୁ ଫୋନ କରିଥିଲେ ।ସାଂସଦ ଙ୍କ ସହ ମଣ୍ଡଳ ସଭାପତି ରାଜେଶ ଦଳେଇ, ପ୍ରାକ୍ତନ ମଣ୍ଡଳ ସଭାପତି ସତ୍ୟବନ୍ତ ସାହୁ, ସୁନୀଲ ପଟ୍ଟନାୟକ, କାଉନ ସିଲର ସନ୍ତୋଷ ବେହେରା ଓ ଅନିତା ବିଶ୍ୱାଳ, ପ୍ରାକ୍ତନ କାଉନ ସିଲର ଧରିତ୍ରୀ ଦାସ ଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

## ୫୩ନମ୍ବର ଜାତୀୟ ରାଜପଥର ଦୁହୁରିଆ ଅଣଓସାରିଆ ପୋଲ ସମ୍ପର୍କରେ ରାଜ୍ୟପାଳଙ୍କ ରିପୋର୍ଟ ତଲବ

ଭୁବନେଶ୍ୱର, **୨୩।୨:(ମନ୍ଥନ)**ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ କର୍ପୋରେଟ ଅଧିକାରୀଙ୍କ ଠାରୁ ନେଇ ଅନ୍ୟାନ୍ୟ ଉଚ୍ଚତମ ଅଧିକାରୀ ଏବଂ ଶାଖା ପରିଚାଳକ ସମେତ ମିଳିତ ଅ।ନୁକୁଲ୍ୟରେ ଗ୍ରାହକ ସେବାରେ ଲାଗିଥିଲେ । ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ପକ୍ଷରୁ ସଞ୍ଚୟ ଖାତା ଉପରେ ଗ୍ରାହକମାନଙ୍କୁ ସଚେତନ କରିବା ପାଇଁ ଆରମ୍ଭ ହୋଇଥିବା ସର୍ବଭାରତୀୟ ଅଭିଯାନର ଅଂଶସ୍ୱରୂପକୁ ସାକାର କରିବା ପାଇଁ ଅ।ଜି ଭୁବନେଶ୍ୱର ସର୍କଲ ଅଧୀନସ୍ଥ ଅଧିକାରି ଏବଂ ସାଧାରଣ ପରିଚାଳକ ସମେତ ଜଟଣୀ ରେଳବାଇ କଲୋନୀଠାରେ ଏକ ସଞ୍ଚୟ ଖାତା ଖୋଲିବା ଶିବିର ସଫଳତାର ସହ ଅ।ୟୋଜିତ ହୋଇଯାଇଛି। ପୂର୍ବାହ୍ନ ୧୦ଟା ସମୟରେ ଅ।ରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ରେଳବାଇ କର୍ମଚାରୀ ଓ ସ୍ଥାନୀୟ ବାସିନ୍ଦାଙ୍କୁ ମିଶାଇ ୧୨୦ରୁ ଅଧିକ ବ୍ୟକ୍ତି ଉତ୍ସାହର ସହ ଯୋଗ ଦେଇଥିଲେ । ଏହି ଶିବିରରେ ବ୍ୟାଙ୍କର ପରିବର୍ତ୍ତିତ ତଥା ଅତ୍ୟାଧୁନିକ ସଞ୍ଚୟ ଖାତା ଯୋଜନାଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱ ଦିଅ।ଯାଇଥିଲା । ବିଶେଷ କରି ଚାକିରିଜୀବୀ ଗ୍ରାହକମାନଙ୍କ ପାଇଁ ଉଦ୍ଦିଷ୍ଟ 'ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସାଲାରୀ ସେଭିଙ୍ଗ ଫଣ୍ଡ' ସମ୍ପର୍କରେ ଏକ ବିସ୍ତୃତ ବିବରଣୀ ଉପସ୍ଥାପନା ପ୍ରଦାନ କରାଯାଇଥିଲା । ଏହି ଯୋଜନାରେ ଉପଲବ୍ଧ ଅତିରିକ୍ତ ସୁବିଧା, ମାଗଣା ସେବା ଏବଂ ବୀମା ସୁବିଧା ବିଷୟରେ ଜାଣିବା ପରେ ଉପସ୍ଥିତ ରେଳବାଇ କର୍ମଚାରୀମାନେ ତଥା କେନ୍ଦ୍ର ସରକାର





ଅଧିନସ୍ଥ କର୍ମଚାରୀ ଏଭଳି ଉତ୍ତମ ପ୍ରସ୍ତାବକୁ ବେଶ୍ ପ୍ରଶଂସା କରିଥିଲେ । ଏଥିସହିତ ବ୍ୟାଙ୍କର ଅନ୍ୟାନ୍ୟ ପ୍ରମୁଖ ଯୋଜନା ଯଥା- ପିଏନବି ଏଲାଇଟ୍, ପିଏନବି ଗ୍ରୋ, ପିଏନବି କିଷାନ, ପିଏନବି ରକ୍ଷକ ପ୍ଲସ, ପିଏନବି ରାଇଜ୍, ପିଏନବି ସମ୍ମାନ, ପିଏନବି ସିଲେକ୍ଟ ଏବଂ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର 'ପିଏନବି ଓମେନ୍ ପାୱାର' ସେଭିଙ୍ଗ ଫଣ୍ଡ ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ ସୁନ୍ଦର ଭାବରେ ଅବଗତ କରାଯାଇଥିଲା। ଏହି ଅବସରରେ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ଭୁବନେଶ୍ୱର ସର୍କଲ ମୁଖ୍ୟ ଶ୍ରୀ ଲକ୍ଷ୍ମୀକାନ୍ତ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ଏବଂ ଡିଜିଟାଲ ବ୍ୟାଙ୍କିଙ୍ଗକୁ ପ୍ରୋତ୍ସାହିତ କରିବା ସହ ପ୍ରତ୍ୟେକ ବର୍ଗର ଗ୍ରାହକଙ୍କ ଅ।ବଶ୍ୟକତା ଅନୁଯାୟୀ ସେବା ଯୋଗାଇବା ପାଇଁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସର୍ବଦା ପ୍ରତିଶୃତି ବଦ୍ଧ । ଭୁବନେଶ୍ୱର କଷ୍ଟମର ଅ।କ୍ୱିଜିସନ ସେଣ୍ଟର ଏବଂ ଜଟଣୀ ଶାଖାର ମିଳିତ ସହଯୋଗରେ ଏହି ଶିବିରଟି ପରିଚାଳିତ ହୋଇଥିଲା । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଷ୍ଟମର ଅ।କ୍ୱିଜିସନ ସେଣ୍ଟରର ମୁଖ୍ୟ ଶ୍ରୀ ସୁଧାଂଶୁ କୁମାର ପାତ୍ର, ମୁଖ୍ୟ ପ୍ରବନ୍ଧକ ଶ୍ରୀ ସଞ୍ଜୟ କୁମାର ପଣ୍ଡା, କଷ୍ଟମର ଅ।କ୍ୱିଜିସନ ସେଣ୍ଟର ଭୁବନେଶ୍ୱରର ମୁଖ୍ୟ ପ୍ରବନ୍ଧକ ଶ୍ରୀ ବଂଶୀଧର ମହାକୁଡ଼ ଏବଂ ଜଟଣୀ ଶାଖା ପରିଚାଳକ ଶ୍ରୀ ସୁରେଶ କୁମାର ସାହୁ ଉପସ୍ଥିତ ରହି ଗ୍ରାହକମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଶେଷରେ, ଗ୍ରାହକମାନଙ୍କ ଜିଜ୍ଞାସାର ସମାଧାନ କରାଯିବା ସହ ତତ୍କାଳ ଖାତା ଖୋଲିବାରେ ସହାୟତା ପ୍ରଦାନ କରାଯାଇଥିଲା ।ସମସ୍ତ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କର ଅଧିକାରୀ ମନେ ସେବା ଦେବା ପାଇଁ ଦୃଢ ପ୍ରତିଶୃତି ବେଳେ କହିଥିଲେ ବ୍ୟାଙ୍କ ଅଧିକାରୀ ଏବଂ ବ୍ୟାଙ୍କ ଗ୍ରାହକ ଉଭୟ ଉଭୟଙ୍କ ପରିପୂରକ । ଅ।ହୁରି ମଧ୍ୟ କହିଥିଲେ ଗ୍ରାହକ ସେବା ପାଇଲେ ବ୍ୟାଙ୍କର ଉନ୍ନତି, ଗ୍ରାହକ ବ୍ୟାଙ୍କ ସହିତ ଯୋଡି ହେଲେ ଗ୍ରାହକଙ୍କ ଉନ୍ନତି । ଶର୍ବ ଶେଷର ଗ୍ରାହକଙ୍କ ସହୋଯାଗର କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ ।

## ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳିତ

ଡେଲାଙ୍ଗ,**୨୩।୨:(ମନ୍ଥନ)**ଡେଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପାଳନ ହୋଇଯାଇଛି । ଏଥିରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଭୟ ଚରଣ ସାହୁଙ୍କ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ପରିସଂଖ୍ୟାନ ଅଧିକାରୀ ତଥା ଗାନ୍ଧୀ ତତ୍ତ୍ୱ ପ୍ରଚାରକ ଅନାମ ମଲ୍ଲିକ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ମାତୃଭାଷା ଦ୍ୱାରା କିପରି ନିଜର ବିକାଶ ହୋଇପାରିବ ସେ ସମ୍ପର୍କରେ ପରାମର୍ଶ ଦେଇଥିଲେ । ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ମାତୃଭାଷା ସମ୍ବନ୍ଧୀୟ ବକ୍ତୃତା, ଗଳ୍ପ, ଚିତ୍ରାଙ୍କନ,ଗୀତ,ଲିଖନ ଅ।ଦି ପ୍ରତିଯୋଗିତାକୁ ସହକାରୀ ଶିକ୍ଷକ ଟିକେଇ ଦଳାଇ, ଶିକ୍ଷୟିତ୍ରୀ ପାପ୍ଲିନ୍ ପ୍ରଧାନ ଓ ସତ୍ୟଭାମା ବେହେରା କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ । କୃତିତ୍ୱ ଅର୍ଜନ କରିଥିବା ଛାତ୍ର ଛାତ୍ରୀ ସିମରନ୍ ଅ।ସୀନ୍, ଶିବାନୀ ବେହେରା,ସୋନିଅ। ଅନସାରୀ, ସାଇ ସିଦ୍ଧାର୍ଥ ସାହୁ, ଅ।ତ୍ମଜ୍ଞି ବେହେରା, ଧର୍ମେଶ ବେହେରା,ସାଇ ମୃତ୍ୟୁଞ୍ଜୟଙ୍କୁ ବିଦ୍ୟାଳୟ ତରଫରୁ ପୁରସ୍କୃତ କରାଯାଇଥିଲା । ଅଭିଭାବକ ଓ କମିଟି ସଭ୍ୟ ସଭ୍ୟା ଯୋଗଦେଇ ଥିଲେ। ବିଦ୍ୟାଳୟରେ ମାତୃଭାଷା ସୁରକ୍ଷା ପାଇଁ ଶପଥ ପାଠ କରାଯାଇଥିଲା ।

## ବୋଦସାରେ ପରିତ୍ୟକ୍ତ ଅବସ୍ଥାରେ ଗୋଶାଳା ପୁନରୁଦ୍ଧାର ନିମନ୍ତେ ପଞ୍ଚାୟତ ବାସୀଙ୍କ ଦାବି

ଖଣ୍ଡପଡ଼ା,**୨୩।୨:(ମନ୍ଥନ)**ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦସା ଗ୍ରାମ ଉପକଣ୍ଠରେ ଥିବା ଗୋଶାଳାଟିପରିତ୍ୟକ୍ତ ଅବସ୍ଥାରେ ରହିଥିବା ବେଳେ ପୁନରୁଦ୍ଧାର ପାଇଁ ଦାବି କରିଛି ଅଞ୍ଚଳବାସୀୟ ସ୍ଥାନୀୟ ଗ୍ରାମବାସୀଙ୍କ ଠାରୁ ମିଳିଥିବା ସୂଚନା ଅନୁସାରେ ପ୍ରାୟ ୨୦ ବର୍ଷ ତଳେ ପଞ୍ଚାୟତର ଗୋ ସମ୍ପଦ ସୁରକ୍ଷା ଏବଂ ଗୋପାଳକଙ୍କ ସୁବିଧା ନିମନ୍ତେ ଉକ୍ତ ଗୋଶାଳାର ପରିକଳ୍ପନା କରାଯାଇଥିଲା । ସେତେବେଳେ ରାଜ୍ୟ ସରକାରଙ୍କ ଅନୁଦାନ ଅର୍ଥରେ ଏହାକୁ ଗ୍ରାମ ଉପକଣ୍ଠରେ ନିର୍ମାଣକରାଯାଇଥିଲା । ଫଳରେ କୃଷି ପ୍ରଧାନ ବୋଦସା ପଞ୍ଚାୟତର ଏକାଧିକ ଗ୍ରାମର ଲୋକେ ବିଶେଷକରି ଗୋପାଳକ ମାନେ ଏହାଦ୍ୱାରା ଉପକୃତ ହେଉଥିଲେ । ତେବେ ଗତ ପ୍ରାୟ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଏହା ପରିତ୍ୟକ୍ତ ଅବସ୍ଥାରେ ପଡିରହିଛି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ବର୍ଷା ୪ ମାସ ତଥା ଝଡ ତୋଫାନ ସମୟରେ ଏହା ଲୋକଙ୍କ ପାଇଁ କାମରେ ଅ।ସୁଥିଲା । ମାତ୍ର କାଳକ୍ରମେ ଏହାର ରକ୍ଷଣାବେକ୍ଷଣ ଅଭାବରୁ ଧୀରେ ଧୀରେ ଏହା ଭୁତକୋଠିରେ ପରିଣତ ହୋଇଗଲାଣି । ଏହି ଗୋଶାଳା ଗୃହର ଛାତ ଓ କାନ୍ଥ ସଂପୂର୍ଣ୍ଣ ଦୁର୍ବଳ ହୋଇପଡିଥିବା ବେଳେ ଏଠାରେ ଏବେ ଅ।ଶ୍ରୟ ନେବାକୁ ସୁରକ୍ଷିତ ମଣୁନାହାନ୍ତି ସ୍ଥାନୀୟ ଅଞ୍ଚଳବାସୀ। ସନ୍ଧ୍ୟା ହେଲେ ସ୍ଥାନୀୟ ଅଞ୍ଚଳର ଅସାମାଜିକ ଯୁବକଙ୍କ ଅ।ଡ୍ଡାସ୍ଥଳୀ ପାଲଟିଥିବା ନେଇ ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା । ସେତୁ ସଂଲଗ୍ନ ଅଞ୍ଚଳ ତଥା କୁସୁମୀ ନଇ ପଠାରେ ବିସ୍ତୃତ ଚରଣ ଭୂମି ଥିବାବେଳେ ଖାଲି ପଞ୍ଚାୟତ ନୁହେଁ ବ୍ଲକ ଅଞ୍ଚଳ ନିମନ୍ତେ ଏହାକୁ ପୁନରୁଦ୍ଧାରକରି ପରିଚାଳନା କରିବା ଅତ୍ୟନ୍ତ ସୁବିଧାଜନକ ହେବ ବୋଲି ଗ୍ରାମବାସୀ କହିଛନ୍ତି । ସେହିପରି ଖଣ୍ଡପଡ଼ା



ସେହିପରିଗୋଶାଳା ଗୃହ ସଂଲଗ୍ନ ଅଞ୍ଚଳ ଜଙ୍ଗଲର ଭ୍ରମ ସୃଷ୍ଟି କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଅସାମାଜିକ ମାନେ ବ୍ୟବହାର କରିଅ।ସୁଥିବା ଅଭିଯୋଗ ହୋଇଛି । ତେବେ ଏହି ଗୋଶାଳାଟିର ପୁନରୁଦ୍ଧାର କରାଗଲେ ବୁଲା ଗାଇଗୋରୁଙ୍କ ଥଇଥାନ ସହ ସ୍ଥାନୀୟ ଅଞ୍ଚଳର ଗୋପାଳକ ସମାଜ ବିଶେଷ ଉପକୃତ ହେବେ । ବୋଦସା ଗ୍ରାମ ଠାରୁ ବିଜୁ ସହରାଞ୍ଚଳରେ ମଧ ବୁଲା ଗାଇଗୋରୁଙ୍କ ପ୍ରାଦୁର୍ଭାବ ବଢୁଥିବା ବେଳେ ମାତ୍ର ୬ କିମି ଦୂରରେ ଥିବା ଏହି ଗୋଶାଳାରେ ମଧ ଗୋ ସମ୍ପଦ ସୁରକ୍ଷିତ ରହିପାରିବେ ବୋଲି ମତପ୍ରକାଶ ପାଇଛି । ଜିଲ୍ଲା ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବା ସହିତ ଏହାର ପୁନରୁଦ୍ଧାରକରିବାକୁ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ରାଉତ ଦାବି କରିଛନ୍ତି ।

## ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଖଣ୍ଡପଡ଼ା,**୨୩।୨:(ମନ୍ଥନ)**ଖଣ୍ଡପଡା ସହରାଞ୍ଚଳ ଅଧୀନ ମଧୁବନ କ୍ରିଡାଙ୍ଗନରେ ଅ।ଜି ଅପରାହ୍ନରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଅ।ଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଖଣ୍ଡପଡ଼ା ସ୍ପୋର୍ଟସ ଅ।ସୋସିଏସନ ଅ।ନୁକୁଲ୍ୟରେ ଏହି ଟୁର୍ଣ୍ଣାମେଣ୍ଟ ଅ।ୟୋଜନ ହେଉଥିବା ବେଳେ ଉଦଘାଟନୀ ଦିବସରେ ଭଞ୍ଜନଗର ମା' ଭୈରବୀ କାଳି କ୍ଲବ ଏବଂ କଟକ ବିଡାନାସୀ ଏକାଡେମୀ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ନିର୍ଦ୍ଧାରିତ



ସମୟ ଖେଳ ମଧ୍ୟରେ କଟକ ବିଡାନାସୀ ଏକାଡେମୀ ସୋମେଶ ମହାନ୍ତିଙ୍କ ଏକମାତ୍ର ଗୋଲ ଜରିଅ।ରେ ଭଞ୍ଜନଗରକୁ ହରାଇ ସେମିଫାଇନାଲକୁ ପ୍ରବେଶ କରିଛି । ମୁଖ୍ୟ ରେଫରି ଭାବେ ବିଜୟ ମଙ୍ଗରାଜ ଖେଳକୁ ପରିଚାଳନା କରିଥିଲା ବେଳେ ସରୋଜ ମହାରଣା, ପ୍ରସନ୍ନ ନାୟକ ଓ ସୁବାସ ବେହେରା ଲାଇନରେ ସହାୟତା କରିଥିଲେ । ମୁଖ୍ୟଅତିଥି ରୂପେ ସ୍ଥାନୀୟ ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବିଡିଓ ଅଙ୍କୁର ଅଭିଳାଷ, ଏସଡିପିଓ ମଦନ ମୋହନ ପ୍ରଧାନ, ସମାଜସେବୀ ଅଖିଳ କୁମାର ମହାରଣା, ଅ।ଇନଜୀବୀ ବିକ୍ରମ କେଶରୀ ଦେଓ, ଥାନାଧିକାରୀ କେବି ହରିଚନ୍ଦନ ପ୍ରମୁଖ ଉପସ୍ଥିତ ରହିବା ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ସନ୍ତୋଷ କୁମାର ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ । ଅ।ସନ୍ତାକାଲି ଘାଟିକିଅ। ବଜରଙ୍ଗୀ କ୍ଲବ ଏବଂ ଢେଙ୍କାନାଳ ପପୁଲାର କ୍ଲବ ମଧ୍ୟରେ ଦ୍ୱିତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ବରିଷ୍ଠ କ୍ରୀଡାବିତ ଭିକାରି ଖଣ୍ଡାୟତଙ୍କ ଠାରୁ ସୂଚନା ମିଳିଛି ।

## ୩୭୦ ଗ୍ରାମ ବ୍ରାଉନସୁଗର ଜବତ,ଜଳେଶ୍ୱର ଅଞ୍ଚଳର ୩ ଅଭିଯୁକ୍ତ ଗିରଫ

ଜଳେଶ୍ୱର,**୨୩।୨:(ମନ୍ଥନ)**ରାଜଧାନୀରେ ବ୍ରାଉନସୁଗର ବେପାର କରିବାକୁ ଅ।ସିଥିବା ତିନି ଜଣଙ୍କୁ କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ ଗିରଫ କରିଛି । ବାଲେଶ୍ୱର ଜିଲ୍ଲାରୁ ଅ।ସି ଭୁବନେଶ୍ୱରରେ ମାଲ ବିକ୍ରି କରିବାର ଯୋଜନା ଥିଲା, ହେଲେ ପୋଲିସର ଚଢ଼ାଉ ପୂର୍ବରୁ ହିଁ ସେମାନଙ୍କ ଯୋଜନା ବିଫଳ ହୋଇଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଝାଡେଶ୍ୱରର ସମୀର ଖାନ ଓରଫ ମୁନା ଓରଫ ମୋହନ (୪୪), ରାଜପୁର ବସ୍ତିର ସେକ୍ ଇର୍ସାଦ୍ ମହମ୍ମଦ ଓରଫ ସୂର୍ଯ୍ୟ (୨୩) ଏବଂ ମୁନାଫ୍ ଖାନ ଓରଫ ମୋନା (୨୨) । ସେମାନଙ୍କ ନିକଟରୁ ପ୍ରାୟ ୩୭୦ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି, ଯାହାର ଅ।ନୁମାନିକ ମୂଲ୍ୟ ୩୭ ଲକ୍ଷ ଟଙ୍କା ହେବୟଏକ ସାମ୍ବାଦିକ ସମ୍ମିଳନୀରେ ଟ୍ୱିନ ସିଟି ପୋଲିସ କମିଶନର ସୁରେଶ ଦେବଦତ୍ତ ସିଂ ଏ ସଂପର୍କରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କ ଠାରୁ ୨ଟି ବାଇକ, ୪ଟି ମୋବାଇଲ ଏବଂ ୧୬୫୦ ଟଙ୍କା ନଗଦ ମଧ ଜବତ କରାଯାଇଛି । ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୩/୨୦୨୬) ରୁଜୁ କରି ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରିବା ପରେ ଜେଲକୁ ପଠାଇ ଦିଅ।ଯାଇଛି । ସେମାନଙ୍କର ପୂର୍ବ ଅ।ପରାଧିକ ଇତିହାସ ବିଷୟରେ ପୋଲିସ ତଦନ୍ତ ଜାରି ରଖିଛି । ପୋଲିସ ସୂତ୍ରରୁ ପ୍ରକାଶ ଯେ, ଗିରଫ ତିନି ଅଭିଯୁକ୍ତ ଦୁଇଟି ବାଇକରେ ଯୋଗେ ଜଳେଶ୍ୱରରୁ ଭୁବନେଶ୍ୱର ଆସି ନିର୍ଦ୍ଦିଷ୍ଟ ଗ୍ରାହକଙ୍କୁ ବ୍ରାଉନସୁଗର ଯୋଗାଇବାକୁ ଯୋଜନା କରିଥିଲେ । ଏସଂପର୍କରେ ପୂର୍ବ ସୂଚନା ପାଇ ଏସ.ସି.ୟୁ ଟିମ୍ ଶୁକ୍ରବାର ରାତି ପ୍ରାୟ ୧୦ଟା ସମୟରେ ଦୁରଦର୍ଶନ କେନ୍ଦ୍ର ନିକଟସ୍ଥ ଶ୍ୟାମ ରୋଡ଼ରେ ଚଢ଼ାଉ କରି ସେମାନଙ୍କୁ କାବୁ କରିଥିଲା । ପୋଲିସ କମିଶନର କହିଛନ୍ତି ଯେ, ନିଶା ବିରୋଧରେ କମିଶନରେଟ ପୋଲିସ 'ଶୂନ୍ୟ ସହନଶୀଳତା' ନୀତି ଅନୁସରଣ କରୁଛି । ପୂର୍ବରୁ ନଭେମ୍ବର ୧୬ ତାରିଖରେ ଲିଙ୍ଗରାଜ ଷ୍ଟେସନ ନିକଟରେ ଗିରଫ ହୋଇଥିବା ଅଟୋ ଚାଳକ ସେକ୍ ଅ।କବରଠାରୁ ମିଳିଥିବା ସୂତ୍ରରୁ ଏହି ତିନି ଜଣଙ୍କ ସମ୍ପର୍କରେ ଜଣାପଡ଼ିଥିଲା । ତଦନୁକ୍ରମେ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା । ବ୍ରାଉନସୁଗର ନେଟୱର୍କର ସମସ୍ତ ସଦସ୍ୟଙ୍କୁ ଧରିବା ସହିତ ଯୁବପିଢ଼ିଙ୍କୁ ସଚେତନ କରିବା ପାଇଁ ଦୁଇ ଦିଗରେ ଅଭିଯାନ ଚଳାଯାଉଥିବା କମିଶନର ଶ୍ରୀ ସିଂ ସୂଚନା ଦେଇଛନ୍ତି ।

## ରାଜ୍ୟପାଳଙ୍କ ହସ୍ତକ୍ଷେପରେ ଦୁହୁରିଆରେ ୨ୟ ପୋଲ ନିର୍ମାଣ ସମ୍ଭବ

କେନ୍ଦ୍ରାପଡ଼ା,**୨୩।୨:(ମନ୍ଥନ)**ଚଣ୍ଡିଖୋଲ-ପାରାଦୀପ ୫୩ନମ୍ବର ଜାତୀୟ ରାଜପଥର ସଂପ୍ରସାରଣ ସମୟରେ ୨୦୧୩ମସିହାରେ ନିର୍ମାଣ କରାଯାଇଥିବା ଦୁହୁରିଆ ପୋଲକୁ ୩ମାସ କାଳ ଲାଗି ଭଙ୍ଗାଯାଇ ଏଠାରେ ଜଗତପୁର ଗୋଲେଇଛକ ଷ୍ଟାଇଲରେ ୨ଟି ପୋଲ ବିଶିଷ୍ଟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମାତ୍ର ଦୁଃଖର କଥା ଯେତିକି ଓସାରର ପୋଲ ଭଙ୍ଗାଗଲା ତାକୁ ଚଉଡା କରାନଯାଇ ମାତ୍ର ଏକ ମିଟର ଅଧିକ ଚଉଡା କରାଯାଇ ନିର୍ମାଣ କରାଗଲା। ଏହାପୂର୍ବରୁ କଟକ-ଚାନ୍ଦବାଲି ରାସ୍ତା ୪ଲେନ ବିଶିଷ୍ଟ ହେବାକୁ ସମସ୍ତ ପ୍ରକାର କାଗଜପତ୍ର ଚୁଡାନ୍ତ କରାଯାଇଥିବା ବେଳେ କଟକ-ଚାନ୍ଦବାଲି ରାସ୍ତାର ମାଲିକ ତଥା କେନ୍ଦ୍ରାପଡା ପୂର୍ତ୍ତ ଡିଭିଜନର ଅଧୀକ୍ଷଣଯନ୍ତ୍ରୀ ଙ୍କ କୌଣସି ମତାମତ ବା ସହଯୋଗ ନିଆଯାଇନଥିଲା। ଏହି ଛକ ଜିଲ୍ଲାର ଚଉମୁହାଣ ହୋଇଥିବା ବେଳେ ଜଗତସିଂହପୁର,ଯାଜପୁର, କଟକ ଓ ଭଦ୍ରକ ଓ କେନ୍ଦ୍ରାପଡା ଜିଲ୍ଲାର କୋଣଅନୁକୋଣକୁ ସଂଯୋଗ କରୁଅଛି। ଏହା ଏତେ ଛୋଟ କରି ନିର୍ମାଣ କରାଯାଇ ଥିବାରୁ ସେଠାରେ ପୂର୍ବପରି ଶହ ଶହ ଦୂର୍ଘଟଣା ହୋଇ ବହୁ ଧନଜୀବନ ନଷ୍ଟ ହେଉଛି। ଏହାକୁ ପ୍ରତିବାଦ କରି କେନ୍ଦ୍ରାପଡା ଜିଲ୍ଲା କୃଷକ ବିକାଶ ପରିଷଦ ଓ କେନ୍ଦ୍ରାପଡା ନାଗରିକ ସୁରକ୍ଷା ମଞ୍ଚର ସଭାପତି ଆଇନଜୀବୀ ବିଜୟ ପରିଡା, ନାଗରିକ ସୁରକ୍ଷା ମଞ୍ଚର ଆବାହକ ସନାତନ ମୁଦୁଲି, ନୟନବିହାର ଉନ୍ନୟନ ସମିତିର ସଭାପତି ସୁଶିଲ ସାମଲ ଓ ଶ୍ରୀ ଶ୍ରୀ ଶୁଭଲକ୍ଷ୍ମୀ କ୍ରସିଙ୍ଗ ବଜାର ବ୍ୟବସାୟୀ ସଙ୍ଘ ସଭାପତି କ୍ଷେତ୍ରବାସୀ ସାହୁ କେନ୍ଦ୍ରାପଡା ଅବସରପ୍ରାପ୍ତ କର୍ମଚାରୀ ସଙ୍ଘର ଗିରିଧାରୀ ପଟ୍ଟନାୟକ ପ୍ରମୁଖ ରାଜ୍ୟ ଓ କେନ୍ଦ୍ରର ବିଭିନ୍ନ ପଦାଧିକାରୀମାନଙ୍କୁ ସାକ୍ଷାତକରି ଦୁହୁରିଆ ଛକରେ ଏକ ବୃହତ ଗୋଲେଇଛକ ଓ ୨ଟି ବୃହତ ପୋଲ ନିର୍ମାଣ କରାଯିବାକୁ ଦାବି ଜଣାଇଥିଲେ। ଏଥିସହିତ ଓଡିଶାର ରାଜ୍ୟପାଳଙ୍କୁ ମଧ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟପାଳ ସେହି ଦାବିପତ୍ର ଉପରେ କଣ ପଦକ୍ଷେପ ଗ୍ରହଣ କରାଯାଇଛି ସେ ସମ୍ପର୍କରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ଏକ ରିପୋର୍ଟ ତଲବ କରିଛନ୍ତି। ଜିଲ୍ଲାପାଳ ରାଜ୍ୟପାଳଙ୍କ ନିର୍ଦ୍ଦେଶ ପାଇବା ପରେ ପୂର୍ତ୍ତ ଡିଭିଜନର ଅଧୀକ୍ଷଣଯନ୍ତ୍ରୀଙ୍କୁ ଦୁହୁରିଆ ଠାରେ ନିର୍ମାଣାଧିନ ଅଣଓସାରିଆ ପୋଲ(ଓଭରବ୍ରିଜ) ସମ୍ପର୍କରେ ଏକ ସବିଶେଷ ରିପୋର୍ଟ ତୁରନ୍ତ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ଜଣାପଡିବା ପରେ ଦୁହୁରିଆରେ ନିର୍ମାଣାଧିନ ପୋଲ ନୂଆ ରୂପରେଖ ପାଇବାର ସମ୍ଭାବନା ଉଜ୍ଜ୍ୱଳ ହୋଇ ଉଠିଛି। ଏସମ୍ପର୍କରେ ଆଇନଜୀବୀ ଶ୍ରୀ ପରିଡା କହିଛନ୍ତି ଯେ ପର୍ଯ୍ୟନ୍ତ ଦୁହୁରିଆରେ ୨ଟି ବଡ ଓଭରବ୍ରିଜ ଓ ଗୋଲେଇଛକ ବାଇପାସ ନିର୍ମାଣ ନହୋଇଛି ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରହିବ।

## ଜିଲ୍ଲା ସ୍ତରୀୟ ବିକଶିତ ଭାରତ ଯୁଥ ପାର୍ଲ୍ୟାମେଣ୍ଟ ପାଇଁ ସାମ୍ବାଦିକ ସମ୍ମିଳନୀ

କେନ୍ଦ୍ରାପଡ଼ା,**୨୩।୨:(ମନ୍ଥନ)**କେନ୍ଦ୍ରାପଡ଼ା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଓ ମାଇଁ ଭାରତ ପକ୍ଷରୁ ଜିଲ୍ଲାସ୍ତରୀୟ ବିକଶିତ ଭାରତ ଯୁଥ ପାର୍ଲାମେଣ୍ଟ ଆୟୋଜନ ନେଇ ଏକ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୫ତାରିଖରେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟରେ ଅନୁଷ୍ଠିତ ହେବ। ଏହି ସାମ୍ବାଦିକ ସମ୍ମିଳନୀରେ ସାନ୍ଧ୍ୟଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷା ଆଦ୍ୟାରଶ୍ମି ମହାପାତ୍ର, ପୂର୍ବତନ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଶିଶିରକାନ୍ତ ମହାପାତ୍ର, ମାଇଁ ଭାରତ ଯୁବା ଭାରତର ଯୁବ କାର୍ଯ୍ୟକ୍ରମ ଅଧିକାରୀ ଗୋଲୀ ତିରୁପତି ରେଡ୍ଡୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ, ସନ୍ଧ୍ୟା ସ୍ନାତକ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଅଧିକାରୀ ମୃତ୍ୟୁଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ୨ଶହରୁ ଅଧିକ ଛାତ୍ରଛାତ୍ରୀ ଏବଂ ୧୫ ବର୍ଷରୁ ୨୫ ବର୍ଷ ବୟସର ଇଚ୍ଛୁକ ଅନ୍ୟଯୁବ ଗୋଷ୍ଠୀମାନେ ଯୋଗଦେଇପାରିବେ। 'ବିକଶିତ ୧୦୦ ବର୍ଷ ଭାରତ ଏବଂ ୫୦ ବର୍ଷ ଗଣତନ୍ତ୍ର' ଉପରେ ଆଧାରିତ ବିଷୟବସ୍ତୁ ଉପରେ ଆଲୋଚନା କରାଯିବା ସହିତ ଏକ ଛାୟା ସଂସଦ ପ୍ରକ୍ରିୟାରେ ଜୁରୀ ସଦସ୍ୟମାନେ ଉପସ୍ଥିତ ରହି ଫଳାଫଳ ବିଚାର କରିବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତା ଅଂଶ ଗ୍ରହଣ କରବେ। ରାଜ୍ୟସ୍ତରୀୟ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନେ ଜାତୀୟ ସ୍ତରୀୟ ପାର୍ଲାମେଣ୍ଟକୁ ମନୋନୀତ ହେବେ ବୋଲି ସୂଚନା ଦିଆଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ସନ୍ଧ୍ୟା ସ୍ନାତକ ମହାବିଦ୍ୟାଳୟର ଅଧାପିକା ରୁକ୍ମଣୀ ସାହୁ, ମନୋରଞ୍ଜନ ରାଉତ, ମାଇଁ ଭାରତ କର୍ମୀ ଲକ୍ଷ୍ମୀକାନ୍ତ ଜେନା, କର୍ମଚାରୀ ଅଶୋକ ମଳିକ, କିସନ ନିମାଇ, ଶ୍ରୀଧର ବେହେରା ପ୍ରମୁଖ ସହଯୋଗ କରିଥିଲେ।

ଆଞ୍ଚଳିକ ମନ୍ଥନ



ମଙ୍ଗଳବାର, ୨୪, ଫେବୃଆରୀ, ୨୦୨୬ Tuesday,24 February 2026, Bhubaneswar



# ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ୍ ପକ୍ଷରୁ ଯୁକ୍ତ ଦୁଇ ପରୀକ୍ଷାର୍ଥୀ ମାନଙ୍କୁ ଭବ୍ୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ଖୋର୍ଦ୍ଧା ,।୨୩।୨:(ମନ୍ଥନ)ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋରଧା,ପକ୍ଷରୁ ଯୁକ୍ତ ଦୁଇ ବୋର୍ଡ ପରୀକ୍ଷା ଦେଉଥିବା ଛାତ୍ରଛାତ୍ରୀମାନଙ୍କୁ ଆଜି ଭବ୍ୟ ସମ୍ବର୍ଦ୍ଧନା ଓ ଶୁଭେଚ୍ଛା ଜ୍ଞାପନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ପରୀକ୍ଷା କେନ୍ଦ୍ରକୁ ଯାଉଥିବା ବିଦ୍ୟାର୍ଥୀମାନଙ୍କର ମନୋବଳ ବଢ଼ାଇବା ପାଇଁ ପରିଷଦର କର୍ମକର୍ତ୍ତାମାନେ ସେମାନଙ୍କୁ ପାରମ୍ପରିକ ରୀତିରେ ମଥାରେ ଚନ୍ଦନ ଟିକା ଲଗାଇବା ସହ ପୁଷ୍ପ ବୃଷ୍ଟି କରି ସ୍ୱାଗତ କରିଥିଲେ ଏବଂ ପରୀକ୍ଷା ଲେଖିବା ପାଇଁ ସମସ୍ତଙ୍କୁ ଏକ ଏକ କଲମ ଉପହାର ସ୍ୱରୂପ ପ୍ରଦାନ କରିଥିଲେ । ଏହି ଅବସରରେ ଶିକ୍ଷା ଜୀବନ ପାଇଁ, ଜୀବନ ଦେଶ ପାଇଁ ଆଦର୍ଶରେ ଅନୁପ୍ରାଣିତ ହୋଇ ଛାତ୍ରଛାତ୍ରୀମାନେ କେବଳ ପରୀକ୍ଷାରେ ସଫଳତା ପାଇବା ପାଇଁ ନୁହେଁ, ବରଂ ନିଜର ଶିକ୍ଷା ଓ ଜ୍ଞାନକୁ ଦେଶ ଗଠନ ତଥା ରାଷ୍ଟ୍ରର ଉନ୍ନତି ପାଇଁ ବିନିଯୋଗ କରିବାକୁ ପରିଷଦ ପକ୍ଷରୁ ଆହ୍ୱାନ ଦିଆଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଖୋରଧା ଜିଲ୍ଲା ସହସଂଯୋଜୋକ ଦଧିବାମନ ଦାସ ,ରାଜ୍ୟ କାର୍ଯ୍ୟକାରିଣୀ ରଶ୍ମି କୁମାର ସାହୁ ,ନଗର ସମ୍ପାଦକ ସୁଜଲ୍ ପୂର୍ଣ୍ଣଶ୍ଳୋକ ,ରାଜ୍ୟ ସହ ସମ୍ପାଦକ ଉଜ୍ଜଳ୍ ପ୍ରଦୀପ ସାମଲ , କ୍ୟାମ୍ପସ ସଭାପତି ଅନୁରାଗ କୁମାର , +୨ କ୍ୟାମ୍ପସ ସମ୍ପାଦିକା ସୁଷମା କୁମାରୀ ଭଳି ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମଟି ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ଉତ୍ସାହ ଭରିବା ସହ ସେମାନଙ୍କୁ ଏକ ସୁନାଗରିକ ଭାବେ ଗଢ଼ିତୋଳିବା ପାଇଁ ପ୍ରେରଣା ଯୋଗାଇଥିଲା ।

# ସାହିତ୍ୟିକ କଲ୍ଲୋଳଚନ୍ଦ୍ର ମହାନ୍ତିଙ୍କ ଜନ୍ମଦିବସ ଅବସରରେ ଶ୍ରୀ ଅରବିନ୍ଦ ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ

ମାହାଙ୍ଗା,୨୩।୨:(ମନ୍ଥନ)ମାହାଙ୍ଗା ବ୍ଲକର ଗୋପାଳପୁର ପଂଚାୟତସ୍ଥିତ ଦୁଲ୍ଲାରପୁରର ଦ୍ୱିତୀୟ ଭଞ୍ଜ ସାହିତ୍ୟ ସଂସ୍କୃତି ସଂସଦର କୋଷାଧ୍ୟକ୍ଷ କଲ୍ଲୋଳଚନ୍ଦ୍ର ମହାନ୍ତିଙ୍କର ୮୦ତମ ସ୍ୱନକ୍ଷତ୍ର ଦିବସ ଏବଂ ଦିବ୍ୟଜନନୀ ଶ୍ରୀମାଆଙ୍କ ୧୪୯ତମ ଜନ୍ମତିଥି ଅବସରରେ ଏକ ପାଠଚକ୍ର ସମ୍ମିଳନୀ ସଂସଦର ସଭାପତି ବିଦ୍ୟୁଲତା ପ୍ରଧାନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି ।



ପ୍ରାରମ୍ଭରେ ଶ୍ରୀମାଆ ଶ୍ରୀ ଅରବିନ୍ଦଙ୍କର ଫଟୋଚିତ୍ରରେ ଧୂପପୁଷ୍ପ ଅର୍ପଣ ପୂର୍ବକ ସମବେତ ଧ୍ୟାନ କରାଯାଇଥିଲା । ପରେ ଦୁର୍ଗାସ୍ତୋତ୍ର, ମାଆ ବହିର ତୃତୀୟ ଅଧ୍ୟାୟ ପଠନ କରାଯିବା ସହିତ ମାତୃ ସଂଗୀତ ଗାନ କରାଯାଇଥିଲା । ଦିବ୍ୟଜନନୀ ଶ୍ରୀ ମାଆ ଶୀର୍ଷକ ଆଲୋଚନା ଚକ୍ରରେ ଅଂଶ ଗ୍ରହଣ କରି ଶିକ୍ଷାବିତ ବ୍ରଜସୁନ୍ଦର ନାୟକ, କବି ସଦାଶିବ ପଣ୍ଡା, ସଚ୍ଚିଦାନନ୍ଦ ମିଶ୍ର, ମାତୃସାଧକ ଗୌତମ ଚରଣ ଜେନା, ଶରତ ଚନ୍ଦ୍ର ମହାନ୍ତି, ଆଲୋକ କୁମାର ମହାରଣା, ସୁବାଷ ଚନ୍ଦ୍ର ମହାନ୍ତି, ମହିମାଧର୍ମ ଗବେଷକ ଡ. ଏକାଦଶୀ ପ୍ରଧାନ, ସାମ୍ବାଦିକ ବିଜୟ କୁଅଁର, ଶିଶୁ ସାହିତ୍ୟିକ ମହେନ୍ଦ୍ର କୁମାର ଘଡେଇ, କବି ପ୍ରଫୁଲ୍ଲ କୁମାର ସିଂ, ଗଦାଧର ପାଣି ପ୍ରମୁଖ ଯୋଗଦେଇ ଶ୍ରୀ ମାଆଙ୍କ ଆର୍ବିଭାବ ଓ ତାଙ୍କର କାର୍ଯ୍ୟଶୈଳୀ ସଂପର୍କରେ ତାତ୍ତ୍ୱିକ ତଥ୍ୟ ସମ୍ବଳିତ ବକ୍ତବ୍ୟ ଉପସ୍ଥାପନା କରିଥିଲେ । ଏହି ଅବସରରେ ସାହିତ୍ୟିକ କଲ୍ଲୋଳ ଚନ୍ଦ୍ର ମହାନ୍ତିଙ୍କୁ ଜନ୍ମ ଦିନର ଶୁଭେଚ୍ଛା ଜ୍ଞାପନ କରିବା ସହ ତାଙ୍କର ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ । ଶ୍ରୀଯୁକ୍ତ ମହାନ୍ତି ନିଜ ବକ୍ତବ୍ୟରେ ଉପସ୍ଥିତ ସମସ୍ତ ବ୍ୟକ୍ତିମାନଙ୍କୁ କଲ୍ୟାଣ ସୂଚକ ବାର୍ତ୍ତା ପ୍ରଦାନ କରିବା ସହିତ ସମସ୍ତଙ୍କୁ କୃତଜ୍ଞତା ଜଣାଇ ଆଶିଷ ଭିକ୍ଷା କରିଥିଲେ । ଏହି ଉତ୍ସବରେ ସ୍ଥାନୀୟ ଆଂଚଳିକ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା ଭାଇଙ୍କ ସହ ବହୁ ଜନସାଧାରଣ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

# ପଂଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟର ସଂପାଦିକା ଲକ୍ଷ୍ମୀପ୍ରିୟା କୁଅଁରଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ପାଳିତ

ମାହାଙ୍ଗା, ୨୩।୨:(ମନ୍ଥନ)ମାହାଙ୍ଗା ବ୍ଲକ ନାହାଙ୍ଗ ପଂଚାୟତ ଅନ୍ତର୍ଗତ ବାଲିପଡା ଗ୍ରାମର ସମାଜସେବୀ ଯୋଗେଶ ଚନ୍ଦ୍ର କୁଅଁରଙ୍କ ଧର୍ମ ପତ୍ନୀ ସ୍ୱର୍ଗତା ଲକ୍ଷ୍ମୀପ୍ରିୟା କୁଅଁରଙ୍କର ପଞ୍ଚମ ଶ୍ରାଦ୍ଧ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥି ଓ ପରିବାରର ସଦସ୍ୟମାନେ ସ୍ୱର୍ଗତା ଲକ୍ଷ୍ମୀପ୍ରିୟା କୁଅଁର ପ୍ରତିମୂର୍ତ୍ତୀ ଓ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ସେ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟର ପରିଚାଳନା କମିଟିର ସଂପାଦିକା ଭାବେ କାର୍ଯ୍ୟ କରିବା ସହିତ ଜଣେ ମିଷ୍ଟଭାଷୀ, ପରୋପକାରୀ ମହିଳା ଭାବେ ସ୍ଥାନୀୟ ଅଂଚଳରେ ପରିଚିତା ଥିଲେ । ତାଙ୍କର ପଞ୍ଚମ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ପଞ୍ଚାୟତ ଶ୍ରୀଧର କୁଅଁର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାମଲ, ଶିକ୍ଷୟିତ୍ରୀ ସଂଯୁକ୍ତା ବାଳା ନାଥଶର୍ମା, ଶିକ୍ଷକ ମନୋରଂଜନ କର, ଦିଲ୍ଲୀପ କୁମାର ସ୍ୱାଇଁ, ରିଆଜ୍ ଆଲାମ ଖାଁ, ଶ୍ରୀଧର କୁଅଁର ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାହାଜାନ୍ ବେଗମ୍, ଶିକ୍ଷୟିତ୍ରୀ ମମତା ଶତପଥି, ଅଜୟ କୁମାର ସିଂ, ଝିଅ ଜୟଶ୍ରୀ ନାୟକ, ଶୁଭଶ୍ରୀ ପ୍ରିୟଦର୍ଶିନୀ, ରାଜଶ୍ରୀ ପ୍ରିୟଦର୍ଶିନୀ, ମୀନଶ୍ରୀ ପ୍ରିୟଦର୍ଶିନୀ, ସୌମ୍ୟଶ୍ରୀ ସୁକୁମାର ପ୍ରିୟଦର୍ଶିନୀ, ନମିତା କୁଅଁର, ବୋହୂ ସବିତା କୁଅଁର, ଜୟନ୍ତୀ କୁଅଁର, ନାତି ଜିତେନ୍ଦ୍ର କୁଅଁର,ପୁତ୍ର ଯତୀନ୍ଜୟ କୁଅଁର, ଭିକାରୀ ଚରଣ ସିଂ, ବିଜୟ କୁଅଁର, ବିଜୟ କୁମାର ସିଂ, ନାତୁଣୀ ଜୟଶ୍ରୀ କୁଅଁର, ଯାଜ୍ଞଶ୍ରୀ କୁଅଁର, ସ୍ତମ୍ଭକାର ବିବେକାନନ୍ଦ ଦାସ, ଶିକ୍ଷକ ଅଭୟ କୁମାର ଜେନାଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଯୋଗଦେଇ ଲକ୍ଷ୍ମୀପ୍ରିୟା କୁଅଁରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

# ଆନ୍ତର୍ଯାତିୟ ମାତୃଭାଷା ଦିବସ ପାଳିତ

ଗଞ୍ଜାମ,୨୩।୨:(ମନ୍ଥନ)ସ୍ଥାନୀୟ ଜନ ଶିକ୍ଷଣ ସଂସ୍ଥାନ କାର୍ଯ୍ୟାଳୟରେ ଅନୁଷ୍ଠାନ ପକ୍ଷରୁ ଆନ୍ତର୍ଯ୍ୟାତୀୟ ମାତୃଭାଷା ଦିବସ ପାଳିତ ହୋଇଯାଇଛି । ଅନୁଷ୍ଠାନର ନିର୍ଦ୍ଦେଶକ ମନୋଜ ବିଶ୍ୱାଳ ଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଅଶୋକ ଚୌଧୁରୀ ଯୋଗଦେଇ ଆନ୍ତର୍ଯ୍ୟାତିୟ




ମାତୃଭାଷା ର ଆଭିମୁଖ୍ୟ ସମ୍ପର୍କରେ କହିବାକୁ ଯାଇ ବ୍ରିଟିଶ ଶାସନ ସମୟରେ ଭାରତ ବର୍ଷର ମାତୃଭାଷା ପ୍ରତି ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବ ଓ ଓଡ଼ିଆ । ମାତୃଭାଷା ସମ୍ପର୍କରେ ବିଷଦ ଭାବରେ ଆଲୋଚନା କରିଥିଲେ ।ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷାବିତ, କବି ତଥା ପୂର୍ବତନ ବାର ଆସୋସିଏସନ ସଭାପତି ଲକ୍ଷଣ ପଣ୍ଡା ମାତୃଭାଷା ସମ୍ବନ୍ଧ ସ୍ୱଲିଖିତ କବିତା ଗାନ କରିବା ସହ ମାତୃଭାଷା ଓ ଜନ୍ମମାଟି ଜଣେ ବ୍ୟକ୍ତିକୁ ନିଜର ପରିଚୟ ପ୍ରଦାନ କରିବାରେ ସାହାଯକ ହୋଇଥାଏ ବୋଲି ମତ ପ୍ରକାଶ କରିଥାଏ । ଉମାକାନ୍ତ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ । ଡି. ବିଷ୍ଣୁପ୍ରିୟା, ବାଦଲ କୁମାର ଜେନା, ସୁବାସ ଚନ୍ଦ୍ର ସାହୁ, ସିମାଞ୍ଚଳ ସାହୁ ଓ କାହ୍ନୁ ଚରଣ ବେହେରା କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ । ଏଥିରେ ବହୁସଂଖ୍ୟାରେ ମହିଳା ମାନେ ଯୋଗଦେଇଥିଲେ ।

# ତ୍ରିନାଥ ବଜାରରେ ଅତ୍ୟାଧୁନିକ ସମ୍ପୂର୍ଣ୍ଣା ରେଷ୍ଟୋର ଆଣ୍ଡ କଫେ ଉଦଘାଟିତ

ଫୁଲନଖରା,୨୩।୨:(ମନ୍ଥନ)ଫୁଲନଖରା-ନିଆଳି ରୋଡ୍ ଅନ୍ତର୍ଗତ ତ୍ରିନାଥ ବଜାର ଠାରେ ନୂତନ ଭାବେ ଅତ୍ୟାଧୁନିକ ସମ୍ପୂର୍ଣ୍ଣା ରେଷ୍ଟୋ ଆଣ୍ଡ କଫେ ଉଦଘାଟିତ ହୋଇଯାଇଛି । ଏହି ରେଷ୍ଟୁରାଣ୍ଟଟିର ମାଲିକ ଶ୍ରୀ ସନ୍ତୋଷ କୁମାର ରାଉତ ଓ ତାଙ୍କ ସହଧର୍ମିଣୀ ଶ୍ରୀମତୀ ପଦ୍ମିନୀ ରାଉତ ତାଙ୍କ ଏକମାତ୍ର କନ୍ୟା ସମ୍ପୂର୍ଣ୍ଣାଙ୍କ ନାମରେ ଏହାକୁ ନାମକରଣ କରିଛନ୍ତି । ସ୍ଥାନୀୟ ଅଞ୍ଚଳରେ ଆଧୁନିକ ସୁବିଧା ସହ ଉତ୍କୃଷ୍ଟ ଖାଦ୍ୟ ସେବା ଦେବା ଉଦ୍ଦେଶ୍ୟରେ ଏହି ରେଷ୍ଟୋ ଆଣ୍ଡ କଫେ ସ୍ଥାପିତ ହୋଇଛି । ଏଠାରେ ଗ୍ରାହକମାନଙ୍କ ପାଇଁ ସୁଲଭ ମୂଲ୍ୟରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଓ ସ୍ୱଚ୍ଛ ପରିବେଶରେ ପ୍ରସ୍ତୁତ ଶାକାହାରୀ ଓ ମାଂସାହାରୀ ବ୍ୟଞ୍ଜନ ଉପଲବ୍ଧ ରହିଛି । ଓଡ଼ିଆ ପାରମ୍ପରିକ ଖାଦ୍ୟ ସହିତ ଚାଇନିଜ୍, ଫାଷ୍ଟଫୁଡ୍, ଟିଫିନ୍, କଫି, ଚା ଓ ବିଭିନ୍ନ ପ୍ରକାର ନାସ୍ତା ମଧ୍ୟ ମିଳିବ । ପରିବାର ସହ ବସି ଖାଇବା ପାଇଁ ସୁବିଧାଜନକ ବ୍ୟବସ୍ଥା ସହ ସୁଚିତ୍ର ଓ ସୁନ୍ଦର ପରିବେଶ ଏହି କଫେର ମୁଖ୍ୟ ଆକର୍ଷଣ । ଏହି ରେଷ୍ଟୋ ଆଣ୍ଡ କଫେରେ ଜନ୍ମଦିନ ଉତ୍ସବ, ବିବାହ ପୂର୍ବ ଓ ପରବର୍ତ୍ତୀ ଅନୁଷ୍ଠାନ, କିଟି ପାର୍ଟି, ପରିବାରିକ ଅନୁଷ୍ଠାନ, ସ୍ନେହ ମିଳନୀ ଓ ଛୋଟ ଛୋଟ ସଭାସମାରୋହ ପାଇଁ ବିଶେଷ ବ୍ୟବସ୍ଥା ରହିଛି । ଆଧୁନିକ ସଜାସଜି , ସୁବିଧାଜନକ ବସିବା ବ୍ୟବସ୍ଥା, ଶୀତଳ ପରିବେଶ ଓ ଭଲ ସେବା ଦ୍ୱାରା ଗ୍ରାହକମାନଙ୍କୁ ଆକର୍ଷିତ କରିବାକୁ ପ୍ରୟାସ କରାଯାଇଛି । ଗ୍ରାହକମାନଙ୍କ ସୁବିଧା ପାଇଁ ପାର୍ସେଲ୍ ସେବା ଓ ଅର୍ଡର ଅନୁସାରେ ଖାଦ୍ୟ ପ୍ରସ୍ତୁତିର ବ୍ୟବସ୍ଥା ମଧ୍ୟ ରହିଛି । ସ୍ୱଚ୍ଛତା ଓ ଗୁଣବତ୍ତାକୁ ବିଶେଷ ଗୁରୁତ୍ୱ ଦିଆଯାଇଥିବା ବେଳେ ଅନୁଭବୀ ରାନ୍ଧୁଣୀମାନଙ୍କ ଦ୍ୱାରା ଖାଦ୍ୟ ପ୍ରସ୍ତୁତ କରାଯାଉଛି । ସ୍ଥାନୀୟ ଅଞ୍ଚଳରେ ଏପରି ଆଧୁନିକ ରେଷ୍ଟୁରାଣ୍ଟ ଖୋଲାଯାଇଥିବାରୁ ଲୋକମାନେ ଖୁସି ପ୍ରକାଶ କରିଥିବା ସହ ଆଗାମୀ ଦିନରେ ଏହା ଏକ ଲୋକପ୍ରିୟ ଖାଦ୍ୟ କେନ୍ଦ୍ର ଭାବେ ପରିଚିତ ହେବ ବୋଲି ଆଶା ପ୍ରକାଶ ପାଇଛି ।

# ଓଡିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ଦାବିପତ୍ର

ବଲାଙ୍ଗିର,୨୩।୨:(ମନ୍ଥନ)ଓଡିଶା କେନ୍ଦୁପତ୍ର କର୍ମଚାରୀ ବଲାଙ୍ଗିର ଜିଲ୍ଲା ସଂଘ ସଂପାଦକ ରାଜ କିଶୋର ମେହେରଙ୍କ ନେତୃତ୍ୱରେ ସ୍ଥାନୀୟ ଡିଏଫ୍ଓ ଅଫିସ ଘେରାଓ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୧୭ ଦଫା ଦାବିପତ୍ର ବଲାଙ୍ଗିର କେନ୍ଦୁପତ୍ର ବଲାଙ୍ଗିର ରେଞ୍ଜ ଅଫିସରଙ୍କୁ ପ୍ରଦାନ କରିଥିଲେ । ଦାବି ଗୁଡିକ ମଧ୍ୟରେ କେନ୍ଦୁପତ୍ର ତୋଳାଳୀମାନଙ୍କ କେନ୍ଦୁପତ୍ର କେରି ପ୍ରତି ଦରବୃଦ୍ଧି, ସିଜିନାଲ କର୍ମଚାରୀମାନଙ୍କର ସର୍ବନିମ୍ନ ମଜୁରୀ ବୃଦ୍ଧି ଅନୁପାତରେ ୨୦୨୪ ମସିହା ଜୁଲାଇ ୧୮ ତାରିଖରୁ ମାସିକ ମଜୁରି ବୃଦ୍ଧି, ବନ୍ଧେଇ ଶ୍ରମିକମାନଙ୍କ ପାଇଁ ବଣ୍ଡଲ ପ୍ରତି ଦର ବୃଦ୍ଧି, କେନ୍ଦୁପତ୍ର ଫଡି ଉଚ୍ଛେଦ ବନ୍ଦ କରିବା, ପ୍ରସ୍ତାବିତ ୫/୬ ଟି ଡିଭିଜନରେ ପରୋକ୍ଷ ଘରୋଇକରଣ ବନ୍ଦ କରିବା, କେନ୍ଦୁପତ୍ର ରେ ଜିଏସ୍‌ଟି ହ୍ରାସ ପରେ ବିକ୍ରି ମୂଲ୍ୟ ବୃଦ୍ଧି ପାଇଁ ସମୀକ୍ଷା କରାଯିବା, ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗଠିତ କେ.ଏଲ୍.ଡି.ବି. ର ଆବଶ୍ୟକୀୟ ସଂଶୋଧନ ସହ ସଂଘର ମତାମତ ନେଇ ସଂଘର ସଦସ୍ୟ




ମନୋନୀତ କରାଯିବା, ପି.ସି.ସି.ଏଫ୍ ଙ୍କ ଅଧ୍ୟକ୍ଷତାରେ ଗଠିତ ତୋଳାଳୀ, ସିଜିନାଲ କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନଙ୍କ କଲ୍ୟାଣ ଟ୍ରଷ୍ଟ ବୋର୍ଡର ବୈଠକ ଶିଘ୍ର ବୃଦ୍ଧି କରାଯିବା, ମୃତକ ପରିବାର ଙ୍କ ମୃତ୍ୟୁକାଳିନ ସହାୟତା ୨ଲକ୍ଷ ରୁ ୪ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯିବ, ବଜେଟରେ କେନ୍ଦୁପତ୍ର ସଂସ୍ଥାର କାର୍ଯ୍ୟରତ ଶ୍ରମିକମାନଙ୍କର ସାମାଜିକ ନିରାପତ୍ତା ସହାୟତା ପାଇଁ ୨୦୦ କୋଟି ଟଙ୍କାର ବ୍ୟବସ୍ଥା କରିବା ଆଦି ଦାବି ପ୍ରଦାନ କରିଥିଲେ । ଦାବି ପୁରଣ ନ ହେଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ସଂଘ ପକ୍ଷରୁ ଚେତେଇ ଦିଆଯାଇଛି । ଆଜିର ଏହି କାର୍ଯ୍ୟକ୍ରମରେ ଜଳନ୍ଧର ଭୋଇ, ଶୁଭାଷ ରଣା, ପରକ୍ଷିତ ରଣା, ମିନାକ୍ଷି ରଣା, ଅଂଚିତା ମହାନନ୍ଦ, ଟିକାରାମ ରଣା, ସତ୍ୟା ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଧାଖୋଲା ରହିଲା ୧୭ ନମ୍ବର ପାଟନାଳୀ

ମାହାଙ୍ଗା,୨୩।୨:(ମନ୍ଥନ)ମାହାଙ୍ଗାର ବିଧାୟକ ଶାରଦା ପ୍ରସାଦ ପ୍ରଧାନଙ୍କ ଉଦ୍ୟମ କ୍ରମେ ମାହାଙ୍ଗା ଅଂଚଳର ଚାଷୀମାନଙ୍କର ବହୁ ଦିନର ସମସ୍ୟାକୁଦୂର କରିବା ପାଇଁ ବିଭିନ୍ନ ପାଟନାଳୀର ଖୋଳାକାର୍ଯ୍ୟ ଆରମ୍ଭ କରାଯାଇଛି । କେତେକ ସ୍ଥାନରେ ନାମକୁମାତ୍ର ପାଟନାଳୀ ସଫେଇ ଓ ଖନନ କାର୍ଯ୍ୟ କରାଯାଉଥିବା ଦେଖିବାକୁ ମିଳୁଛି । କିଛି ଦିନ ତଳେ ଭଦ୍ରେଶ୍ୱର ନାହାଙ୍ଗ ପଂଚାୟତ ଦେଇ ଯାଇଥିବା ୧୭ ନମ୍ବର ପାଟନାଳୀର ଖନନ କାର୍ଯ୍ୟ ଜେସିବି ମେସିନ ସାହାଯ୍ୟରେ କରାଯାଇଥିଲା । ବର୍ଷା ଦିନେ ଫସଲ ନଷ୍ଟରୁ ଚାଷୀମାନଙ୍କ ସୁରକ୍ଷା କରିବା ପାଇଁ ବିଧାୟକଙ୍କର ଏହି ଉଦ୍ୟମକୁ ଚାଷୀମାନେ ସ୍ୱାଗତ କରିଥିଲା ବେଳେ ଏହି କାର୍ଯ୍ୟ ଭଦ୍ରେଶ୍ୱର ଡାକ୍ତରଖାନା ପାର୍ଶ୍ୱରୁ ୨୦୦ ଫୁଟ୍ ଯାଏ କରାଯାଇ ବନ୍ଦ୍ କରିଦିଆଯାଇଛି । ଯାହାଫଳରେ ଚାଷୀଙ୍କ ମହଲରେ ଆଶଙ୍କା ପ୍ରକାଶ କରାଯାଇଛି



୧୭ ନମ୍ବର ପାଟନାଳୀ ଖୋଳିବା ସହିତ ଉଭୟ ପାର୍ଶ୍ୱର ବନ୍ଧ ଚଉଡା କରାଯାଉଥିଲା ବେଳେ ଏହା ଅଧାରୁ ବନ୍ଦ ରହିଲା କାହିଁକି ? ଯାହାଫଳରେ ବର୍ଷା ଦିନେ ପ୍ରବଳ ବର୍ଷା ପାଣି ଯାହାକି ଗୋତରା ପଂଚାୟତର ଆପିଲୋ ଦେଇ ଏହି ଡ୍ରେନେଜ୍ କଟ୍‌ରେ ପ୍ରବାହିତ ହୋଇଥାଏ । ଅଧାଖୋଳାଯିବା ଫଳରେ ବର୍ଷା ଜଳ ଠିକ୍ ଭାବେ ଏହିପାଟନାଳୀ ଦେଇ ପ୍ରବାହିତ ହୋଇ ପାରିବ ନାହିଁ । ଅଧା କାର୍ଯ୍ୟ କାହା ସ୍ୱାର୍ଥରେ ବୋଲି ଚାଷୀଙ୍କ ମହଲରେ ପ୍ରଶ୍ନ ଉଠିଥିଲା ବେଳେ ମାହାଙ୍ଗା ବିଧାୟକ ତୁରନ୍ତ ଏହି କାର୍ଯ୍ୟ ପୂର୍ଣ୍ଣାଙ୍ଗ ପାଇଁ ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସର୍ବସାଧାରଣରେ ଦାବି ହେଉଛି ।

# ପୂର୍ବତନ କେନ୍ଦ୍ରମନ୍ତ୍ରୀ କାହ୍ନୁ ଚରଣ ଲେଙ୍କାଙ୍କ ସ୍ମୃତିସଭା

କେନ୍ଦ୍ରାପଡ଼ା,୨୩।୨:(ମନ୍ଥନ)ଜିଲ୍ଲା ପ୍ରତିଭା ପୂଜା ସଂସଦ ପକ୍ଷରୁ ପବ୍ଲିକ ରିଡିଂରୁମ ପରିସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ କାହ୍ନୁ ଚରଣ ଲେଙ୍କାଙ୍କ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ସଂସଦର ସଭାପତି ପ୍ରଦିପ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପୂର୍ବତନ ଜିଲ୍ଲା ଓକିଲ ସଙ୍ଘ ସଭାପତି ଭୀମସେନ ଭୂୟାଁ, ଜିଲ୍ଲା ଓକିଲ ସଙ୍ଘ ସମ୍ପାଦକ ନୃସିଂହ ରାଉତ, କଂଗ୍ରେସ ନେତା ପ୍ରଫୁଲ୍ଲ ଦାସ ଓ ପୂର୍ବତନ ନଗରପାଳ ଧିରେନ ସାହୁ ପ୍ରମୁଖ ଯୋଗଦେଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଲେଙ୍କାଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସଂଯୋଜକ ଗୋଲଖ ଚନ୍ଦ୍ର ପଢିଆରୀ ସ୍ୱାଗତ ଭାଷଣ ପ୍ରଦାନ




କରିଥିବା ବେଳେ ଶୈଳବାଳା ସାମଲ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡ. ଚୈତନ୍ୟ ଚରଣ ପରିଡା, ଫକୀର ଚରଣ ଖଟୁଆ, ସନ୍ତୋଷ ବେହେରା, ଭାଗିରଥୀ ଜେନା, ଶରତ ବେହୁରା, ଆଦିକନ୍ଦ ରାଉଳ, ଶେଷଦେବ ଦାସ, ଜାକିର ହୋସେନ, ରିଙ୍କୁ ଲେଙ୍କା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଲେଙ୍କାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ହାଇଓ୍ୱାରେ ବାଲି ଢ଼ାଳିବା ସମୟରେ ୧୧କେଭି ବିଦ୍ୟୁତ ତାର ଲାଗି ଡ୍ରାଇଭର ଗୁରୁତର ମେଡିକାଲରେ ଭର୍ତ୍ତି

ଧାମନଗର,୨୩।୨:(ମନ୍ଥନ)ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳରେ ଦିନକୁ ଦିନ ଚୋରା ବାଲି ଚାଲାଣ ଦ୍ୱାରା ପ୍ରଶାସନର ମୁଣ୍ଡ ବ୍ୟଥାର କାରଣ ହୋଇ ପଡିଥିବା ବେଳେ ବିଦ୍ୟୁତ ତାର ଲାଗି କେଉଁଠି ବାଲି ଗାଡ଼ି ଡ୍ରାଇଭର ଆହାତ ହେଲେଣି ତ ଆଉ କେଉଁଠି ମୃତ୍ୟୁବରଣ କଲେଣି,ଏବେ କେଇଟା ଦିନ ପୂର୍ବରୁ ଭଗବାନପୁର ପଞ୍ଚାୟତ ଅନ୍ତର୍ଗତ ପଦ୍ମପୋଖରୀ ଗ୍ରାମର ଜଣେ ଡ୍ରାଇଭରର ବିଦ୍ୟୁ ତାର ଲାଗି ମୃତ୍ୟୁ ହୋଇଥିବା ବେଳେ ଶନିବାର ଦିନ ଫଳପୁର ପୃଷ୍ଟି ସାହୀ ଠାରେ ଓଡ଼ି, ୩୪ ଘ ୧୧୧୮ ନମ୍ବର ଥିବା ଏକ ବାଲି ବୋଝେଇ ହାଇଓ୍ୱା ବାଲି ଢ଼ାଳିବା ବେଳେ ୧୧ କେଭି ବିଦ୍ୟୁ ତାର ଲାଗିବା ଦ୍ୱାରା ଡ୍ରାଇଭର ଗୁରୁତର ହୋଇଥିଲେ । ତାଙ୍କୁ ତୁରନ୍ତ ୧୦୮ ଆମ୍ବୁଲାନ୍ସ ଦ୍ୱାରା ଧାମନଗର ଡ଼ାକ୍ତର ଖାନା ନେଇଥିଲେ । ସେଠାରେ ତାଙ୍କର ଅବସ୍ଥା ଅତି ଗୁରୁତର ହେବାରୁ ତାଙ୍କୁ ଯାଜପୁର ଡ଼ାକ୍ତର ଖାନାକୁ ସ୍ଥାନାନ୍ତର କରାଯାଇଥିଲା । ସୂଚନାଥାଉକି ଆହତ ଡ୍ରାଇଭରଙ୍କ ଘର ଯାଜପୁର ଜିଲ୍ଲା କାଟିଆ । ଅଞ୍ଚଳର ସେକ ଆସିରୁଦ୍ଦିନ ବୋଲି ଜଣାପଡିଛି । ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରାୟ ୫ ଘଣ୍ଟା ବିଦ୍ୟୁତ ସେବା ବନ୍ଦ ରହିଥିଲା । ତେବେ ଖଣି ବିଭାଗ ବାଲି ଚୋରା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି ।

# କୁଚିଣ୍ଡା ଶିଅଳ ଖଜୁରିଆ ସମାଜର ବାର୍ଷିକ ସଭା ଅନୁଷ୍ଠିତ

କୁଚିଣ୍ଡା,୨୩।୨:(ମନ୍ଥନ)ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ଶିଅଳ ଖଜୁରିଆ ସମାଜର ବାର୍ଷିକ ସଭା ଅନୁଷ୍ଠିତ ହୋଇଯାଇଛି । ବିରବର ବେହେରା ଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମ ରେ ଅତିଥି ସମ୍ବର୍ଦ୍ଧନା ପରେ ସଂପାଦକ ବୈଦ୍ୟନାଥ ବେହେରା ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଭାବେ କୁଚିଣ୍ଡା ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ ଯୋଗଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଫରେଷ୍ଟର ଗୋକୁଳ ଚନ୍ଦ୍ର ନାଏକ, ସମ୍ବଲପୁର ଜିଲ୍ଲା କୋଷାଧ୍ୟକ୍ଷ ପ୍ରଫୁଲ୍ଲ ବେହେରା, କିଶୋର ଅର୍କ,ଭରତ ଚନ୍ଦ୍ର ବେହେରା, ସୋମନାଥ ବେହେରା,ତିଥବାସୀ ବେହେରା ପ୍ରମୁଖ ଯୋଗଦେଇ ଶିଅଳ ଖଜୁରିଆ ସମାଜ ର ଉନ୍ନତି କାମନା କରିବା ସହିତ ଶିକ୍ଷା ଏବଂ ଆର୍ଥିକ ସ୍ଥିତି ସୁଦୃଢ଼ ହୋଇ ସମାଜ କୁ ଆଗକୁ ବଢିବା ପାଇଁ ପରାମର୍ଶ ଦେଇଥିଲେ ।



କାର୍ଯ୍ୟକ୍ରମ କୁ ଡିଲେଶ୍ୱର ବେହେରା ପରିଚାଳନା କରିଥିବାବେଳେ ଶେଷରେ ସଞ୍ଜୟ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସମାଜ ର କୁନିକୁନି ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଜଗଦୀଶ ବେହେରା, ପଙ୍କଜ ବେହେରା,ପାରୁଆଭାଡି ସମିତି ସଭ୍ୟ ଧ୍ରୁବ ବେହେରା,ଦେବାଧି ବେହେରା,ଆନନ୍ଦ ବେହେରା, ସୋମନାଥ ବେହେରା,ଦୁସାଶନ ବେହେରା, ବୈଷ୍ଣବ ବେହେରା ତଥା କୁଚିଣ୍ଡା ଓ ବାମରା ବ୍ଲକ ର ସମାଜର ଜନସାଧାରଣ ସାମିଲ ହୋଇଥିଲେ ।

# ଚାଲିଛି ବେଆଇନ ଇଟା ଭାଟି ପୋଡା : ପ୍ରଶାସନ ନୀରବଦ୍ରଷ୍ଟା

ମାହାଙ୍ଗା,୨୩।୨:(ମନ୍ଥନ)ରାଜ୍ୟରେ ଜଳବାୟୁ ଦୂଷିତ ହେଉଥିଲା ବେଳେ ଏପରିକି ବହୁ ସହରର ବାୟୁମଣ୍ଡଳ ଦୂଷିତ ହେବାରେ ଲାଗିଛି । ଏଥିପାଇଁ ରାଜ୍ୟ ସରକାର ପ୍ରତ୍ୟେକ ଗାଡିର ପ୍ରଦୂଷଣ ଯାଞ୍ଚ କରିବା ସହିତ ଜରୀମାନା ଆଦାୟ କରୁଛନ୍ତି । ହେଲେ ଇଟାଭାଟିର ଧୂଆଁ କ'ଣ ପ୍ରଦୂଷଣମୁକ୍ତ । ମାହାଙ୍ଗା ବ୍ଲକର ବିଭିନ୍ନ ପଂଚାୟତରେ ଶହ ଶହ ଇଟାଭାଟି ପୋଡା ଚାଲିଛି । ଏପରିକି ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଂଚାୟତର ପୁରୁଷୋତ୍ତମପୁର ଅଂଚଳରେ କେନ୍ଦ୍ରାପଡା ଅଂଚଳର ଲୋକ ବେଆଇନ ଭାବେ ଇଟା ପୋଡି ବ୍ୟବସାୟ କରୁଥିବା ଅଭିଯୋଗ ହେଉଛି । ମାହାଙ୍ଗାର ଦ୍ୱୀପାଂଚଳରେ ଇଟାଭାଟି ପୋଡିବା କୁଟୀରଶିଳ୍ପରେ ପରିଣତ ହୋଇଛି । ଧାନ କଟାଯିବା ପରଠାରୁ ଲକ୍ଷ ଲକ୍ଷ ଇଟା ପକାଯାଇ ପୋଡା ଚାଲିଛି ।



ପ୍ରଶାସନ କିନ୍ତୁ କୌଣସି ପଦକ୍ଷେପ ଗ୍ରହଣ କରୁନାହିଁ । ଇଟାଭାଟି ଧୂଆଁରେ ପ୍ରତିଦିନ ବାୟୁମଣ୍ଡଳ ପ୍ରଦୂଷଣ ହେଉଛି । ଏଥିପ୍ରତି ପ୍ରଶାସନର ଚିନ୍ତା ନାହିଁ । ବେଆଇନ ଇଟା ପୋଡି ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ କେବେ ହେବ କାର୍ଯ୍ୟାନୁଷ୍ଠାନ । ସେନେଇ ମାହାଙ୍ଗା ଅଂଚଳର ବୁଦ୍ଧିଜୀବୀ ମହଲରେ ଏବେଠୁ ଆଶଙ୍କା ପ୍ରକାଶ ପାଇଲାଣି । ପୂର୍ବ ସରକାର ଅମଳରେ ଯେଉଁଭଳି ଭାବରେ ମାହାଙ୍ଗାରେ ଇଟାବ୍ୟବସାୟ ଚାଲିଥିଲା ବର୍ତ୍ତମାନ ବିଜେପି ସରକାର ଅମଳରେ ସେହିଭଳି ଇଟା ବ୍ୟବସାୟ ଚାଲିଛି ବୋଲି ଅଭିଯୋଗ ହେଉଛି । ସରକାର ବଦଳିଛି ହେଲେ ବ୍ୟବସ୍ଥା ବଦଳିନାହିଁ । କେବେ ସରକାର ବେଆଇନ ଇଟା ପୋଡୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବେ କି ନାହିଁ ସେ ନେଇ ସାଧାରଣରେ ଆଶଙ୍କା ପ୍ରକାଶ ପାଇଛି ।

# ସାନ୍ତସାହି ସରସ୍ୱତୀ ଶିଶୁବିଦ୍ୟାମନ୍ଦିରରେ ବିଶାଳ ହିନ୍ଦୁ ସମ୍ମିଳନୀ

କେନ୍ଦ୍ରାପଡ଼ା,୨୩।୨:(ମନ୍ଥନ)ସନାତନ ଧର୍ମ ସୃଷ୍ଟିର ସର୍ବ ପୁରାତନ ତଥା ଏକମାତ୍ର ଧର୍ମ । ସନାତନ ସଂସ୍କୃତି ବସୁଧୈବ କୁଟୁମ୍ବକଂର ବାର୍ତ୍ତା ଦେଇଥାଏ । ସମଗ୍ର ବିଶ୍ୱର ମଙ୍ଗଳ କାମନା ତଥା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ପାଇଁ ଅନାଦି କାଳରୁ ଏହି ଧର୍ମ ଚେଷ୍ଟା କରି ଆସିଛି ଓ ଦେଶ ମାତୃକାକୁ ନିଜର ମାଆ ବୋଲି ସମ୍ବୋଧନ କରିଆସିଛି । ହିନ୍ଦୁ ସଂସ୍କୃତି କେବଳ ଦେବୀ ବା ଦେବତା ନୁହେଁ, ମାନବ, ବୃକ୍ଷଲତା ଏପରିକି ଜଡ଼ ବସ୍ତୁରେ ମଧ୍ୟ ଭଗବତ ସତ୍ତାର ଅନୁଭବ କରିଥାଏ । ତେଣୁ ଏହି




ମହାନ ସଂସ୍କୃତିକୁ ବଜାୟ ରଖି ସୁରକ୍ଷା ପ୍ରଦାନ କରିବାକୁ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ । ଏଥିସହିତ ସୁସଂଗଠିତ ହୋଇ ଭାରତ ଗୌରବର ବିଜୟ ବାନାକୁ ସମଗ୍ର ବିଶ୍ୱରେ ଉଡାଇବା ଉଚିତ ବୋଲି ସାନ୍ତସାହିସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପରିସରରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଯୋଗଦେଇ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି । କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ମା' ବୁଢ଼ୀ ବିଳାଶୁଣୀ ଓ ମା'ଯାଜ୍ଞସେନୀ ବସତୀର ସମଗ୍ର ହିନ୍ଦୁ ସମାଜ ପକ୍ଷରୁ ସ୍ଥାନୀୟ ସାନ୍ତସାହିସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିର ପରିସରରେ ସଂଯୋଜକ ସଚ୍ଚିଦାନନ୍ଦ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀରେ ଉଦଘାଟକ ରୂପେ ମହନ୍ତ ସଚ୍ଚିଦାନନ୍ଦ ଦାସ, ମୁଖ୍ୟଅତିଥି ଭାବେ ଦୈନିକ ଶ୍ରୁତିର ସମ୍ପାଦକ ସର୍ବେଶ୍ୱର ମିଶ୍ର ଓ ମୁଖ୍ୟବକ୍ତା ଭାବେ ପଣ୍ଡିତ ହୃଷିକେଶ ରଥ ପ୍ରମୁଖ ଯୋଗଦେଇ ଭାରତୀୟ ହିନ୍ଦୁ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ । ଏଥିସହିତ ଏକ ସୁସ୍ଥ ହିନ୍ଦୁ ସମାଜ ଗଠନରେ ସାମାଜିକ ସରସତା ସ୍ଥାପନ ପାଇଁ ପ୍ରତ୍ୟେକ ହିନ୍ଦୁମାନଙ୍କ ମଧ୍ୟରେ ଥିବା ଉଚ୍ଚନୀଚ ଭେଦଭାବକୁ ଦୂର କରିବାକୁ ପଡିବ ବୋଲି କହିଥିଲେ । ଏହାସହିତ ଦେଶକୁ ଏକ ପରମ ବୈଭବଶାଳୀ ରାଷ୍ଟ୍ର ଭାବେ ଗଠନ କରି ପ୍ରତ୍ୟେକ ହିନ୍ଦୁମାନଙ୍କୁ ସଂଗଠିତ କରିବାର ଆବଶ୍ୟକତା ତଥା ହିନ୍ଦୁତ୍ୱ ଓ ସନାତନ ଧର୍ମ ଏବଂ ସଂସ୍କୃତିର ସୁରକ୍ଷା ପ୍ରତି ଆସୁଥିବା ଆହ୍ୱାନକୁ ସାମନା କରିବାକୁ ସମସ୍ତେ ଏକାଠି ହେବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବୈଦ୍ୟନାଥ ଚାଟାର୍ଜୀ, କିଶୋର ପଣ୍ଡା, ଗିତାଞ୍ଜଳୀ ସେଠୀ, ନେହେରୁ ସାହୁ, ପ୍ରଧାନ ଆଚାର୍ଯ୍ୟ ମନୋଜ ରାଉତ ପ୍ରମୁଖ ଉପସ୍ଥିତ ଥିଲେ । ସଚ୍ଚିଦାନନ୍ଦ ବେହେରା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଲୋକନାଥ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଦୁଇହଜାରରୁ ଉର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସୁରେଶ ଚନ୍ଦ୍ର ନାୟକ, ମାଧବ ନନ୍ଦ, ଭିକାରୀ ପ୍ରଧାନ, ସମୀର ଦାସ, ପ୍ରଭାତରଞ୍ଜନ ସ୍ୱାଇଁ, ଅଭୟ ବେହେରା, କ୍ଷିତିଶ ସିଂହ, ରଞ୍ଜନ କୁମାର, ଶ୍ରୀନିବାସ ନାୟକ, ପଦ୍ମଲୋଚନ ମହାପାତ୍ର, ମହେଶ୍ୱର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ନୂଆବଜାର ସ୍ଥିତ ଗୋପବନ୍ଧୁ ଶିକ୍ଷା ସଦନର ୩୬ତମ ବାର୍ଷିକୋତ୍ସବ

ଜଳେଶ୍ୱର,୨୩।୨:(ମନ୍ଥନ)ପ୍ରତିଭାର ବିକାଶ ପାଇଁ ଜଳେଶ୍ୱରର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଜଳେଶ୍ୱର ନୂଆବଜାର ସ୍ଥିତ ଗୋପବନ୍ଧୁ ଶିକ୍ଷା ସଦନର ୩୬ତମ ବାର୍ଷିକ ଉତ୍ସବ ଓ ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ କମର୍ଦ୍ଦା ସ୍ଥିତ ସୁରେନ୍ଦ୍ର ବୈଷୟିକ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ସରୋଜ ରଞ୍ଜନ ସେନାପତି ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରାଧାପିକା ସୁଷମା ରାଣୀ ଭୂୟାଁ ଯୋଗ ଦେଇ କହିଥିଲେ ଯେ ପରିବାର ହେଉଛି ପ୍ରଥମ ବିଦ୍ୟାଳୟୟ ପିଲା ମାନଙ୍କୁ ବଳ ପୂର୍ବକ ଶିକ୍ଷା ଦେବା ଉଚିତ ନୁହେଁୟ ପିଲା ମାନଙ୍କର ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ସେମାନଙ୍କ ମଧ୍ୟରେ ଆଧ୍ୟାତ୍ମିକତା, ସଂସ୍କାର,




ଗୁରୁଜନ ମାନଙ୍କୁ ସମ୍ମାନ ଦେବା ପାଇଁ ପିଲାମାନଙ୍କୁ ପିତା,ମାତା ଓ ଶିକ୍ଷକ ମାନେ ଶିକ୍ଷା ଦେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ ।ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ଼ଃ ଲଳିତ ରଞ୍ଜନ ସେନାପତି ବକ୍ତବ୍ୟ ପ୍ରଦାନ କରି ମା' ମାନେ ପିଲାମାନଙ୍କୁ ସଂସ୍କାର ଶିକ୍ଷା ଦେବା ଉଚିତ ବୋଲି କହିବା ସହ ଆଜିର ସମାଜରେ ମଣିଷ ପଣିଆ କମିଯାଉଛି ବୋଲି ମତ ପ୍ରକାଶ କରିଥିଲେ । ସମ୍ମାନିତ ବକ୍ତା ଭାବେ ଦୀନକୃଷ୍ଣ ମହାବିଦ୍ୟାଳୟର ଅଧ୍ୟାପକ ସୁଶାନ୍ତ କୁମାର ସାହୁ ତାଙ୍କ ବକ୍ତବ୍ୟ ରେ ଛୋଟଛୋଟ ପିଲାମାନଙ୍କର ପାଠ ପଢିବା ଅଭ୍ୟାସ ପ୍ରତି ଶିକ୍ଷକ ଓ ଅଭିଭାବକ ମାନେ ଚେଷ୍ଟିତ ହେବା ଆବଶ୍ୟକ ବୋଲି କହିଥିଲେ । ପ୍ରଧାନ ଶିକ୍ଷକ ତାପସ ରଞ୍ଜନ ଗିରି ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଶିକ୍ଷୟିତ୍ରୀ ମେଘମାଳା ଭଞ୍ଜ ବିଦ୍ୟାଳୟର ଇତିହାସ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ କରି ସମ୍ମାନିତ କାରିଥିଲେ । ପୁରସ୍କାର୍ ତରଣୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ପ୍ରଧାନ ଶିକ୍ଷୟିତ୍ରୀ ପାରମିତା ଜେନା, ଅଞ୍ଜଳି ସେନାପତି, ରୀନା ରାଣୀ ବ୍ରହ୍ମ, ଅନିତା ପରିଡା,ସ୍ୱାଗତିକା ଦାସ, ସଞ୍ଜୁ ରାଣୀ ମହାନ୍ତି । ଶେଷରେ ସୌଦାମିନୀ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ସନ୍ଧ୍ୟାରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

‘ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ନବଜାତ ଶିଶୁଙ୍କ ପାଇଁ ବିପଦ ହାଇପୋଥର୍ମିଆ

### ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଏବେ ଶୀତ ଓ କୁହୁଡ଼ି ଅଚାନକ ଭାବେ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିବାବେଳେ ନବଜାତ ଶିଶୁଙ୍କ ପାଇଁ ବିପଜ୍ଜନକ ହେଉଛି ହାଇପୋଥର୍ମିଆ। ଯେତେବେଳେ ଆମପରି ବୟସ୍କ ଲୋକମାନେ ହାଡ଼ଭଙ୍ଗା ଶୀତରେ ଜଡ଼ଶଡ଼ ହୋଇଯାଉଛେ ସେତେବେଳେ ଭାବନ୍ତୁ ନବଜାତକଙ୍କ ପାଇଁ ଏହା କେତେ ଘାତକ ସାବ୍ୟସ୍ତ ହୋଇପାରେ। ସହଯେ ବିଷାକ୍ତ ବାୟୁ ପ୍ରଦୂଷଣ ସମଗ୍ର ବାୟୁମଣ୍ଡଳକୁ ବିପଜ୍ଜନକ ସାବ୍ୟସ୍ତ କରିଥିବା ସମୟରେ ଆସନ୍ତୁ ନବଜାତକ ଶିଶୁଙ୍କ ପାଇଁ ଘାତକ ସାବ୍ୟସ୍ତ ହେଉଥିବା ହାଇପୋଥର୍ମିଆ ସମ୍ପର୍କରେ ଆଲୋଚନାଟି ରଖିବା।

ହାଇପୋଥର୍ମିଆ ଦୁଇ ପ୍ରକାର ବୟସସୀମା ଭିତରେ ଦେଖାଯାଏ। ମାସକର ଶିଶୁ ଓ ଦୁଇ ମାସରୁ ୧ ବର୍ଷ ବୟସର ପିଲାଙ୍କ ଶରୀରରେ ଏହା ଅଧିକ ଦେଖାଯାଏ। ମାସକରୁ କମ ବୟସର ଶିଶୁଙ୍କ ଶରୀର ଜଲଦି ଥଣ୍ଡା ପଡ଼ିଯାଏ, ଅତ୍ୟାବଶ୍ୟକ ଗରମ ପୋଷାକ ପିନ୍ଧା ନଗଲେ, ମା' ପେଟର ତାପମାତ୍ରା ଠାରୁ ବାହାର ତାପମାତ୍ରା କମ ହୋଇଗଲେ ଶିଶୁଙ୍କ ଠାରେ ଏହି ରୋଗ ଦେଖାଯାଏ। ବର୍ଷକରୁ କମ ବୟସର ପିଲାମାନଙ୍କର ଶରୀରରେ ହାଇପୋଥର୍ମିଆ ଦେଖାଯିବାର କାରଣ ହେଲା ପରିବେଶ।

ଯେତେବେଳେ ପିଲା ଖାଇବେ ନାହିଁ, ସେମାନଙ୍କ ଠାରେ ବିଭିନ୍ନ ସଂକ୍ରମଣ ଦେଖାଯିବ, ହାର୍ଟରେଟ କମିଯିବ ଏବଂ ଥଣ୍ଡା ଧରିବ, ସେତେବେଳେ ଜାଣିବେ ସେ ବୋଧେ ହାଇପୋଥର୍ମିଆରେ ଆକ୍ରାନ୍ତ ହୋଇଛି।

ନବଜାତ ପିଲାଙ୍କ ହାତ ଓ ପାଦକୁ ବାରମ୍ବାର ଧ୍ୟାନ ଦେବା ଉଚିତ, କାରଣ ଏହି ରୋଗରେ ସେମାନଙ୍କ ହାତ ଓ ପାଦ ନଳୀ ପଡ଼ିଯାଏ। ପିଲାମାନେ ଖାଇବା ଗ୍ରହଣ କରିବେ ନାହିଁ, ଅଧିକ ସମୟ ଶୋଇବେ। ତାଙ୍କଠାରୁ ବଡ଼ ପିଲାଙ୍କ ଶରୀରରେ ବାରମ୍ବାର ସର୍ଦ୍ଦି ଧରିବ, ଖେଳାଖେଳି କରିବେ ନାହିଁ। ବ୍ୟବହାରରେ ଏପରି କିଛି ପରିବର୍ତ୍ତନ ଆସିଲେ ସଙ୍ଗେ ସଙ୍ଗେ ପାଖ ଡାକ୍ତରଖାନାକୁ ନେଇଯିବା ଉଚିତ।

ଶରୀରର ଉପଯୁକ୍ତ ତାପମାତ୍ରା ପାଇଁ ବିଭନ୍ନ ପ୍ରକାର ଗ୍ରେଡ଼ିଂ ରହିଛି। ମାଇଲଡ ହାଇପୋଥର୍ମିଆରେ ଶରୀର ତାପମାତ୍ରା ୩୬ ଡିଗ୍ରୀରୁ ୩୬.୫ ଡିଗ୍ରୀ ସେଲସିୟସ ରହିବା ଉଚିତ। ସେହିପରି ମଡରେଟରେ



ତାପମାତ୍ରା ୩୨-୩୬ ଡିଗ୍ରୀ ମଧ୍ୟରେ ଏବଂ ସିଭିଅର ହାଇପୋଥର୍ମିଆରେ ୩୬ ଡିଗ୍ରୀରୁ କମ ତାପମାତ୍ରା ରହିବ। ସେଥିପାଇଁ ମଡରେଟ ଓ ସିଭିଅର ହାଇପୋଥର୍ମିଆ ଅଧିକ ବିପଦପୂର୍ଣ୍ଣ। ଏହି ସମୟରେ ଡାକ୍ତରଖାନାରେ ଶିଶୁଙ୍କ ରେଡିଆଣ୍ଟ ୱାର୍ମର ତଳେ ରଖିଥାଉ। ୩୪ ଡିଗ୍ରୀ ତାପମାତ୍ରା ଆଣିବା ପର୍ଯ୍ୟନ୍ତ ସେମାନଙ୍କୁ ଜୋର ଜୋର ଘସାଯାଏ। ଏହାପରେ ୩୬ ଡିଗ୍ରୀ ପର୍ଯ୍ୟନ୍ତ ଆଣିବାକୁ ଚେଷ୍ଟା କରାଯାଏ।

ନବଜାତ ଶିଶୁଙ୍କୁ ମାସକ ଭିତରେ ଗାଧେଇବେ ନାହିଁ। ମୋଟା ପୋଷାକ ପିନ୍ଧାଇବେ ଏବଂ ବଡ଼ ପିଲା ଘରେ ଥିଲେ ବି ଗରମ ପୋଷାକ ପିନ୍ଧାଇବେ। ଘରର ଉଷ୍ମତା ବଜାୟ ରଖିବା ଦରକାର। ନାଜାଲ ଡ୍ରପ ନାକରେ ପକାଇବା ଉଚିତ, କାରଣ ଏହା ନାକକୁ ଆର୍ଦ୍ର ରଖିଥାଏ। କୁହୁଡ଼ି ଓ ବିଷାକ୍ତ ବାୟୁମଣ୍ଡଳ ଆପଣଙ୍କ ଆଖପାଖ ପରିବେଶରେ ରହୁଥିଲେ କୌଣସି ପରିସ୍ଥିତିରେ ନବଜାତ ଶିଶୁ ଯେପରି ଏହାର ସଂସ୍ପର୍ଶରେ ନ ଆସିବେ ସେ ଦିଗ ପାଇଁ ଯତ୍ନବାନ ହୁଅନ୍ତୁ। ନବଜାତ ମାନଙ୍କୁ ସାମାନ୍ୟ ଥଣ୍ଡଜ୍ୱର, ଛିଙ୍କ ବା କୌଣସି ଶାରୀରିକ ଅସ୍ୱସ୍ତିକର ଅବସ୍ଥା ଦେଖିବାମାତ୍ରେ ତୁରନ୍ତ ନିକଟସ୍ଥ ସରକାରୀ ଡାକ୍ତରଖାନା, ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ପିଲାଟି ଯେପରି ଉଷୁମ ପରିବେଶ ପାଇବ ଓ ପର୍ଯ୍ୟାପ୍ତ ପରିମାଣର ମା'କ୍ଷୀର ଖାଇବ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। କେହି କେହି ଶୀତ ଦିନ ସୂର୍ଯ୍ୟକିରଣ ନବଜାତକଙ୍କ ପାଇଁ ଭଲ ବୋଲି ବିଚାର କରିଥାନ୍ତି କିନ୍ତୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସୂର୍ଯ୍ୟକିରଣ ପିଲାଟି ପାଉ କିନ୍ତୁ ବାୟୁମଣ୍ଡଳର ଜଳୀୟ କଣା ଏବଂ ବିଷାକ୍ତ ପରିବେଶ ଯେପରି ତାହା ସ୍ୱାସ୍ଥ୍ୟ ଅବସ୍ଥାକୁ ନ ବିଗାଡ଼େ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ। ପିଲାଟି କ୍ଷୀର ଖାଉଥିଲେ ମା'ମାନଙ୍କର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି। ସେମାନେ ଥଣ୍ଡାଜାତୀୟ ଜିନିଷ ଠାରୁ ଦୂରେଇ ରହିବା ସହ ନିଜେ ଯେପରି କୁହୁଡ଼ି ଧୂଳି ଧୂଆଁଠାରୁ ଦୂରେଇ ରହିବେ ସେଥିନିମିତ୍ତ ଯତ୍ନବାନ ହୁଅନ୍ତୁ। ହାଇପୋଥର୍ମିଆ ସେପରି ଏକ ଭୟଙ୍କର ରୋଗ ନୁହେଁ କିନ୍ତୁ କୌଣସି ପ୍ରକାରରେ ତୁଟୁକା ତୁଟୁକି ବା ଗୁଣୀ ଗାରେଡ଼ି ଚିକିତ୍ସାକୁ ଆଦୌ ଗ୍ରହଣ କରନ୍ତୁ ନାହିଁ। ସରକାରୀ ବ୍ୟବସ୍ଥାରେ ପିଲାଟିର ଚିକିତ୍ସା କରନ୍ତୁ। ଅଧୈର୍ଯ୍ୟ ନହୋଇ ଭଗବାନଙ୍କ ଉପରେ ବିଶ୍ୱାସ ରଖି ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ଓ ଚିକିତ୍ସା ବ୍ୟବସ୍ଥାକୁ ଆପଣାଇଲେ ଦେଖିବେ ପିଲାଟି ହାଇପୋଥର୍ମିଆରୁ ନିଶ୍ଚିନ୍ତ ଆରୋଗ୍ୟ ଲାଭ କରିପାରିବ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,
E-mail : drjyotiranjanchampatray123@gmail.com

# ଜଳବାୟୁ ପରିବର୍ତ୍ତନ

ବିଶ୍ୱ ଜଳବାୟୁରେ ପରିବର୍ତ୍ତନର ଏକ ମୁଖ୍ୟ କାରଣ ହେଲା ଆଖିବୁଜା ଗଛକଟାଯିବା। ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଜନବସତି ବୃଦ୍ଧି, ଶିଳ୍ପ କାରଖାନା ଏବଂ କୃଷି ଉପଯୋଗୀ ଜମି ପରିମାଣ ବୃଦ୍ଧି ଯୋଗୁ ଜଙ୍ଗଲ ପରସୀମା ହ୍ରାସ ପାଉଛି। କଂକ୍ରିଟ ଜଙ୍ଗଲ ବୃଦ୍ଧି ହେତୁ ପ୍ରକୃତ ଜଙ୍ଗଲ ନଷ୍ଟ ହେଉଛି। ଫଳରେ ବାୟୁ ମଣ୍ଡଳର ଉତ୍ତାପ ବୃଦ୍ଧି, ବର୍ଷା କମିବା ଏବଂ ଅସ୍ୱାଭାବିକ ପାଣିପାଗ, ବାରମ୍ବାର ପ୍ରାକୃତିକ ବିପର୍ଯ୍ୟୟ ସୃଷ୍ଟି ହେବା ଏବଂ ବାୟୁ ପ୍ରଦୂଷଣ ମାତ୍ରା ବୃଦ୍ଧି ପାଇ ମଣିଷ ନାନା ପ୍ରକାର ରୋଗର ଶୀକାର ହେବା ଦେଖାଯାଉଛି। ତେଣୁ ପରିବେଶ ସୁରକ୍ଷା ଏବଂ ଜଳବାୟୁ ପରିବର୍ତ୍ତନକୁ ରୋକିବା ଲାଗି ଜଙ୍ଗଲ ଧ୍ୱଂସକୁ ରୋକିବା ଏବଂ ବୃକ୍ଷରୋପଣ ନିହାତି ଜରୁରୀ ବୋଲି ସମସ୍ତେ ଏକମତ। ବିଶ୍ୱବ୍ୟାପୀ ଏଥିଲାଗି ଜନ ସଚେତନତା ଉପରେ ଗୁରୁତ୍ୱ ପ୍ରଦାନ କରାଯାଉଛି। ବିଭିନ୍ନ ସମୟରେ ଅନ୍ତର୍ଜାତୀୟ ସ୍ତରରେ ଏହା ଉପରେ ଆଲୋଚନା, ଚର୍ଚ୍ଚା ହେଉଛି, ପ୍ରସ୍ତାବ ଗୃହୀତ ହେଉଛି, ସଙ୍କଳ୍ପ ବି ପାରିତ ହେଉଛି। କିନ୍ତୁ ବାସ୍ତବ କ୍ଷେତ୍ରରେ ଏହାର କାର୍ଯ୍ୟକାରୀତା ଯଥେଷ୍ଟ କମ ଦେଖିବାକୁ ମିଳୁଛି। ପରିବେଶ ସୁରକ୍ଷା, ବୃକ୍ଷ ରୋପଣ କେବଳ ସ୍ଲୋଗାନରେ ସୀମିତ ହୋଇ ରହିଛି। ସମସ୍ତେ ଅନ୍ୟକୁ ଉପଦେଶ ଦେଉଛନ୍ତି, ନିଜେ ପରିବେଶ ସୁରକ୍ଷା ସହିତ ସାଲିସ କରୁଛନ୍ତି। ବିକଶିତ ରାଷ୍ଟ୍ରମାନେ ଶିଳ୍ପସମୃଦ୍ଧ ହୋଇସାରିବା ପରେ ଅନ୍ୟ ଦେଶକୁ ଶିଳ୍ପ ପ୍ରତିଷ୍ଠାରୁ ବିରତ ରହିବାକୁ ଉପଦେଶ ଦେଉଛନ୍ତି। ଭାରତ ଭଳି ଏକ ବିଶାଳ ଜନବହୁଳ ଦେଶରେ ଜନସଂଖ୍ୟା ବୃଦ୍ଧି ସହ ତାଳ ଦେଇ ଜଙ୍ଗଲ ଧ୍ୱଂସ ଏକ କ୍ରମାଗତ ପ୍ରକ୍ରିୟାରେ ପରିଣତ ହୋଇଛି। ଏହାକୁ ରୋକିବା ଲାଗି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାରମାନେ ଆଇନ ପ୍ରଣୟନ କରିଛନ୍ତି। ବିନା ଅନୁମତିରେ ଗଛ କାଟିବାକୁ ଏକ ଧର୍ତ୍ତବ୍ୟ ଅପରାଧ ବୋଲି ଏଠାରେ ବିବେଚନା କରାଯାଉଛି। ଆଇନରେ ଏଥିଲାଗି କଠୋର ଦଣ୍ଡବିଧାନ ବ୍ୟବସ୍ଥା ମଧ୍ୟ ରହିଛି। ଏହା ସତ୍ତ୍ୱେ ଅନେକ ସମୟରେ ସରକାରୀ ସ୍ତରରେ ମଧ୍ୟ ଏହି ଆଇନର ବ୍ୟାପକ ଉଲ୍ଲଙ୍ଘନ କରାଯାଉଛି। ଅନେକ ଶିଳ୍ପ ପ୍ରକଳ୍ପ, ଖଣି କାର୍ଯ୍ୟ ନିମନ୍ତେ ଅବାଧରେ ଗଛ କଟାଯାଉଛି। ରାସ୍ତା ସମ୍ପ୍ରସାରଣ ଏବଂ ବଡ଼ ବଡ଼ କୋଠା ନିର୍ମାଣ ଲାଗି ମଧ୍ୟ ଗଛ କଟାଯାଉଛି। ନିକଟରେ ରାଜଧାନୀ ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଥିବା ଏମଏଲଏ କଲୋନୀରେ ବିଧାୟକମାନଙ୍କ ପାଇଁ ନୂଆ ବହୁତଳ ବିଶିଷ୍ଟ ଫ୍ଲାଟ ନିର୍ମାଣ ଲାଗି ବହୁ ସଂଖ୍ୟାରେ ଗଛ କଟାଯାଇଛି। ଆଗକୁ ମଧ୍ୟ ଆହୁରି ଅନେକ ଗଛ କଟାଯିବାର ରହିଛି। ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହୋଇଛି ଏବଂ ଅନେକ ସ୍ୱେଚ୍ଛାସେବୀ ସଙ୍ଗଠନ, ରାଜନୈତିକ ଦଳ, ବ୍ୟକ୍ତି ବିଶେଷ ଏବଂ ପରିବେଶ ସୁରକ୍ଷା ଲାଗି କାର୍ଯ୍ୟରତ ସଙ୍ଗଠନ ରାସ୍ତାକୁ ଓହ୍ଲାଇଛନ୍ତି। ଓଡ଼ିଶା ହାଇକୋର୍ଟରେ ଏଥିନେଇ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଯେଉଁସବୁ ବଡ଼ ବଡ଼ ଗଛ କଟାଯାଇଛି ତାହାର ବିକଳ୍ପ ଗଛ ଲଗାଯାଇ ସେତିକି ବଡ଼ ହେବା ପର୍ଯ୍ୟନ୍ତ ଅପେକ୍ଷା କଲେ ୩୦ ବର୍ଷ ଲାଗିଯିବ। ବହୁତଳ ବିଶିଷ୍ଟ ଫ୍ଲାଟ ନିର୍ମାଣ ନିମନ୍ତେ ଗଛ କାଟିବା ନିହାତି ଜରୁରୀ ନଥିଲା। ଗଛ ନକାଟି ମଧ୍ୟ ଘର ନିର୍ମାଣ କରାଯାଇପାରିଥାନ୍ତା। ନଚେତ ବିଧାୟକମାନଙ୍କ ପାଇଁ ଅନ୍ୟ ସ୍ଥାନରେ ଘର ତିଆରି କରାଗଲେ କ୍ଷତି କ'ଣ ହେବ ? ଏଭଳି ଅବାଧ ଗଛକଟାକୁ ସମ୍ପୃକ୍ତ ବିଧାୟକମାନେ ପ୍ରଥମେ ବିରୋଧ କରିବାର ଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ସେମାନେ ନିଜ ସ୍ୱାର୍ଥ ପାଇଁ ନିରବ ରହୁଛନ୍ତି। ଏଥିନେଇ ଥାନାରେ ଏତଲା ମଧ୍ୟ ଦିଆଯାଇଛି। ବାସ୍ତବରେ ଏହାକୁ ହାଲୁକାଭାବେ ଗ୍ରହଣ କରାଯିବା ଅନୁଚିତ। ଏଭଳି ଅପରାଧରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ ଯେମିତିକି ଭବିଷ୍ୟତରେ ଆଉ କେହି ଏପରି କାର୍ଯ୍ୟକରିବାକୁ ସାହସ କରିବେ ନାହିଁ। ଯଦି କୌଣସି ବେସରକାରୀ ସଂସ୍ଥା ବା ବ୍ୟକ୍ତି ବିଶେଷ ନିଜ ଘର ବା କୋଠା ନିର୍ମାଣ ନିମନ୍ତେ ଗଛ କାଟିବ , ତେବେ ସରକାରୀ ବାବୁମାନେ ତାଙ୍କୁ ମୋଟା ଅଙ୍କର ଜରିମାନା କରିବେ ଏବଂ ବେଶ କଠୋର ଦଣ୍ଡ ବିଧାନ ହେବ। କିନ୍ତୁ ଏଠାରେ ଯିଏ ରକ୍ଷକ ହେବା କଥା, ସେ ହିଁ ଭକ୍ଷକ ହୋଇଛି। ତାଙ୍କ ବିରୋଧରେ ଅଧିକ କଠୋର ଭୂମିକା ଗ୍ରହଣ କରାଯିବା ଉଚିତ। କେବଳ ଏହି ଗୋଟିଏ ଘଟଣା ନୁହେଁ, ଏଭଳି ଘଟଣାର ଅନେକ ଉଦାହରଣ ରହିଛି ଯେଉଁଠି ଅବାଧରେ ଗଛ କଟାଯାଉଛି,କିନ୍ତୁ ଏହାର ବିକଳ୍ପ ବ୍ୟବସ୍ଥା କରାଯାଉନି। ଅନେକ ଶିଳ୍ପ ପ୍ରକଳ୍ପ ଲାଗି ଗଛ କଟା ହେଉଛି। କିନ୍ତୁ ସେତିକି ନୂଆ ଗଛ ଲଗାଯାଉନି। ପୋସ୍କୋ ପ୍ରକଳ୍ପ ଲାଗି ପାରାଦ୍ୱୀପ ନିକଟରେ ଶହ ଶହ ଗଛ କଟାଗଲା। କିନ୍ତୁ ସେହି ଅନୁପାତରେ ଗଛ ଲଗାଗଲାନି। ପୋସ୍କୋ ପ୍ରକଳ୍ପ ବି କାର୍ଯ୍ୟକାରୀ ହେଲାନି। ଏହାକୁ କହନ୍ତି ନିଜ ଗୋଡ଼ରେ କୁରାଢ଼ି ମାରିବା। ଏଥିପାଇଁ ଭବିଷ୍ୟତପୀଢ଼ୀକୁ ବହୁ ମୂଲ୍ୟ ଦେବାକୁ ପଡ଼ିବ। ଆମେ ଏଥିପାଇଁ ଉତ୍ତରଦାୟୀ ରହିବା ଉଚିତ। ଏହି ଭୁଲ ନିମନ୍ତେ ଇତିହାସ ଆମକୁ କେବେ କ୍ଷମା ଦେବନାହିଁ। ରାଜଧାନୀ ଭୁବନେଶ୍ୱରରେ ଯେପରି ଅବିଚାରିତ ଭାବେ ଗଛ କଟା ହେଉଛି ତାହା ରାଜଧାନୀବାସୀଙ୍କ ଲାଗି ମହଙ୍ଗା ପଡ଼ିବ। ଆଜି ରାଜଧାନୀ ଭୁବନେଶ୍ୱର ଯଦି ହଟ ଚାମ୍ବରରେ ପରିଣତ ହୋଇଛି ତାହା କେବଳ ଏହି କାରଣରୁ। ଆଜି ରାଜଧାନୀରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଅନୁଭୂତ ହେଉଛି ତାହା କେବଳ ଏହି କାରଣରୁ। ଏହାକୁ ବନ୍ଦ କରିବା ଦାୟିତ୍ୱ ସରକାରଙ୍କର। ଏହା ବିରୋଧରେ ପ୍ରବଳ ଜନମତ ସୃଷ୍ଟି ହେଲେ ଯାଇ ସରକାର ହୁଏତ ଚେତିପାରନ୍ତି।

# ପୁତ୍ରଦା ଏକାଦଶୀ

### ଅଲେଖ ଚନ୍ଦ୍ର ସାମଲ

ପୌଷ ମାସ ଶୁକ୍ଳପକ୍ଷରେ ଯେଉଁ ଏକାଦଶୀ ପଡ଼େ ତାହାକୁ ପୁତ୍ରଦା ଏକାଦଶୀ କୁହାଯାଏ। ପୁତ୍ରଦା ଏକାଦଶୀରେ ନାମମନ୍ତ୍ର ଜପ କରିବା ସହ ଶ୍ରୀହରିଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ଏକାଦଶୀ ତିଥିରେ ଦୀପଦାନ ସହ ସମସ୍ତ ଫଳ ପୂଜା କରିବା ବିଧାନ ରହିଛି। ଭଗବାନ ଶ୍ରୀକୃଷ୍ଣ ଧର୍ମରାଜ ଯୁଧିଷ୍ଠିରଙ୍କୁ ଏହି ବ୍ରତର ମହତ୍ୱକୁ ବ୍ୟାଖ୍ୟା କରି କହିଥିଲେ ଏହି ତିଥିରେ ଅଧିଦେବତା ହେଉଛନ୍ତି ଭଗବାନ ନାରାୟଣ। ଏହି ତିଥିରେ ସମସ୍ତ ପାପନାଶ ହୋଇଥାଏ।

ପୂର୍ବକାଳରେ ଭଦ୍ରାବତୀପୁରୀ ରାଜା ସୁକେତୁମାନ ଶାସନ କରୁଥିଲେ। ତାଙ୍କର କୌଣସି ସନ୍ତାନ ନଥିଲେ। ଏହି କାରଣରୁ ରାଜା ଓ ରାଣୀ ଚମ୍ପା ଚିନ୍ତାରେ ରହୁଥିଲେ। ଦିନେ ରାଜା ରାଜପରିବାରର କୌଣସି ସଦସ୍ୟଙ୍କୁ ନ ଜଣାଇ ବନ୍ୟ ଭ୍ରମଣ କରିବା ପାଇଁ ବାହାରିଲେ। ରାଜା ବନର ଶୋଭାକୁ ଦେଖୁ ଦେଖୁ ଦ୍ୱିପ୍ରହର ହୋଇଗଲା। ରାଜା ଭୋଗ ଶୋଷରେ ଆଉଟୁ ପାଉଟୁ ହୋଇ ଖାଦ୍ୟ ସଂଗ୍ରହ ପାଇଁ ଖୋଜିବୁଲିଲେ। ଶେଷରେ ଏକ ସରୋବର ଓ ସରୋବର ତଟରେ ଅନେକ ମୁନିଋଷି ମାନଙ୍କର ଅଶ୍ରମ ସ୍ଥଳୀ ରହିଥିବାର ଦେଖିଲେ। ଏହା ରାଜାଙ୍କ ପାଇଁ ସୌଭାଗ୍ୟ ଥିଲା। ସେ ତତ୍‌କ୍ଷଣାତ ଘୋଡ଼ା ଉପରେ ବସି ସରୋବର ନିକଟରେ ପହଞ୍ଚି ସମସ୍ତ ମୁନିଋଷିମାନଙ୍କୁ ବନ୍ଦନା କରିବାକୁ ଲାଗିଲେ। ତାଙ୍କର ବନ୍ଦନାରେ ମୁନିଋଷିମାନେ ପ୍ରସନ୍ନ ହେଲେ। ରାଜା ମୁନି ମାନଙ୍କୁ ଦେଖି ପଚାରିଲେ ଆପଣମାନେ କିଏ ? ଆପଣଙ୍କ ନାମ କ'ଣ ତଥା ଆପଣମାନେ ଏଠାରେ ଏକତ୍ର ହୋଇଛନ୍ତି କାହିଁକି ? ମୁନି କହିଲେ ଆମେ ସମସ୍ତେ ବିଶ୍ୱଦେବ। ସ୍ନାନ କରିବାକୁ ଆସିଛୁ। ମାଘମାସ ନିକଟରେ ଆସୁଛି। ଆଜି ଠାରୁ ପାଞ୍ଚଦିନ ଧରି ମାଘ ସ୍ନାନ ଆରମ୍ଭ ହେବାକୁ ଯାଉଛି। ଆଜି ହିଁ ପୁତ୍ରଦା ଏକାଦଶୀ। ଯିଏ ଏହି ବ୍ରତ ପାଳନ କରିବ ତାର ପୁତ୍ର ହେବ। ରାଜା କହିଲେ ହେ ବିଶ୍ୱେଦେବଗଣ ଯଦି ଆପଣମାନେ ମୋ ଉପରେ ପ୍ରସନ୍ନ ଅଛନ୍ତି ତ ମୋତେ ପୁତ୍ର ଦିଅନ୍ତୁ। ମୁନି କହିଲେ ରାଜନ ଏହି ବ୍ରତ ବହୁତ ବିଖ୍ୟାତ, ଆଜିଠାରୁ ଏହି ବ୍ରତ ପାଳନ କରନ୍ତୁ। ମହାରାଜା ଭଗବାନ କେଶବଙ୍କ ଆଶୀର୍ବାଦରୁ ଆପଣଙ୍କୁ ପୁତ୍ର ଅବଶ୍ୟ ପ୍ରାପ୍ତ ହେବ। ଏହି ପ୍ରକାର ମୁନିଙ୍କ କହିବାନୁଯାୟୀ ରାଜା ଏହି ବ୍ରତକୁ ପାଳନ କରିବା ସହ ପୁତ୍ରଦା ଏକାଦଶୀ ଅନୁଷ୍ଠିତ କଲେ। ଦ୍ୱାଦଶରେ ସେ ନିଜ ବ୍ରତକୁ ଉଦ୍‌ଯାପିତ କରି ମୁନିଙ୍କ ଚରଣ ସ୍ପର୍ଶ କରି ଘରକୁ ଫେରିଲେ। ସେହିଦିନ ରାଣୀ ଗର୍ଭଧାରଣ କଲେ। ରାଜାଙ୍କର ଏକ ତେଜସ୍ୱୀ ପୁତ୍ର ହେଲା ଯାହା ଗୁଣର ଅଧିକାରୀ ହେବା ସହ ପ୍ରଜା ମାନଙ୍କର ପାଳକ ମଧ୍ୟ ହୋଇପାରିଥିଲେ। ଏହି ଦୃଷ୍ଟିରୁ ପୁତ୍ରଦା ଏକାଦଶୀ ବ୍ରତ ସମସ୍ତ ଏକାଦଶୀ ଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ।

ପୂର୍ବତନ ଡିଏଫ୍‌ଓ , ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର
E-mail : alekha007samal@gmail.com

# ତେଲ ଟାଙ୍କି ତନଖି

### ଶ୍ୟାମ ସୁନ୍ଦର ସାମଲ

କଟକ-ଭୁବନେଶ୍ୱର ପରି ଦ୍ୱୈତନଗରୀ ଓ ରାଜ୍ୟର ବଡ଼ ବଡ଼ ସହର ମାନଙ୍କରେ ସହରରେ ଥିବା ପେଟ୍ରୋଲ ପମ୍ପ ଗୁଡ଼ିକ ପେଟ୍ରୋଲ ଓ ଡିଜେଲ ପକାଉଥିବା ଗାଡ଼ିକୁ ସଠିକ ପରିମାଣରେ ତେଲ ଦେଉଛି କି ନାହିଁ, ଗ୍ରାହକଙ୍କ ପାଇଁ ମୌଳିକ ସୁବିଧା ଉପଲବ୍ଧ କରାଇଛି କି ନାହିଁ ଏବଂ ତେଲର ମାନ ଯାଞ୍ଚ କରିବା ନିମନ୍ତେ ଆବଶ୍ୟକ ସୁବିଧା ଅଛି କି ନାହିଁ ଆଦି ଘଟଣାକୁ ନୀରିକ୍ଷଣ ନିମନ୍ତେ ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ଟିମ କିପରି କାମ କରୁଛି, ତାହା ସହରବାସୀ ବିଶେଷ କରି ତଲେ ପକାଇବାକୁ ପେଟ୍ରୋଲ ପମ୍ପ ଆସୁଥିବା ଲୋକେ ଜାଣିପାରୁ ନାହାନ୍ତି।

କଟକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପେଟ୍ରୋଲ ପମ୍ପ ବିରୋଧରେ ଗ୍ରାହକମାନେ ଅନେକ ସମୟରେ ବିଭିନ୍ନ ଅଭିଯୋଗ କରିଥାନ୍ତି କେହି ଅପମିଶ୍ରିତ ତେଲ ବିକ୍ରି କରୁଥିବା ତ' ପୁଣି କିଏ ମୌଳିକ ସୁବିଧା ଗ୍ରାହକଙ୍କୁ ଯୋଗାଇ ଦିଆଯାଉ ନାହିଁ ବୋଲି ଅଭିଯୋଗ କରିଥାନ୍ତି। ଏସବୁ ଅଭିଯୋଗ ମିଳିବାପରେ ଯୋଗାଣ ବିଭାଗ ଉକ୍ତ ପେଟ୍ରୋଲ ପମ୍ପ ଗୁଡ଼ିକ ଉପରେ ଚଢ଼ଉ କରିଥାଏ। ତେବେ ଚଢ଼ାଉ ପରେ କୌଣସି କାର୍ଯ୍ୟାନୁଷ୍ଠାନ ହୁଏ କି ନାହିଁ ତାହା ଜାଣି ହୋଇନଥାଏ।

ସରକାରୀ ହିସାବ ଅନୁସାରେ କଟକ ଜିଲ୍ଲାରେ ମୋଟ ୧୫୧ଟି ପେଟ୍ରୋଲ ପମ୍ପ ରହିଛି। ସେଥି ମଧ୍ୟରେ କଟକ ମହାନଗର ନିଗମ ଅଞ୍ଚଳରେ ୨୧ଟି ପମ୍ପ ରହିଛି। ଏହି ପେଟ୍ରୋଲ ପମ୍ପ ଗୁଡ଼ିକ ଉପରେ ଅଭିଯୋଗ ଆସିଲେ ଯୋଗାଣ ବିଭାଗର ଏନଫୋର୍ସମେଣ୍ଟ ୟୁନିଟ ଚଢ଼ାଉ କରିଥାଏ। ହେଲେ ଚଢ଼ାଉ ପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନିଆଯାଇଥିବା ନେଇ କିଛି ତଥ୍ୟ ନାହିଁ। ଯୋଗାଣ ବିଭାଗ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯିବା ସମୟରେ ପେଟ୍ରୋଲ ପମ୍ପ ଗୁଡ଼ିକ ମାନଦଣ୍ଡ ପାଳନ କରୁନଥିବା ନଜରକୁ ଆସିଥାଏ। ତେଲର ଡେନସିଟି ପରୀକ୍ଷା ପାଇଁ ବ୍ୟବସ୍ଥା ଥିଲେ ମଧ୍ୟ ଏହା ଅଧିକାଂଶ ପେଟ୍ରୋଲ ପମପରେ ଅଚଳ ହୋଇଯାଇଛି। ସେହିଭଳି ପେଟ୍ରୋଲ ପମ୍ପରେ କେତେ ପରିମାଣର ତେଲ ଗଚ୍ଛିତ ରହିଛି, ତାହାର ରେକର୍ଡ଼ ମଧ୍ୟ ନଥାଏ। ଆଉ କେତେକେ ପେଟ୍ରୋଲ ପମ୍ପରେ କ୍ୟାସ ମେମୋ ଠିକ ଭାବେ ପରିଚାଳନା କରାଯାଇନଥାଏ। ଅନେକ ସ୍ଥାନରେ ତେଲ ମାପକୁ ନେଇ ଅଭିଯୋଗ ଆସିଲେ, ଆଭିଯୋଗକାରୀକୁ କାଚ ପାତ୍ରରେ ମାପ ପଳାରେ ତେଲ ଦେଖାଇବା ପାଇଁ ବ୍ୟବସ୍ଥା ରହିଛି। ଗ୍ରାହକଙ୍କ ପାଇଁ ପାନୀୟ ଜଳ ବ୍ୟବସ୍ଥା ସହ ଶୌଚାଳୟ ବାଧ୍ୟତାମୂଳକ ରହିଛି, କିନ୍ତୁ ବିଭିନ୍ନ ପେଟ୍ରୋଲ ପମ୍ପରେ ତାହା ଉପଲବ୍ଧ ନାହିଁ। ଚଳିତ ବର୍ଷ କଟକ ସହର ଉପକଣ୍ଠରେ ଥିବା ଦୁଇଟି ପେଟ୍ରୋଲ ପମ୍ପରେ ଚଢ଼ଉ ହୋଇଥିଲା। ତେବେ ଚଢ଼ାଉ ପରେ ଏନଫୋର୍ସମେଣ୍ଟ ଟିମ କି ରିପୋର୍ଟ ଦେଇଥିଲା ଏବଂ ଜିଲ୍ଲାପାଳଙ୍କ କୋର୍ଟରେ କେସ ହେଲା କି ନାହିଁ, ସେ ସମ୍ପର୍କରେ କିଛି ଜାଣି ହେଲାନାହିଁ। ପ୍ରଶାସନ ଏହି ଘଟଣାକୁ ହାଲକା ଭାବେ ନ ନେଇ ତୁରନ୍ତ ଦୃଷ୍ଟି ଦିଅନ୍ତୁ।

ସୁଭଦ୍ରା ନଗର, ବିଡ଼ାନାସୀ , କଟକ, ଦୂରଭାଷ : ୯୭୭୮୬୩୫୯୨୬

# ଘରେ ପାଇଖାନାର ଉପଯୁକ୍ତ ସ୍ଥାନ

### ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଆଜିକାଲି ଘରଟିଏ ତୋଳିଲେ ପାଇଖାନାଟିଏ ରଖିବା ନିତାନ୍ତ ଆବଶ୍ୟକ। କିନ୍ତୁ ପୂର୍ବକାଳରେ ଗୃହ ମଧ୍ୟରେ ପାଇଖାନାର ସ୍ଥାନ ନଥିଲା। ପୁରାତନ ବାସ୍ତୁଶାସ୍ତ୍ର 'ମୟମ୍ ମତ୍‌ମ୍'ରେ ବର୍ଣ୍ଣନା କରାଯାଇଛି ଯେ, ଉତ୍ତର-ପଶ୍ଚିମ ବାୟୁ କୋଣରେ ମଳତ୍ୟାଗ କରିବା ଉଚିତ। ବର୍ତ୍ତମାନ ଏହାର ବ୍ୟତିକ୍ରମ ଦେଖାଯାଉଛି। ଯେଉଁ କାରଣରୁ ମାରାତ୍ମକ ରୋଗ ସୃଷ୍ଟି ହେଉଛି। ବାତ, ପିତ୍ତ, କଫର ସମାନତା ରହୁନାହିଁ। ଗୃହର ଉତ୍ତର ଦିଗରେ ପାଇଖାନା ନିର୍ମାଣ କଲେ ସ୍ୱାମୀ-ସ୍ତ୍ରୀଙ୍କ ଭିତରେ କଳହ ଓ ସ୍ୱାସ୍ଥ୍ୟହାନି, ଗୃହର ଐଶାନ୍ୟ କୋଣରେ ପାଇଖାନା ମାରାତ୍ମକ ରୋଗ, ଗୃହର ପୂର୍ବଭାଗରେ ପାଇଖାନା ହୃଦରୋଗ, ଗୃହର ଦକ୍ଷିଣ ଭାଗରେ ପାଇଖାନା ନିର୍ମାଣ ହେବା ଦ୍ୱାରା ସନ୍ତାନମାନେ ଗୃହ ପ୍ରତି ବିମୁଖୀ ହୋଇଥାନ୍ତି।

ଗୃହରେ ଦକ୍ଷିଣ-ପଶ୍ଚିମ ନୈରତ୍ୟ କୋଣରେ ପାଇଖାନା ରହିଲେ ହୃଦରୋଗ, କିଡ଼ନୀ ଓ ଲିଭରରେ ରୋଗ ସୃଷ୍ଟି ହୋଇଥାଏ। ସ୍ନାୟବିକ ଯନ୍ତ୍ରଣା ମଧ୍ୟ ଦେଖାଯାଇଥାଏ। ଘରର ବ୍ରହ୍ମ ସ୍ଥାନରେ ପାଇଖାନା ମହିଳାମାନଙ୍କର ବିଭିନ୍ନ ରୋଗ ସୃଷ୍ଟି କରିଥାଏ। ଭାରତୀୟ ସଂସ୍କୃତି ଓ ପରମ୍ପରା ଅନୁସାରେ ବାସ୍ତୁଶାସ୍ତ୍ର କହେ, ଉତ୍ତର ଅଧିପତି ବୁଧ, ଐଶାନ୍ୟର ଅଧିପତି ବୃହସ୍ପତି, ପୂର୍ବର ଅଧିପତି ରବି, ଅଗ୍ନିକୋଣର ଅଧିପତି ଶୁକ୍ର ଓ ମଙ୍ଗଳ, ଦକ୍ଷିଣର ଅଧିପତି ରାହୁ, ଦକ୍ଷିଣ-ପଶ୍ଚିମର ଅଧିପତି ଶନି, ବାୟୁକୋଣର ଅଧିପତି ଚନ୍ଦ୍ର। ଏଣୁ କେବଳ ବାୟୁ କୋଣରେ ପାଇଖାନା ନିର୍ମାଣ କଲେ ଗୃହରେ ସୁଖଶାନ୍ତି ବିରାଜମାନ କରିଥାଏ। ଅନ୍ୟ ସ୍ଥାନରେ ପାଇଖାନା ଥିଲେ ଅଯଥା ସମସ୍ୟାରେ ପୀଡ଼ିତ ହେବେ ଓ କେବଳ ଭାଗ୍ୟକୁ ଦୋଷ ଦେବେ। ଯଦି ଭୁଲ ସ୍ଥାନରେ ପାଇଖାନା ରହିଛି ଓ ରୋଗ ଦୁଃଖ, କଷ୍ଟ ଭୋଗ କରୁଛନ୍ତି ତେବେ ଚିନ୍ତା ନ କରି ବୈଜ୍ଞାନିକ ପଦ୍ଧତିରେ ଉପାୟ ଓ ଉପଚାର କଲେ ସୁଫଳ ମିଳିବ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଭଗବାନ ଶ୍ରୀସତ୍ୟସାଇଙ୍କ କୃପାରୁ ପୁନର୍ଜନ୍ମ ପ୍ରାପ୍ତି

### ସୌର ଚନ୍ଦ୍ର ମହାପାତ୍ର

ଭଗବାନ ଶ୍ରୀସତ୍ୟସାଇ ବାବା ସମଗ୍ର ବିଶ୍ୱକୁ ବାର୍ତ୍ତା ଦେଇ କହିଛନ୍ତି - 'ସତ୍ୟ ମୋର ପ୍ରଚାର, ଧର୍ମ ମୋର ଆଚାର, ଶାନ୍ତି ମୋର ସ୍ୱଭାବ, ପ୍ରେମ ମୋର ସ୍ୱରୂପ'। ବାବା ପୁଣି କହିଛନ୍ତି - 'ତମେ ମୋ ପାଖକୁ ପାଦେ ଆସିଲେ - ମୁଁ ତୁମ ପାଖକୁ ଶହେ ପାଦ ଯିବି'। ସ୍ୱାମୀଙ୍କର ପ୍ରାତଃ ସ୍ମରଣୀୟ ବାଣୀଟି ହେଉଛି - 'ଯେଉଁଠି ବିଶ୍ୱାସ ଅଛି - ସେଠାରେ ପ୍ରେମ ଅଛି, ଯେଉଁଠି ପ୍ରେମ ଅଛି - ସେଥିରେ ଶାନ୍ତି ଅଛି, ଯେଉଁଠି ଶାନ୍ତି ଅଛି - ସେଠାରେ ସତ୍ୟ ଅଛି, ଯେଉଁଠି ସତ୍ୟ ଅଛି - ସେଠାରେ ଆନନ୍ଦ ଅଛି, ଯେଉଁଠି ଆନନ୍ଦ ଅଛି - ସେଠାରେ ଈଶ୍ୱର ଅଛନ୍ତି'। ଭଗବାନ ବାବାଙ୍କର ଏ ଦିବ୍ୟ ବାଣୀ କିପରି ଭାବରେ ମୋର ବ୍ୟକ୍ତିଗତ, ପାରିବାରିକ, ସାମାଜିକ ଓ ବୃତ୍ତିଗତ ଜୀବନକୁ ପ୍ରଭାବିତ କରିଛି ତାହା ଉଲ୍ଲେଖ କରୁଛି।

ମୁଁ ଆଇନ ବୃତ୍ତିରେ ରହିବା ଭିତରେ ୧୯୮୨ ମସିହାରେ ଏକ ଭୟଙ୍କର ବନ୍ୟା ବିପତ୍ତି ଓଡ଼ିଶାରେ ନାହିଁ ନଥିବା ପ୍ରଳୟ ସୃଷ୍ଟି କରିଥିଲା। ବିଶେଷକରି ଆମ ଜଗତସିଂହପୁର ଅଞ୍ଚଳ ବ୍ୟାପକ କ୍ଷୟକ୍ଷତି ଓ ଧନଜୀବନ ନଷ୍ଟକୁ ସାମ୍ନା କରିଥିଲା। ମୋ ପୈତୃକ ଘର ସେହି ଅଞ୍ଚଳରେ ଥିବାରୁ ସେଠିକାର ଲୋକ ବହୁ କ୍ଷୟକ୍ଷତିର ସମ୍ମୁଖୀନ ହୋଇଥିଲେ। ତେଣୁ ଏହ ବିପଦ ସମୟରେ ସେମାନଙ୍କ ପାଖରେ ରହିବା ପାଇଁ ମନସ୍ତ କରି ମୁଁ ସାଇକେଲରେ କଟକରୁ ମୋ ଗାଁ ତିର୍ତ୍ତୋଲ ସନ୍ନିକଟ କୋଲାରଜୟପୁର ଅଭିମୁଖେ ବନ୍ୟା କମିବାର ତିନି ଦିନ ପରେ ଯାଇଥିଲି। ସନ୍ଧ୍ୟାବେଳେ ଘରେ ପହଞ୍ଚି ମୋ ବଡ଼ ଭାଇଙ୍କ ସହିତ ଚା'ପିଉଥିବା ସମୟରେ ଗାଁ ଦାଣ୍ଡରୁ କୋଳାହଳ ଶୁଭିଲା। ଘଟଣା କ'ଣ ବୁଝିବା ପାଇଁ ଗଲାବେଳକୁ କୌଣସି ଏକ ସାମାନ୍ୟ ଘଟଣାକୁ କେନ୍ଦ୍ରକରି ଦୁଇ ଗୋଷ୍ଠୀ ଭିତରେ ସଂଘର୍ଷ ଆରମ୍ଭ ହୋଇଯାଇଥାଏ। ଘଟଣାକୁ ପ୍ରସମିତ କରିବା ପାଇଁ ମୁଁ କିଛି ନ ବୁଝି ଭିଡ଼ ଭିତରକୁ ପ୍ରବେଶ କଲାବେଳକୁ କେହି ଜଣେ ଦୁର୍ବୃତ୍ତର ଫୋପଡ଼ା ପଥର ମୋ ମୁହଁରେ ଖୁବ ଜୋରେ ଆଘାତ ଦେଲା। ଯାହାଫଳରେ ମୋ ପାଟି ଓ ନାକବାଟେ ପ୍ରବଳ ରକ୍ତସ୍ରାବ ହେଲା। ହଠାତ୍ ଗଣ୍ଡଗୋଳ ସିନା ବନ୍ଦ ହୋଇଗଲା କିନ୍ତୁ ମୋର ଚିକିତ୍ସା ପାଇଁ ସମସ୍ତେ ବ୍ୟସ୍ତ, ବ୍ୟଗ୍ର ଓ ବିବ୍ରତ ହୋଇପଡ଼ିଲେ। ଆମ ଗାଁ ଠାରୁ ମଣିଜଙ୍ଗାରେ ଥିବା ପିଏଚସିକୁ ନେବା ପାଇଁ ବ୍ୟବସ୍ଥା କରାଗଲା, ରାସ୍ତାଘାଟର ଅବସ୍ଥା ଭଲ ନଥିଲା ଅନେକ ଜାଗାରେ ପାଣି କାଦୁଅ ଏଣୁ ମୋତେ ଗୋଟେ ସବାରୀରେ ଶୁଆଇ ଦେଇ ଅନବିଜ୍ଞ ଲୋକଙ୍କ ଦ୍ୱାରା କାନ୍ଧେଇ ନେବା ପାଇଁ ବ୍ୟବସ୍ଥା କରାଗଲା। ମୁଁ ମୋ ସବାରୀରେ ଶୋଇଥିବା ଅବସ୍ଥାରେ ଠିକ ଗାଁ ମୁଣ୍ଡରେ ଅନୁଭବ କଲି ଯେ ସତେ ଯେପରି ମୋ ଶରୀରରୁ ପ୍ରାଣ ବାହାରି ଯାଇଛି। ମୁଁ ମୋ ଶରୀରକୁ ଶୋଇଥିବା ଅବସ୍ଥାରେ ଦେଖୁଛି ଓ ଲୋକମାନଙ୍କୁ ମଧ୍ୟ ଦେଖୁଛି। କିନ୍ତୁ ଏପରି ଅବସ୍ଥା ଭିତରେ ମଧ୍ୟ ମୁଁ ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ନାମ ମଧ୍ୟ ବାରମ୍ବାର ଜପ କରୁଛି। ଠିକ ଏତିକି ବେଳେ ଅନୁଭବ କଲି ଯେ ସବାରୀର ବାହାର ପଟରେ କେହି ଜଣେ ସବାରୀଟିକୁ ଧରିଲେ ଦେଖିଲାବେଳକୁ ସେ ଆଉ କେହି ନୁହଁନ୍ତି ଭଗବାନ ଶ୍ରୀସତ୍ୟସାଇ ବାବା। ସବାରୀର ଗତି ସହିତ ସେ ତାଙ୍କ ଗତିକୁ ଆଗେଇ ମୋ ସହ ନିରନ୍ତର ରହିଲେ। ଯେଉଁଠି କାଦୁଅ ପାଣି ଥାଏ ସେ ଗୋଟିଏ ହାତରେ ତାଙ୍କ ଗାଉନକୁ ଟେକି ଧରୁଥାନ୍ତି କିନ୍ତୁ ଅନ୍ୟ ହାତଟିକୁ ସବାରୀରୁ ଛାଡୁ ନଥାନ୍ତି। ଏହିପରି ଅବସ୍ଥାରେ ପାଖାପାଖି ତିନି କିଲୋମିଟର ଅତିକ୍ରମ ପରେ ଡାକ୍ତରଖାନାରେ ପହଞ୍ଚିବା ପରେ ମୁଁ ସମ୍ପୂର୍ଣ୍ଣ ଭାବେ ଚେତାଶୂନ୍ୟ ହୋଇଗଲା।

ପାଖାପାଖି ଚବିଶ ଘଣ୍ଟା ପରେ ମୋର ଚେତା ଆସିଲା। ସେ ସମୟରେ ବନ୍ୟା ବିପତ୍ତି ପାଇଁ କଟକ ବଡ଼ମେଡ଼ିକାଲରୁ ଏକ ଡାକ୍ତରୀ ଦଳ ସେଠାରେ କ୍ୟାମ୍ପ କରିଥିବାରୁ ସେମାନେ ମୋର ଚିକିତ୍ସା କରିଥିଲେ। ଡାକ୍ତରମାନେ ମୋ ବେଡ଼ ପାଖକୁ ଆସିବାବେଳେ ମୁଁ ସୌଜନ୍ୟ ପୂର୍ବକ ଧନ୍ୟବାଦ ଜଣାଇବାରୁ ସେମାନେ ଏକ ସ୍ୱରରେ କହିଲେ ଯେ 'ତୁମର ଜୀବନ ଆମେ ରକ୍ଷା କରିନାହୁଁ, ଭଗବାନ ରକ୍ଷା କରିଛନ୍ତି।' ପରବର୍ତ୍ତୀ ସମୟରେ କଟକ ବଡ଼ମେଡ଼ିକାଲରେ ଦୀର୍ଘ ଦୁଇସପ୍ତାହ ଚିକିତ୍ସା ପରେ ମୁଁ ସୁସ୍ଥ ହୋଇଥିଲି। ମୋର ନାକର ହାଡ଼ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଚିକିତ୍ସା ଦ୍ୱାରା ମୁଁ ଆରୋଗ୍ୟ ଲାଭ ହୋଇଥିଲି ଏହା ହିଁ ଥିଲା ପ୍ରଭୁଙ୍କର ମୋ ପ୍ରତି କରୁଣା ଓ ଦ୍ୱିତୀୟ ଜୀବନଦାନ।

ଭଗବାନଙ୍କ ଅନୁଭୂତି ମୋ ଜୀବନରେ ଅନେକ ରହିଛି ତାକୁ ଲେଖି ବସିଲେ ଅନେକ ପୃଷ୍ଠା ଲାଗିଯିବ। ମାତ୍ର ଏତିକି ସମୟ ଭିତରେ ମୁଁ ଯେତିକି ଜାଣିଛି, ଯେତିକି ବୁଝିଛି ଭଗବାନ ହେଉଛନ୍ତି ସତ୍ୟର ଶିକ୍ଷାଦାତା, ଧର୍ମର ମୂର୍ତ୍ତିମନ୍ତ ପ୍ରତୀକ, ଶାନ୍ତିର ସ୍ୱଭାବ, ପ୍ରେମର ସ୍ୱରୂପ ତାଙ୍କର ସାନ୍ନିଧ, ତାଙ୍କର ଦର୍ଶନ, ସ୍ପର୍ଶନ, ସମ୍ଭାଷଣ ପାଇଁ ମୋ ଜୀବନକୁ ଧନ୍ୟ ମନେ କରୁଛି। ଯଥାର୍ଥରେ ଆମ ସମସ୍ତଙ୍କ ପାଇଁ ଆମେ ସମସ୍ତେ ଏକ ଓ ସେହି ବିଶ୍ୱନିୟନ୍ତାଙ୍କ ସନ୍ତାନ ସନ୍ତତିମଣି କିଛି କିଛି ସ୍ୱାର୍ଥତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ। ନିଃସ୍ୱାର୍ଥପର ସେବା ସଦୃଶ ମହତ୍ କର୍ମ ସମ୍ପାଦନ କଲାବେଳେ ଅନେକ ବାଧା ବ୍ୟତିକ୍ରମ ଉପୁଜିପାରେ ଏଥିପାଇଁ ହତାଶ ନ ହୋଇ ବରଂ ଆମର ଏକ ମାତ୍ର ଲକ୍ଷ୍ୟ ଭଗବାନଙ୍କ କୃପା ପ୍ରାପ୍ତିକୁ ମନେରଖି ଏଥିରୁ ଓହରି ଯିବା ଉଚିତ ନୁହେଁ। ସେ ହେଉଛନ୍ତି ସର୍ବୋଚ୍ଚ କର୍ତ୍ତା ତାଙ୍କର ମାଧ୍ୟମ ହୋଇ ଜୀବନକୁ କୃତାର୍ଥ କରୁ ଓ ଜଗତର ହିତ ସାଧନ କରିଥାଉ। ତାହା ହିଁ ମାନବ ଜୀବନର ଉଦ୍ଦେଶ୍ୟ ଓ ବଞ୍ଚିବାର ପ୍ରଣାଳୀ ଓ ସାର୍ଥକତା।

ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬
'ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ,
E-mail : sourachandramohapatra16@gmail.com



# ଉତ୍କଳ ଗୋପାଳ ସମାଜର ବନ୍ଧୁଗାଁ ବ୍ଲକ ପ୍ରସ୍ତୁତି ବୈଠକ

**ରାୟଗଡା,୨୩।୨:(ମନ୍ଥନ)**ଉତ୍କଳ ଗୋପାଳ ସମାଜ ତରଫରୁ ରାୟଗଡା ଜିଲ୍ଲାର ସଭାପତି ଶ୍ରୀ ଶରତ ଚନ୍ଦ୍ର ଗଉଡ଼ଙ୍କ ତତ୍ତ୍ୱାବଧାନରେ କୋରାପୁଟ ଜିଲ୍ଲା, ବନ୍ଧୁଗାଁ ବ୍ଲକ, ଗାରେଡି ପଞ୍ଚାୟତ ଅଧୀନରେ ଥିବା ବକ୍ଷରିହାଭଟ୍ଟା ଗ୍ରାମରେ ଗ୍ରାମବାସୀଙ୍କ ଉପସ୍ଥିତରେ ଗୋପାଳ ଜାତିର ସାମୁହିକ ଉନ୍ନତି ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା ।ସେହି ବୈଠକରେ ମୁଖ୍ୟ ଅତିଥି ଭାବରେ ଉତ୍କଳ ଗୋପାଳ ସମାଜ ରାଜ୍ୟ କାର୍ଯ୍ୟକାରିଣୀ ଉପସଭାପତି ତଥା ରାୟଗଡା ଜିଲ୍ଲା ସଭାପତି ଶରତ ଚନ୍ଦ୍ର ଗଉଡ଼ ଯୋଗଦେଇ ଗୋପାଳ ଜାତିର ମହାନତା ଉପରେ ଆଲୋଚନାର



ବିଷୟବସ୍ତୁ ରଖିବା ସହିତ ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ପବିତ୍ରତାକୁ କିପରି ସୁରକ୍ଷା ଦିଆଯାଇ ପାରିବ ଉପସ୍ଥାପନା ଦେଇଥିଲେ ।ସେହି ପବିତ୍ର ବୈଠକରେ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଯୁବ ସଭାପତି ଶ୍ରୀ ସୁରେଶ ବିମଳ ଓ ମୁଖ୍ୟ ସଂଗଠକ ଶ୍ରୀ ରୋହିଦାସ ନାଗ, ଶ୍ରୀ ରାଜେନ୍ଦ୍ର କରୁଆ। ଉପସ୍ଥିତ ରହି ଗୋପାଳ ଜାତିର ଯୁବପିଢ଼ିମାନଙ୍କୁ ସଚେତନତାର ବାର୍ତ୍ତା ଦେଇଥିଲେ ଓ ସମସ୍ତଙ୍କୁ ସାହାଯ୍ୟ ସହଯୋଗ ପ୍ରଦାନ ସହିତ ଗୋପାଳ ଜାତିର ସ୍ୱାଭିମାନକୁ ଆଗେଇ ନେବାପାଇଁ ।ବକ୍ଷରିହାଭଟ୍ଟା ଗ୍ରାମବାସୀଙ୍କ ସ୍ନେହ ଶ୍ରଦ୍ଧା ଓ ଭଲ ପାଇବା ଯୋଗୁଁ ସଭାକାର୍ଯ୍ୟ ସୁନ୍ଦର ଓ ସରସ ହୋଇ ପାରିଛି ଓ ପ୍ରତିଶୃତି ମଧ୍ୟ ଦେଇଛନ୍ତି ଆଗାମୀ ଦିନରେ ଏକ ବଡ଼ ଧରଣର ଗୋପାଳି ବୈଠକ ରଖିବା ପାଇଁ ।ରାଜ୍ୟ ସଭାପତି ପ୍ରତାପ ଚନ୍ଦ୍ର ପରିଡା ଏହି ବୈଠକରେ ଉପସ୍ଥିତ ଥିବା ସମସ୍ତ ଗୋପାଳ ଭାଇ ଭଉଣୀମାନଙ୍କୁ ଜଣାଇ ଥିଲେ ।

# ବିଶ୍ୱବିଦ୍ୟାଳୟ ନିଷ୍ପତ୍ତିକୁ ବରିଷ୍ଠ ନାଗରିକ ମଞ୍ଚର ସ୍ୱାଗତ

**କେନ୍ଦ୍ରାପଡ଼ା,୨୩।୨:(ମନ୍ଥନ)**କେନ୍ଦ୍ରାପଡା ଜିଲ୍ଲାରେ ଏକ ସରକାରୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସହ ଏଠାରେ ଏକ ବୃହତ ଜାହାଜ ନିର୍ମାଣ କାରଖାନା ଓ ଜିଲ୍ଲାର ଆରାଧ୍ୟ ଦେବତା ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ପରିକ୍ରମା ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ନୀତିଗତ ନିଷ୍ପତ୍ତି ନେଇଥିବାରୁ ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଚଳିତ ବିଧାନସଭା ଅଧିବେଶନରେ ମୁଖ୍ୟମନ୍ତ୍ରୀ କେନ୍ଦ୍ରାପଡ଼ା ଜିଲ୍ଲା ପାଇଁ ଏହି ତିନୋଟି ପ୍ରକଳ୍ପ ଘୋଷଣା କରିଥିବାରୁ ସରକାର ଜିଲ୍ଲାକୁ ଗୁରୁତ୍ୱ ଦେଉଛନ୍ତି। ଏହାଦ୍ୱାରା ଜିଲ୍ଲାବାସୀଙ୍କ ବହୁ ଦିନର ଆଶା ଓ ଆକାଂକ୍ଷା ପୂରଣ ହେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି। ଗତ ବିଧାନସଭା ନିର୍ବାଚନ ପୂର୍ବରୁ ବିଜେପି ଯେଉଁ ପ୍ରତିଶ୍ରୁତି ଦେଇଥିଲା ସରକାର ଗଠନ କରିବା ପରେ ତାହାକୁ ପାଳନ କରିଛି। ଏଥିପାଇଁ ଜିଲ୍ଲାର ସମସ୍ତ ବିଧାୟକ, ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀମାନଙ୍କୁ ସଂଘ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ନରୋତ୍ତମ ଜେନାଙ୍କ ଆବାହକତ୍ୱ ଓ ସଭାପତି



ଅକ୍ଷୟ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କାର୍ଯ୍ୟକାରୀ ସଭାପତି ଫକୀର ଚରଣ ଖଟୁଆ, ଉପସଭାପତି ସୟଦ ଅକମଲ ଅଲ୍ଲୀ, ପ୍ରହଲ୍ଲାଦ ମଲ୍ଲ, ଅକ୍ଷୟ କୁମାର ନାୟକ, ରବୀନ୍ଦ୍ର ନାଥ ବାରିକ, ଉପଦେଷ୍ଟା ଡା. ବିଶ୍ୱପ୍ରକାଶ କାନୁନଗୋ, ଡ. ଶରତ ଚନ୍ଦ୍ର ସ୍ୱାଇଁ, ଡ. ବିଜୟ କୁମାର ଦାସ, ପରମାନନ୍ଦ ସେଠୀ, ଅଦ୍ୱୈତ କୁମାର ଦାସ, ଜଗମୋହନ ହୋତା, ନିତ୍ୟାନନ୍ଦ ସୁଆର, କିଶୋର ଚନ୍ଦ୍ର ପରିଡ଼ା, ଶୈଳେନ୍ଦ୍ରନାଥ ମହାନ୍ତି, ବସନ୍ତ କୁମାର ଓଝା, ପ୍ରାଧ୍ୟାପକ ଗଗନ ବିହାରୀ ସ୍ୱାଇଁ, ଗଗନ ବିହାରୀ ମନ୍ତ୍ରୀ, ବୈଷ୍ଣବ ଚରଣ ପ୍ରଧାନ ପ୍ରମୁଖ ଆଲୋଚନାରେ ଭାଗନେଇ କେନ୍ଦ୍ରାପଡ଼ାବାସୀଙ୍କ ପାଇଁ ସରକାର ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସ୍ୱାଗତଯୋଗ୍ୟ ବୋଲି କହିଥିଲେ।

# ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର

**ଜଗତସିଂହପୁର, ୨୩।୨:(ମନ୍ଥନ)**ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଏରସମା ବ୍ଲକ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି ।ଏହି ଅଭିଯୋଗ ଶିବିର ରେ ଉପସ୍ଥିତ ରହି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ । ଆଜି ମୋଟ ୮୮ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା ।ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୯ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୯ ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ୍ କାର୍ଡ ସମ୍ବନ୍ଧୀୟ ୮ ଟି, ଆବାସ ଯୋଜନା ସମ୍ପର୍କୀୟ ୧୧ ଟି ,ଜମିଜମା ସମସ୍ୟା ସମ୍ପର୍କୀୟ ୨୮ ଟି, ପୋଲିସ୍



ସହାୟତା ପାଇବା ପାଇଁ ୩ ଟି,ଭତ୍ତା ପାଇବା ପାଇଁ ୧୨ ଟି, ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠି ସହାୟତା ପାଇଁ ୧ ଟି ଏବଂ ଅନ୍ୟାନ୍ୟ ୧୦ ଟି ଅଭିଯୋଗର ଶୁଣାଣି କରାଯାଇଥିଲା ।୬ ଟି ଅଭିଯୋଗ ର ତତକାଳ ଫଇସଲା କରାଯାଇଥିଲା । ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ରେ ଆରକ୍ଷୀ ଅଧିକ୍ଷକ ଶ୍ରୀ ଅଙ୍କିତ କୁମାର ବର୍ମା, ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଜ୍ୟୋତି ଶଙ୍କର ରାୟ , ଉପ ଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ,ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏରସମା ,ଶ୍ରୀ ଦାଶରଥି ଜେନା , ତହସିଲଦାର, ଏରସମା, ସ୍ନିଗ୍ଧା ଶ୍ରଦ୍ଧାଞ୍ଜଳି ବେହେରା ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗ ର ଶୁଣାଣି କରିଥିଲେ ।

# ତିରୁପତି ବାଲାଜୀ ମନ୍ଦିର ପ୍ରସାଦ ବିବାଦ
# ସୁବ୍ରମଣ୍ୟମ୍ ସ୍ୱାମୀଙ୍କ ଆବେଦନ ଖାରଜ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**ତିରୁପତି ବାଲାଜୀ ମନ୍ଦିର ପ୍ରସାଦ ମାମଲାରେ ସୁବ୍ରମଣ୍ୟମ ସ୍ୱାମୀଙ୍କ ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି । ଆନ୍ଧ୍ରପ୍ରଦେଶ ସରକାର ଭେଜାଲ ପ୍ରସାଦ ମାମଲାର ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ ।ଯାହା ଉପରେ ଏକ ଆବେଦନ ଦାଖଲ କରାଯାଇଥିଲା। ସୁପ୍ରିମକୋର୍ଟ





କହିଛନ୍ତି, ଏସ୍ଆଇଟି ଓ ପ୍ରଶାସନିକ ତଦନ୍ତ ଉଭୟ ଏକକାଳୀନ ଚାଲିପାରିବ, କାରଣ ସେମାନଙ୍କର ପରିସର ଭିନ୍ନ ଭିନ୍ନ ।ତିରୁପତି ବାଲାଜୀ ମନ୍ଦିର ପ୍ରସାଦମ୍ ବିବାଦରେ ସୁବ୍ରମଣ୍ୟମ୍ ସ୍ୱାମୀ ଭେଜାଲ ପ୍ରସାଦମ୍ ଉପରେ ଆନ୍ଧ୍ର ପ୍ରଦେଶ ସରକାରଙ୍କ ପ୍ରଶାସନିକ ତଦନ୍ତ ଉପରେ ସ୍ଥଗିତାଦେଶ ଲଗାଇବାକୁ ଆବେଦନ କରିଥିଲେ । ସ୍ୱାମୀଙ୍କ ଆବେଦନ ସମ୍ପର୍କରେ ଆନ୍ଧ୍ରପ୍ରଦେଶ ସରକାରଙ୍କ ଆଇନଜୀବୀ କହିଥିଲେ, ଏହି ଆବେଦନ କେବଳ ବିଭାଗର କାର୍ଯ୍ୟାନୁଷ୍ଠାନକୁ ପଥଭ୍ରଷ୍ଟ କରିବା ପାଇଁ ଦାୟର କରାଯାଇଥିଲା ।ଏସମ୍ପର୍କରେ, ସିଜେଆଇ ସୂର୍ଯ୍ୟକାନ୍ତ କହିଛନ୍ତି, ତାଙ୍କର ଚିନ୍ତା ହେଉଛି କୌଣସି ଓଭରଲାପ୍ ନ ହେବା ନିଶ୍ଚିତ କରିବା। ମାମଲାଟି ବର୍ତ୍ତମାନ ବିଚାରାଧୀନ ଅଛି। ରାଜ୍ୟ ସରକାର ତ୍ରୁଟିର ପ୍ରକୃତି, ଏଥିପାଇଁ କିଏ ଦାୟୀ ଏବଂ ତ୍ରୁଟିର ପରିଣାମ ନିର୍ଣ୍ଣୟ କରିବା ପାଇଁ ଏକ ପ୍ରଶାସନିକ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ।

# ତେଜସର ସମସ୍ତ ୩୦ ବିମାନର ଉଡ଼ାଣ ବନ୍ଦ କଲା ବାୟୁସେନା

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**ଭାରତୀୟ ବାୟୁସେନାର ହାଲୁକା ଲଢୁଆ ବିମାନ ତେଜସ୍ ଅବତରଣ କରିବା ସମୟରେ ଦୁର୍ଘଟଣାର ଶିକାର ହେବା ପରେ ବିମାନକୁ ନେଇ ବଡ଼ଧରଣ ତଦନ୍ତ ଓ ବୈଷୟିକ ଯାଞ୍ଚ ଆରମ୍ଭ ହୋଇଯାଇଛି । ତଦନ୍ତ ଚାଲିଥିବା ପର୍ଯ୍ୟନ୍ତ ବାୟୁସେନା ତେଜସର ସମସ୍ତ ୩୦ ବିମାନର ଉଡ଼ାଣ ବନ୍ଦ କରିଛି । ଚଳିତ ମାସ ପ୍ରଥମ ସପ୍ତାହରେ ତେଜସ୍ ବିମାନ ଅବତରଣ କରିବା ସମୟରେ ରନୱେରୁ ବାହାରି ଯାଇଥିଲା ।ପ୍ରାରମ୍ଭିକ ତଦନ୍ତରୁ ବ୍ରେକ୍ ଫେଲ୍ ହୋଇଥିବା ଅନୁମାନ କରାଯାଉଛି ।ନ୍ୟୁଜ ଏଜେନ୍ସି ଏଏନ୍ଆଇ ସୂଚନା ଅନୁଯାୟୀ, ଚଳିତ ମାସ ୭ ତାରିଖରେ ଏହି ଦୁର୍ଘଟଣା ଘଟିଥିଲା । ବର୍ତ୍ତମାନ ଏ ବିଷୟରେ ଜଣାପଡ଼ିଛି ।ପ୍ରଶିକ୍ଷଣ ଉଡ଼ାଣ ପରେ ବିମାନ ଏୟାରବେସକୁ ଫେରୁଥିବା ସମୟରେ ଦୁର୍ଘଟଣା ଘଟିଥିଲା । ପାଇଲଟ ବିମାନକୁ ଅବତରଣ କରାଇବା ସମୟରେ ବ୍ରେକ୍ ଲଗାଉଥିବା ଥିବା ସମୟରେ ବ୍ରେକ୍ ଧରିନଥିଲା ଓ ଏହା ରନୱେ ବାହାରକୁ ଚାଲି ଯାଇଥିଲା । ଦୁର୍ଘଟଣା ପୂର୍ବରୁ ପାଇଲଟ ସୁରକ୍ଷିତ ଭାବେ ବିମାନରୁ ବାହାରକୁ ଚାଲି ଆସିଥିଲେ ।ପାଇଲଟ ସୁରକ୍ଷିତ ଥିବାବେଳେ ବିମାନ କ୍ଷତିଗ୍ରସ୍ତ ହୋଇଛି । ତେବେ ଏହି ଦୁର୍ଘଟଣା କେଉଁ ଏୟାରବେସରେ ହୋଇଥିଲା ତାହା ପ୍ରକାଶ କରାଯାଇନାହିଁ । ଏହି ଘଟଣା ପରେ ବାୟୁସେନା ପାଖାପାଖି ୩୦ଟି ଏକକ



ସିଟ୍ ବିଶିଷ୍ଟ ତେଜସ୍ ବିମାନର ସମ୍ପୂର୍ଣ୍ଣ ଉଡ଼ାଣ ବନ୍ଦ କରିଦେଇଛି । ତଦନ୍ତ ଓ ସମ୍ପୂର୍ଣ୍ଣ ଯାଞ୍ଚ ଶେଷ ନ ହେବା ପର୍ଯ୍ୟନ୍ତ ବିମାନ ଉଡ଼ାଣ ଭରିବ ନାହିଁ । ତେଜସ୍ ଦୁର୍ଘଟଣା ସମ୍ପର୍କରେ ବାୟୁସେନା ପକ୍ଷରୁ କେଣସି ବିଧିବଦ୍ଧ ବୟାନ ଆସିନାହିଁ । ତେଜସ୍ ବିମାନ ସମ୍ପର୍କିତ ଏହା ତୃତୀୟ ଦୁର୍ଘଟଣା । ପ୍ରଥମ ଦୁର୍ଘଟଣା ମାର୍ଚ୍ଚ ୨୦୨୪ରେ ହୋଇଥିଲା । ଜେସାଲମେର୍ ନିକଟରେ ତେଜସ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା, ତେବେ ପାଇଲଟ୍ ବର୍ତ୍ତି ଯାଇଥିଲେ । ଦ୍ୱିତୀୟ ଥର ପାଇଁ ନଭେମ୍ବର ୨୦୨୫ରେ ଦୁବାଇ ଏୟାର ସୋ'ରେ ଏରିଏଲ ଡିସ୍ପ୍ଲେ ପରେ ତେଜସ୍ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଦୁବାଇର ଅଲ ମକତୁମ ବିମାନବନ୍ଦରଠାରେ ଏୟାର ସୋ' ବେଳେ ବିମାନ ତଳକୁ ଖସିବା ପରେ ଏଥିରେ ନିଆଁ ଲାଗି ଯାଇଥିଲା । ଏହି ଦୁର୍ଘଟଣାରେ ପାଇଲଟ୍ ୱିଙ୍ଗ କମାଣ୍ଡର ନମଂଶ ଶ୍ୟାଲଙ୍କ ମୃତ୍ୟୁ ହୋଇଥିଲା । ନମଂଶଙ୍କ ଘର ହିମାଚଳ ପ୍ରଦେଶର କାଙ୍ଗଡ଼ା ଜିଲ୍ଲାରେ । ତେଜସ୍ ଏମକେ୧ଏ କାର୍ଯ୍ୟକ୍ରମରେ ବିଳମ୍ବ ହେବା ସହିତ, ବାୟୁସେନା ୧୮୦ଟି ଏମକେ୧ଏ ଲଢୁଆ ବିମାନ ପାଇଁ ଅର୍ଡର ଦେବା ସତ୍ତ୍ୱେ ଡେଲିଭରି ସମୟସୀମା ପ୍ରାୟ ଦୁଇ ବର୍ଷ ବିଳମ୍ବରେ ଚାଲିଥିବା ବେଳେ ଏହି ସଦ୍ୟତମ ଦୁର୍ଘଟଣା ଘଟିଛି । ଏମକେ୧ଏ ହେଉଛି ଭାରତୀୟ ବାୟୁସେନା ସହିତ ବର୍ତ୍ତମାନ ସେବାରେ ଥିବା ତେଜସ୍ ଜେଟର ଏକ ଅପଗ୍ରେଡେଡ୍ ମଡେଲ ।

# ଆମେରିକାର ପୂର୍ବ ଉପକୂଳରେ ପ୍ରବଳ ତୁଷାର ଝଡ଼

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**ଆମେରିକାର ପୂର୍ବ ଉପକୂଳରେ ରବିବାରଠାରୁ ପ୍ରବଳ ତୁଷାର ଝଡ଼ ଯୋଗୁଁ ଜନଜୀବନ ଉପରେ ବ୍ୟାପକ ପ୍ରଭାବ ପଡ଼ିଥିବାବେଳେ ୮୦୦୦ରୁ ଅଧିକ ବିମାନ ବାତିଲ ହୋଇଛି । ନ୍ୟୁୟର୍କ ଓ ନ୍ୟୁଜର୍ସି ସମେତ ଅନେକ ରାଜ୍ୟରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଯାଇଛି ।ସୋମବାର ମଧ୍ୟ ଆମେରିକା ଓ କାନାଡ଼ାର କେତେକ ଭାଗରେ ଶୀତକାଳୀନ ପ୍ରବଳ ତୁଷାର ଝଡ଼ ନେଇ ଚେତାବନୀ ଜାରି ହୋଇଥିବାବେଳେ ସମଗ୍ର ନ୍ୟୁୟର୍କ ସିଟି ହାଇ ଆଲର୍ଟରେ ରହିଛି ।ଲୋକଙ୍କୁ ଘର ଭିତରେ ରହିବାକୁ କୁହାଯାଇଛି। ଗତ ୯ ବର୍ଷରେ ନ୍ୟୁୟର୍କରେ ଏପରି ଶୀତକାଳୀନ ତୁଷାର ଝଡ଼ ଆସି ନଥିଲା ।ତୁଷାର ଝଡ଼ର ପ୍ରଭାବ



ଉତ୍ତର କେରୋଲିନାଠାରୁ ଉତ୍ତର ମେନ୍ ପର୍ଯ୍ୟନ୍ତ ଦେଖିବାକୁ ମିଳିଛି ।କାନାଡାର ପୂର୍ବାଞ୍ଚଳ, ନୋଭା ସ୍କୋଟିଆ ପ୍ରଭାବିତ ହୋଇଛି ।କେତେକ ସ୍ଥାନରେ ୨ ଫୁଟ ଉଚ୍ଚତାରେ ତୁଷାରପାତ ହୋଇପାରେ ବୋଲି ଆମେରିକାର ନ୍ୟାସନାଲ ୱେଦର ସର୍ଭିସ ଚେତାବନୀ ଦେଇଛି ।ଅତି ଜରୁରୀ ଆବଶ୍ୟକତା ନଥିଲେ ଲୋକଙ୍କୁ ବାହାରକୁ ନ ଯିବାକୁ କୁହାଯାଇଛି ।ବିଦ୍ୟୁତ ସେବା ମଧ୍ୟ ପ୍ରଭାବିତ ହୋଇଛି । କେବଳ ନ୍ୟୁଜର୍ସିରେ ୯୦,୦୦୦ ଘରେ ବିଦ୍ୟୁତ ନାହିଁ। ଗତ ଜାନୁଆରିରେ ଆସିଥିବା ତୁଷାର ଝଡ଼ରେ ୧୯ ଜଣଙ୍କର ମୃତ୍ୟୁ ହୋଇଥିଲା । ପ୍ରାୟ ଏକ ଦଶନ୍ଧି ମଧ୍ୟରେ ସବୁଠାରୁ ଶକ୍ତିଶାଳୀ ନୋର ଇଷ୍ଟର ଝଡ଼ ଦ୍ୱାରା ପ୍ରବଳ ତୁଷାରପାତ, ପବନ ଏବଂ ଉପକୂଳବର୍ତ୍ତୀ ବନ୍ୟା ଆସିବା ଆଶଙ୍କା କରାଯାଉଛି । ରବିବାର ଓ ସୋମବାର ୮୦୦୦ରୁ ଅଧିକ ବିମାନ ବାତିଲ ହୋଇଥିବା ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ପକ୍ଷରୁ କୁହାଯାଇଛି। ରବିବାର ୩୫୦୦ ବିମାନ ବାତିଲ ହୋଇଥିଲା । ମାସାଚୁସେଟ୍ସରେ ପ୍ରବଳ ତୁଷାରପାତ ସହିତ ଘଣ୍ଟାକୁ ୭୫ ମାଇଲ୍ ବେଗରେ ପବନ ବହିବ ବୋଲି କୁହାଯାଇଛି। ଆମେରିକାରେ ପ୍ରାୟ ୫୪ ନିୟୁତ ଲୋକ ଏଥିରେ ପ୍ରଭାବିତ ହେବେ ।

# ଆହୁରି ଦୃଢ ହେବ ଭାରତର ଡିଫେନ୍ସ ସିଷ୍ଟମ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**ପ୍ରତିରକ୍ଷା କ୍ଷେତ୍ରରେ ଭାରତର 'ଆତ୍ମନିର୍ଭରତା'କୁ ଏବେ ସୁଦ୍ଧା ସବୁଠୁ ବଡ଼ ମଜବୁତି ମିଳିପାରେ । ଇସ୍ରାଏଲର ମୁମ୍ବାଇ ସ୍ଥିତ ମହାବାଣିଜ୍ୟ ଦୂତ ୟାନିଭ ରେଭାଚ୍ ସଙ୍କେତ ଦେଇଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଇସ୍ରାଏଲ ଯାତ୍ରା ବେଳେ ଉଭୟ ଦେଶ ନିଜର ପ୍ରତିରକ୍ଷା ଚୁକ୍ତିର ସଂପ୍ରସାରଣ କରିବେ । ଏହି ଡିଲର ସବୁଠୁ ପ୍ରମୁଖ ଭାଗ ଇସ୍ରାଏଲର ପ୍ରସିଦ୍ଧ ଆଇରନ ଡୋମ୍ ମିସାଇଲ ଡିଫେନ୍ସ ସିଷ୍ଟମର ଟେକନିକ୍ ହସ୍ତାନ୍ତରଣ ହୋଇପାରେ ।ଇସ୍ରାଏଲୀୟ ରାଷ୍ଟ୍ରଦୂତ ୟାନିଭ ରେଭାଚଙ୍କ ଅନୁସାରେ , ଏହା କେବଳ ଅସ୍ତ୍ରଶସ୍ତ୍ରର କ୍ରୟ ବିକ୍ରୟର ଚୁକ୍ତି ହେବ ନାହିଁ , ବରଂ 'ମେକ୍ ଇନ୍ ଇଣ୍ଡିଆ' ପ୍ରୟାସ ଅନୁସାରେ ଭାରତରେ ହିଁ ଏକ ପ୍ରଣାଳୀ ଗୁଡ଼ିକର ନିର୍ମାଣ ଉପରେ ଧ୍ୟାନ କେନ୍ଦ୍ରିତ କରାଯିବ ।ସେ କହିଛନ୍ତି , ଆମର ଲକ୍ଷ ଏହି ଚୁକ୍ତିକୁ ସେହି ବିଶିଷ୍ଟ ବିଷୟ ଗୁଡ଼ିକ ଯାଏ ନେଇଯିବା , ଯେଉଁଥିରେ ଭାରତରେ ମ୍ୟାନୁଫାକ୍ଚରିଂ ଓ ଆଇରନ ଡୋମ୍ ଭଳି ଟେକନିକକୁ ସେୟାର କରିବା ଅନ୍ତର୍ଭୁକ୍ତ ଅଛି । ୟାନିଭ ରେଭାଚ ଗୁରୁତ୍ୱାରୋପ କରି କହିଛନ୍ତି , ଭାରତ ଓ ଇସ୍ରାଏଲ ଉଭୟ ହିଁ ସମାନ ସୁରକ୍ଷା ଚ୍ୟାଲେଞ୍ଜ ଗୁଡ଼ିକର ସାମ୍ନା କରୁଛନ୍ତି । ୟାନିଭ କହିଛନ୍ତି ଇସ୍ରାଏଲ ନିଜର ସୁରକ୍ଷା ପ୍ରଣାଳୀ ଗୁଡ଼ିକର ଟେକନିକ୍ ଭାରତ ସହ ସେୟାର କରିବାକୁ ପ୍ରସ୍ତୁତ , କାରଣ ସେ ଭାରତକୁ ଏକ ଦୃଢ଼ ଓ ଭରସାପୂର୍ଣ୍ଣ ରଣନୀତିକ



ପାର୍ଟନର ଭାବି ଥାଏ । ୟାନିଭ କହିଛନ୍ତି , ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏହି ବିଶେଷ ଯାତ୍ରା ବେଳେ , ଆମେ ଏହି ଚୁକ୍ତିର ସଂପ୍ରସାରଣ କରିବାର ଯୋଜନା କରୁଛୁ ,ଯାହାକି କିଛି ବିଶେଷ କ୍ଷେତ୍ର ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇ ପାରିବ,ଯେମିତି କି ଭାରତରେ ନିର୍ମାଣ , ପ୍ରତିରକ୍ଷା ସହଯୋଗ ଓ ଆଇରନ ଡୋମ୍ ତଥା ଇସ୍ରାଏଲର ଅନ୍ୟ ପ୍ରତିରକ୍ଷା ପ୍ରଣାଳୀର ସମ୍ବନ୍ଧରେ ସହଯୋଗ, ଯାହାର ଟେକନିକ୍ ଆମେ ଭାରତରେ ନିଜର ପାର୍ଟନରଙ୍କ ସହ ସେୟାର କରିପାରିବୁ । ଇସ୍ରାଏଲର ଆଇରନ ଡୋମ୍ ପ୍ରଣାଳୀ ବର୍ତ୍ତମାନର ସମୟରେ ସବୁଠୁ ଉନ୍ନତ ଓ ବିଶ୍ୱସନୀୟ ମିସାଇଲ ପ୍ରତିରକ୍ଷା ପ୍ରଣାଳୀମାନଙ୍କ ମଧ୍ୟରେ ଗୋଟିଏ ମନେକରାଯାଏ । ଆଇରନ ଡୋମ୍ ସିଷ୍ଟମ ୯୦ ପ୍ରତିଶତରୁ ଅଧିକ ସଫଳତା ହାର ପାଇଁ ଜଣାଯାଏ , ଯିଏକି ଶତ୍ରୁର ସ୍ୱଳ୍ପ ଦୂରତାର ମିସାଇଲ ଓ ରକେଟକୁ ବାୟୁରେ ହିଁ ଧ୍ୱଂସ କରିଦିଏ । ଏହା ବିଶେଷତଃ କମ୍ ଓ ମଧ୍ୟମ ଦୂରଗାମୀ ମିସାଇଲ , ରକେଟ୍ ଓ ଡ୍ରୋନ୍ ହମଲାକୁ ଏୟାରରେ ନଷ୍ଟ କରିବା ପାଇଁ ଡିଜାଇନ କରାଯାଇଛି । ସମ୍ପ୍ରତି ଯୁଦ୍ଧ ବେଳେ , ଏହି ସିଷ୍ଟମ ନିଜର ଅପୂର୍ବ କ୍ଷମତାର ପ୍ରଦର୍ଶନ କରିଥିଲା । ଇରାନ ପକ୍ଷରୁ ନିକ୍ଷେପ କରାଯାଇ ଥିବା ପ୍ରାୟ ୪୫୦ଟି ମିସାଇଲ ଓ ୧୦୦୦ ଡ୍ରୋନ୍ ମଧ୍ୟରୁ ଆଇରନ ଡୋମ୍ ୯୦ ପ୍ରତିଶତରୁ ଅଧିକ ସଫଳତାପୂର୍ବକ ଇଣ୍ଟରସେପ୍ଟ (ରୋକିବା) କରିଥିଲା । ଏହି ସଂଖ୍ୟା ବିଶ୍ୱସ୍ତରରେ କୌଣସି ବି ମିସାଇଲ ଡିଫେନ୍ସ ସିଷ୍ଟମ ପାଇଁ ଏକ ବଡ଼ ଉପଲବ୍ଧି ।

# ବିବାଦରେ ରାଜସ୍ଥାନର ବିଜେପିନେତା

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**ରାଜସ୍ଥାନର ଟୋଙ୍କରେ କମ୍ବଳ ବଣ୍ଟନବେଳେ ବିଜେପି ନେତା ତଥା ପୂର୍ବତନ ବିଧାୟକ ସୁଖବୀର ସିଂହ ଜେନାପୁରିଆ ମୁସଲିମ୍ ମହିଳାଙ୍କ ସହିତ ଭେଦଭାବ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଛି । ଭିଡିଓରେ ସୁଖବୀର ସିଂହ ଜେନାପୁରିଆ। ଧର୍ମ ପଚାରି ଜଣେ ମହିଳାଙ୍କଠାରୁ କମ୍ବଳ ଫେରାଇ ନେଇଆସିଥିବାବେଳେ ମହିଳାଙ୍କୁ ସେଠାରୁ ଚାଲି ଯିବାକୁ କହିବାର ଦେଖାଯାଇଥିଲା ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଯେଉଁମାନେ ଗାଳି ଦେଉଛନ୍ତି ସେମାନଙ୍କୁ କମ୍ବଳ ମିଳିବ ନାହିଁ ବୋଲି ଜେନପୁରିଆ କହୁଥିବାର ଶୁଣିବାକୁ ମିଳିଥିଲା ।ପୂର୍ବରୁ ଯେଉଁ ମୁସଲିମ୍ ମହିଳାମାନଙ୍କୁ କମ୍ବଳ ମିଳିଥିଲା ସେମାନଙ୍କୁ ମଧ୍ୟ କମ୍ବଳ ଫେରାଇ ଦେବାକୁ କହିଥିଲେ । ସେଠାରେ ଉପସ୍ଥିତ କିଛି ଗ୍ରାମବାସୀ ଏହାକୁ ବିରୋଧ କରିବାକୁ ପୂର୍ବତନ ସାଂସଦ କହିଥିଲେ, ଏହା ମୋ ବ୍ୟକ୍ତିଗତ କାର୍ଯ୍ୟକ୍ରମ, ମୋର ଯାହାକୁ ଇଚ୍ଛା ତାକୁ କମ୍ବଳ ଦେବି।ୟ କଂଗ୍ରେସ ନେତା ସୁପ୍ରିୟା ଶ୍ରୀନେତ ଏହି ଭାଇରାଲ ଭିଡିଓକୁ 'ଏକ୍ସ'ରେ ସେୟାର କରି ପୂର୍ବତନ ସାଂସଦ ମୁସଲମାନ ମହିଳାଙ୍କୁ ଅପମାନ କରିଥିବା ଅଭିଯୋଗ କରିଛନ୍ତି । ବିବାଦ ବିବା ପରେ ଜେନପୁରିଆ ନିଜ ପକ୍ଷ ରଖି କହିଥିଲେ ଯେ, ଏକ ବିଶେଷ ଧର୍ମର ଲୋକ ମୋଦୀଙ୍କ ବିରୋଧୀ ଅଟନ୍ତି । ତାଙ୍କ ସମ୍ପର୍କରେ ମନଇଚ୍ଛା ଟିପ୍ପଣୀ କରନ୍ତି ।ସବୁ ହିନ୍ଦୁ ବିଜେପିକୁ ସମର୍ଥନ କରନ୍ତି ନାହିଁ । କିନ୍ତୁ ଗୋଟିଏ ବିଶେଷ ଧର୍ମର ଲୋକ କେବେବି ମୋଦୀଙ୍କ ରାଲିକୁ ଆସିବେ ନାହିଁ । ସେ କହିଛନ୍ତି, ତାଙ୍କ କମ୍ୟୁନିଟି କିଚେନରେ ସେ ସବୁ ଧର୍ମର ଲୋକଙ୍କୁ ବିନା କୌଣସି ଭେଦଭାବରେ ଖାଦ୍ୟ ବଣ୍ଟନ କରିଥାନ୍ତି ଓ ପିଲାମାନଙ୍କୁ ପଠନ ସାମଗ୍ରୀ ବଣ୍ଟନ ବେଳେ ମଧ୍ୟ ସେ ଭେଦଭାବ କରନ୍ତି ନାହିଁ ବୋଲି କହିଛନ୍ତି ।

# ମହମ୍ମଦ ୟୁନୁସ୍‌ଙ୍କ ନାଁରେ ବାଂଲାଦେଶ ରାଷ୍ଟ୍ରପତିଙ୍କ ସାଂଘାତିକ ଅଭିଯୋଗ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ପ୍ରାୟ ଦେଢ ବର୍ଷ ପରେ ନିଜକୁ ମୁକ୍ତ ମନେକରୁଛନ୍ତି । ବାଂଲାଦେଶରେ ନୂଆ ସରକାର ଗଠନ ହେବା ଓ ଅନ୍ତରୀଣ ସରକାର ଭାଙ୍ଗିବା ପରେ ଶାହାବୁଦ୍ଦିନ ମହମଦ ୟୁନୁସ୍‌ଙ୍କ ନାଁରେ ସାଂଘାତିକ ଅଭିଯୋଗ ଆଣିଛନ୍ତି । ବାଂଲାଦେଶର ଦୈନିକ ଖବରକାଗଜ 'କଲାର କାଣ୍ଠୋ'କୁ ଏକ ସାକ୍ଷାତକାର ଦେଇ ଅନ୍ତରୀଣ ପ୍ରଶାସନ ମୁଖ୍ୟ ମହମ୍ମଦ ୟୁନୁସ କେମିତି ତାଙ୍କ ପ୍ରାଧାନ୍ୟ ହ୍ରାସ କରିବାକୁ ତାଙ୍କୁ ଅନ୍ଧାରରେ ରଖୁଥିଲେ ତାହା କହିଛନ୍ତି । ଅଗଷ୍ଟ ୨୦୨୪ରେ ଶେଖ୍ ହସିନାଙ୍କ ସରକାରର ପତନ ପରେ ୟୁନୁସ୍ ଅନ୍ତରୀଣ ପ୍ରଶାସନର ମୁଖ୍ୟ ଥିଲେ ।ସେତେବେଳେ ଶାହାବୁଦ୍ଦିନ ସାମ୍ବିଧାନିକ ପଦବିରେ ଥିବା ଏକମାତ୍ର ବ୍ୟକ୍ତି ହୋଇଥିଲେ ମଧ୍ୟ ୟୁନୁସ୍ ତାଙ୍କୁ ହଟେଇବାକୁ ଆଗ୍ରହ ରଖିଥିଲେ । ତାଙ୍କ ବିଦେଶ ଯାତ୍ରା ସେମାନେ ବନ୍ଦ କରିଦେଇଥିଲେ । ସଂସଦୀୟ ନିର୍ବାଚନର କିଛି ଦିନ ପୂର୍ବରୁ ବାଂଲାଦେଶ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲେ ମଧ୍ୟ ୟୁନୁସ୍ ଏ ସମ୍ପର୍କରେ ତାଙ୍କୁ କିଛି ଜଣାଇ ନଥିଲେ । ଶାହାବୁଦ୍ଦିନ ୮ ଅଗଷ୍ଟ, ୨୦୨୪ରେ ୟୁନୁସଙ୍କୁ ଶପଥ ପାଠ କରାଇଥିଲେ ଏବଂ ୟୁନୁସ ୧୬ ଫେବୃଆରୀ, ୨୦୨୬ ପର୍ଯ୍ୟନ୍ତ ବାସ୍ତବରେ ପ୍ରଧାନମନ୍ତ୍ରୀ ଭାବରେ କାର୍ଯ୍ୟ କରିଥିଲେ ।ଅକ୍ଟୋବର ୨୨, ୨୦୨୪ର ରାତି କଥା ମନେପକାଇ ଶାହାବୁଦ୍ଦିନ କହିଛନ୍ତି



ଯେ, ରାଷ୍ଟ୍ରପତିଙ୍କ ବାସଭବନ ବଙ୍ଗଭବନକୁ ହିଂସ୍ରକ ଭିଡ଼ ଘେରି ଯାଇଥିଲେ ଓ ତାଙ୍କ ବହିଷ୍କାର ଦାବି କରିଥିଲେ ।ସେହିଦିନ ରାତି ତାଙ୍କ ପାଇଁ ସବୁଠୁ ଭୟଙ୍କର ଥିଲା।ୟୁନୁସଙ୍କ ସମର୍ଥିତ ଲୋକ ତାଙ୍କୁ ହଟେଇବାକୁ ଚାହୁଁଥିଲେ । କିନ୍ତୁ ସେହି ସମୟରେ ତାଙ୍କୁ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନ୍ପି)ର ଓ ତିନି ସେନାର ସମର୍ଥନ ମିଳିଥିଲା ।ସେ ବିଏନ୍ପି ମୁଖ୍ୟ ତଥା ବର୍ତ୍ତମାନର ବାଂଲାଦେଶ ପ୍ରଧାନମନ୍ତ୍ରୀ ତାରିକ ରହମାନଙ୍କର ମଧ୍ୟ ପ୍ରଶଂସା କରିଛନ୍ତି । ବିଏନ୍ପି ବ୍ୟତୀତ ସେନାର ତିନି ଶାଖା ପକ୍ଷରୁ ତାଙ୍କୁ ନିସନ୍ଦେହ ସମର୍ଥନ ମିଳିଥିଲା । ଶାହାବୁଦ୍ଦିନ କହିଛନ୍ତି ମୁଖ୍ୟ ପରାମର୍ଶଦାତା ସମ୍ବିଧାନର କୌଣସି ବ୍ୟବସ୍ଥାକୁ ମାନୁନଥିଲେ । ବାଂଲା ରାଷ୍ଟ୍ରପତି ଅଭିଯୋଗ କରିଛନ୍ତି ଯେ, ୟୁନୁସ୍ କୌଣସି ସଂସ୍ଥାଗତ ସମନ୍ୱୟ ରକ୍ଷା କରୁନଥିଲେ କିମ୍ବା ବିଦେଶ ଗସ୍ତ, ଚୁକ୍ତିନାମା ଏବଂ ନୀତିଗତ କାର୍ଯ୍ୟ ସମେତ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରୀୟ ନିଷ୍ପତ୍ତି ବିଷୟରେ ତାଙ୍କୁ ଅବଗତ କରୁନଥିଲେ । ଅପରପକ୍ଷେ ତାଙ୍କୁ ରାଜନୈତିକ ଏବଂ ପ୍ରଶାସନିକ ଭାବରେ ଅଲଗା କରିବା ପାଇଁ ବାରମ୍ବାର ପ୍ରୟାସ କରୁଥିଲେ ବୋଲି ଗୁରୁତର ଅଭିଯୋଗ ଆଣିଛନ୍ତି । ବାଂଲାଦେଶ ରାଷ୍ଟ୍ରପତି କହିଛନ୍ତି ଯେ, ସମ୍ବିଧାନ ନିୟମ ଅନୁଯାୟୀ ମୁଖ୍ୟ ପରାମର୍ଶଦାତା ବିଦେଶ ଗସ୍ତରେ ଗଲେ ସେଠାରୁ ଫେରି ରାଷ୍ଟ୍ରପତିଙ୍କୁ ଭେଟି ତାଙ୍କ ଗସ୍ତ ସମ୍ପର୍କରେ ସୂଚନା ଦେବା କଥା, ସେଠାରେ କେଉଁ ବିଷୟରେ ଆଲୋଚନା କଲେ ତାହା ଜଣାଇବା କଥା ।କିନ୍ତୁ ୟୁନୁସ୍ ୧୪ ରୁ ୧୫ ଥର ବିଦେଶ ଗସ୍ତରେ ଯାଇଥିଲେ ମଧ୍ୟ ତାଙ୍କୁ କୌଣସି ସୂଚନା ପ୍ରଦାନ କରିନଥିଲେ ।

# ଯୁଦ୍ଧ ମୁହାଣରେ ପାକିସ୍ତାନ-ଆଫଗାନିସ୍ତାନ !

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସମ୍ପର୍କ ଏବେ ଚରମ ସୀମାରେ ପହଞ୍ଚିଛି ।ରବିବାର ସକାଳୁ ପାକିସ୍ତାନୀ ବାୟୁସେନା ଆଫଗାନିସ୍ତାନ ସୀମା ଭିତରକୁ ପଶି ୭ଟି ସ୍ଥାନରେ ଭୟଙ୍କର ଏୟାରଷ୍ଟ୍ରାଇକ କରିବା ପରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ପରିସ୍ଥିତି ସୃଷ୍ଟି ହୋଇଛି ।ଏହି ଆକ୍ରମଣକୁ ନେଇ ଏବେ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ଜୋର୍ ଧରିଛି ଯେ, ପାକିସ୍ତାନ ସେନା ମୁଖ୍ୟ ଜେନେରାଲ ଆସିମ ମୁନିର ଏଭଳି ପଦକ୍ଷେପ ନେଇ କ'ଣ ବଡ଼ ଭୁଲ୍ କରିଦେଲେ ? ପାକିସ୍ତାନର ଦାବି ଅନୁଯାୟୀ, ସେମାନେ ଟିଟିପି (TTP) ଏବଂ ଇସଲାମିକ୍ ଷ୍ଟେଟ୍ ଆତଙ୍କବାଦୀଙ୍କ ଶିବିରକୁ ଟାର୍ଗେଟ୍ କରିଛନ୍ତି । ପାକିସ୍ତାନୀ ସୁରକ୍ଷା ଅଧିକାରୀଙ୍କ ମତରେ ଏହି ଆକ୍ରମଣରେ ୮୦ରୁ ଅଧିକ ଆତଙ୍କବାଦୀ ନିହତ ହୋଇଛନ୍ତି । ଅନ୍ୟପଟେ, ଆଫଗାନିସ୍ତାନର ତାଲିବାନ ସରକାର ଏହାକୁ ସାଧାରଣ ନାଗରିକଙ୍କ ଉପରେ ଆକ୍ରମଣ ବୋଲି କହିଛି । ଏଥିରେ ମହିଳା ଓ ଶିଶୁଙ୍କ ସମେତ ଅନେକ ନିରୀହ ଲୋକଙ୍କ ମୃତ୍ୟୁ ହୋଇଥିବା କାବୁଲ ଦାବି କରିବା ସହ ପାକିସ୍ତାନକୁ କଡ଼ା ଜବାବ ଦେବାକୁ ଚେତାବନୀ ଦେଇଛି ।ପାକିସ୍ତାନ ରାଷ୍ଟ୍ରପତି ଆସିଫ୍ ଅଲ୍ଲି ଜରଦାରୀ କହିଛନ୍ତି ଯେ, ବାରମ୍ବାର ସତର୍କ କରାଯିବା ସତ୍ତ୍ୱେ ପାକିସ୍ତାନ ବିରୋଧରେ ଆଫଗାନିସ୍ତାନ ଆତଙ୍କବାଦୀ କାର୍ଯ୍ୟକଳାପ ଚିନା କରୁଛି । ତାଲିବାନ ଶାସନରେ ଆଫଗାନିସ୍ତାନର ଅବସ୍ଥା ୯/୧୧ ପୂର୍ବ ଅପେକ୍ଷା ଅଧିକ ଖରାପ ହୋଇଛି । ପାକିସ୍ତାନରେ ରକ୍ତପାତ କରୁଥିବା ଲୋକଙ୍କୁ ଆମେ ଛାଡ଼ିବୁ ନାହିଁ ।ସୁରକ୍ଷା ବିଶେଷଜ୍ଞଙ୍କ ମତରେ, ପାକିସ୍ତାନର ଏହି ଆକ୍ରମଣ ଏକ ବଡ଼ ସାମରିକ ଯୁଦ୍ଧର ରୂପ ନେଇପାରେ । ଗତବର୍ଷ ଅକ୍ଟୋବରରେ ମଧ୍ୟ ଦୁଇ ଦେଶ ମଧ୍ୟରେ ଏଭଳି ସ୍ଥିତି ଉପୁଜିଥିଲା, ଯେଉଁଥିରେ ଶତାଧିକ ଲୋକ ପ୍ରାଣ ହରାଇଥିଲେ ।ପୁଣି ସେହିଭଳି ପରିସ୍ଥିତି ସୃଷ୍ଟି ହେବାକୁ ଯାଉଛି । ବିଶେଷଜ୍ଞ ତମିମ ବହିସଙ୍କ କହିବା କଥା, ଏୟାରଷ୍ଟ୍ରାଇକ ଯୋଗୁଁ ଆଫଗାନିସ୍ତାନବାସୀଙ୍କ ମନରେ ପାକିସ୍ତାନ ବିରୋଧୀ ମନୋଭାବ ବଢ଼ିବ ।ଫଳରେ ତାଲିବାନ ସରକାର ପାଇଁ ଟିଟିପି ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ରାଜନୈତିକ ଭାବେ ଅସମ୍ଭବ ହୋଇପଡ଼ିବ ।

# ଗୃହିଣୀଙ୍କୁ ଅଦରକାରୀ ଭାବରେ ଚିହ୍ନିତ କରାଯାଇପାରିବ ନାହିଁ

**ନୂଆଦିଲ୍ଲୀ,୨୩।୨(ଏଜେନ୍ସି):**ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ, ଦିଲ୍ଲୀ ହାଇକୋର୍ଟ କହିଛନ୍ତି ଯେ, ଜଣେ ଗୃହିଣୀଙ୍କୁ ଅଦରକାରୀ ଭାବରେ ଚିହ୍ନିତ କରାଯାଇପାରିବ ନାହିଁ। ଭରଣପୋଷଣ ପ୍ରଦାନ କରିବା ସମୟରେ ତାଙ୍କର ଘରୋଇ କାମକୁ ବିଚାରକୁ ନିଆଯିବା ଉଚିତ । ସ୍ୱାମୀ ଓ ସ୍ତ୍ରୀଙ୍କ ସହିତ ଜଡ଼ିତ ଏକ ମାମଲାର ଶୁଣାଣି କରି କୋର୍ଟ କହିଛନ୍ତି, ଜଣେ ବେରୋଜଗାର ପତ୍ନୀ ଅଦରକାରୀ ନୁହଁନ୍ତି। ତାଙ୍କ କଠିନ ପରିଶ୍ରମକୁ ଅଣଦେଖା କରିବା ଭୁଲ୍ । କୋର୍ଟ କହିଛନ୍ତି, ଘର ଚଳାଇବା, ପିଲାମାନଙ୍କର ଯତ୍ନ ନେବା ଓ ପରିବାର ପ୍ରତିପାଳନ କରିବା ସମସ୍ତ କାର୍ଯ୍ୟ କଷ୍ଟକର । ତେବେ ଏସବୁ ପାଇଁ ସ୍ତ୍ରୀଙ୍କୁ କେଣସି ମଜୁରୀ ଦିଆଯାଏ ନାହିଁ । ଘରେ ସ୍ତ୍ରୀଙ୍କ କାମ ରୋଜଗାରକ୍ଷମ ସ୍ୱାମୀଙ୍କୁ ତାଙ୍କ କ୍ୟାରିୟରରେ ଉତ୍କର୍ଷତା ହାସଲ କରିବାକୁ ସହାୟତା କରିଥାଏ । ଭରଣପୋଷଣ ବିଚାର କରିବା ସମୟରେ ଏସବୁ କାମକୁ ଅଣଦେଖା କରିବା ଅବାସ୍ତବ ଏବଂ ଅନ୍ୟାୟ ହେବ। କେବଳ ଜଣେ ମହିଳା ଶିକ୍ଷିତ ଓ ରୋଜଗାର କରିବାକୁ ସକ୍ଷମ ହୋଇଥିବାରୁ ଭରଣପୋଷଣକୁ ଅସ୍ୱୀକାର କରାଯାଇପାରିବ ବୋଲି ବିଚାରକୁ ମଧ୍ୟ କୋର୍ଟ ପ୍ରତ୍ୟାଖ୍ୟାନ କରି କହିଛନ୍ତି ଯେ, ରୋଜଗାର କ୍ଷମତା ଓ ପ୍ରକୃତ ରୋଜଗାର ଆଇନ ଅନୁଯାୟୀ ଦୁଇଟି ଭିନ୍ନ ଭିନ୍ନ କଥା । ଏହି ରାୟ ଏକ ମାମଲାରେ ଆସିଥିଲା ଯେଉଁଠାରେ ଏକ ଦମ୍ପତି ୨୦୧୨ ମସିହାରେ ବିବାହ କରିଥିଲେ । ସ୍ୱାମୀ ୨୦୨୦ ମସିହାରେ ତାଙ୍କ ସ୍ତ୍ରୀ ଓ ନାବାଳକ ପୁଅକୁ ପରିତ୍ୟାଗ କରିଥିଲେ ବୋଲି ଅଭିଯୋଗ ହୋଇଥିଲା ।ମହିଳା ଜଣକ ଶିକ୍ଷିତ ଥିଲେ କିନ୍ତୁ ଚାକିରି ନ କରିବାକୁ ନିଷ୍ପତ୍ତି ନେଇଥିଲେ ବୋଲି କହି ନିମ୍ନ ଅଦାଲତ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଭରଣପୋଷଣ ଦେବାକୁ ମନା କରିଦେଇଥିଲେ ।



## ମହେନ୍ଦ୍ର ସ୍ୱାଇଁ ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଣ୍ଟ

# ଦ୍ୱିତୀୟ ଲିଗରେ ଢେଙ୍କାନାଳ ପପୁଲାର କ୍ଲବ ବିଜୟୀ



**ଖଣ୍ଡପଡ଼ା, ୨୩/୨ (ନିପ୍ର):** ଖଣ୍ଡପଡା ସହରାଞ୍ଚଳ ଅଧୀନ ମଧୁବନ କ୍ରିଡାଙ୍ଗନରେ ୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଲିଗ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ ଆନୁକୂଲ୍ୟରେ ଆୟୋଜିତ ଦ୍ୱିତୀୟ ଦିବସରେ ଘାଟିକିଅ। ବଜରଙ୍ଗୀ କ୍ଲବକୁ ୩-୧ ଗୋଲରେ ଢେଙ୍କାନାଳ ପପୁଲାର କ୍ଲବ ହରାଇବା ସହିତ ସେମିଫାଇନାଲରେ ପ୍ରବେଶ କରିଛି। ମୁଖ୍ୟ ରେଫରି ଭାବେ ପ୍ରସନ୍ନ ନାୟକ ଖେଳକୁ ପରିଚାଳନା କରିଥିଲା ବେଳେ ସରୋଜ ମହାରଣା, ବିଦ୍ୟାଧର ନାୟକ ଏବଂ ସମୀର ଖୁଣ୍ଟିଆ ଲାଇନରେ ସହାୟତା କରିଥିଲେ। ଦ୍ୱିତୀୟ ଦିବସରେ ଅତିଥି ଭାବେ ସ୍ଥାନୀୟ ତହସିଲଦାର ବିଶ୍ୱବିଶ୍ରୁତ ତ୍ରିପାଠୀ, କଟକ ସାଂସଦଙ୍କ ନୟାଗଡ ଜିଲ୍ଲା ପ୍ରତିନିଧି ଗୟାଧର ପରିଡା, ଗୋଷ୍ଠୀ ଚିକିତ୍ସାଧିକାରୀ ଅଭିସାର ପଣ୍ଡା, ପଣ୍ଡିତ ମନୋଜ ଦାଶ, ସମାଜସେବୀ ଅଖିଳ କୁମାର ମହାରଣା, ସାଂସଦଙ୍କ ବ୍ଲକ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆରସିଂ ପ୍ରମୁଖ ଉପସ୍ଥିତ ରହିବା ଖେଳାଳିଙ୍କୁ ଉତ୍ସାହିତ କରିଥିଲେୟ ସନ୍ତୋଷ କୁମାର ସାହୁ ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ। ଆସନ୍ତାକାଲି କଟକ ବାପୁଜୀ କ୍ଲବ ଏବଂ ଖଣ୍ଡପଡ଼ା ସ୍ପୋର୍ଟ୍ସ ଆସୋସିଏସନ ମଧ୍ୟରେ ତୃତୀୟ ଲିଗ ମ୍ୟାଚ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।

## କୋରାପୁଟର ଦୁର୍ଗମ ଅଞ୍ଚଳକୁ ଟିପିଏସ୍ଓଡିଏଲର ଗୁଣାତ୍ମକ ବିଜୁଳି ସେବା

# ଉପକୃତ ହେବେ ୨ ହଜାର ଉପଭୋକ୍ତା

**ବ୍ରହ୍ମପୁର, ୨୩।୨ (ନି.ପ୍ର):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ କୋରାପୁଟ ଜିଲ୍ଲାର ଲମତାପୁଟ ବ୍ଲକ୍ ଅନ୍ତର୍ଗତ ମାର୍ଥାପୁଟଠାରେ ୪.୭୩ ସର୍କିଟ୍ କିଲୋମିଟର ଲମ୍ବ ଏକ ନୂତନ ୩୩ କେଭି ଲାଇନ ପ୍ରତିଷ୍ଠା କରାଯାଇଛି । ଦକ୍ଷିଣ ଓଡ଼ିଶା ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରିବା କ୍ଷେତ୍ରରେ ଏହା ଏକ ଉଲ୍ଲେଖନୀୟ ପଦକ୍ଷେପ ଅଟେ । ନୂତନ ଭିତ୍ତିଭୂମି କାରଣରୁ ପାଖାପାଖି ୨ ହଜାରରୁ ଅଧିକ ଉପଭୋକ୍ତାଙ୍କୁ ଅଧିକ ଭରସାଯୋଗ୍ୟ ବିଜୁଳି ସେବା ମିଳିପାରିଛି । ଆନ୍ଧ୍ରପ୍ରଦେଶ ସୀମାନ୍ତ ତଥା ପୂର୍ବଘାଟ ପର୍ବତମାଳାର ବଳୟ ଭିତରେ ରହିଥିବା କାରଣକୁ କୋରାପୁଟ ଜିଲ୍ଲାରେ ବିଜୁଳି ଯୋଗାଣ ଅପେକ୍ଷାକୃତ ଭାବେ ଅନ୍ୟ ସ୍ଥାନ ତୁଳନାରେ କଷ୍ଟସାଧ୍ୟ । ଏହି କ୍ରମରେ ଲମତାପୁଟ ବ୍ଲକରେ ବିଜୁଳି ଯୋଗାଣକୁ ନେଇ ଥିବା ସମସ୍ୟାର ସମାଧାନ ପାଇଁ ନୂଆ ଲାଇନ ପ୍ରତିଷ୍ଠା କରି କମ୍ପାନୀ ଗୁଣାତ୍ମକ ସେବା ସୁନିଶ୍ଚିତ କରୁଛି। ପ୍ରତିଷ୍ଠା ହୋଇଥିବା ନୂତନ ୩୩ କେଭି ଫିଡର ଲମତାପୁଟ ବ୍ଲକ ଅନ୍ତର୍ଗତ ଗଣେଇପଦା, ଜଳହର, ଚିକେନପୁଟ୍, ଗୋଦିହର, ଅନକାଡେଲି ଓ ବଡ଼ିଗଡ଼ା ଅଞ୍ଚଳର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ଯୋଗାଇବ । ପୂର୍ବରୁ ମାର୍ଥାପୁଟ ପ୍ରାଥମିକ ସବଷ୍ଟେସନକୁ ସୁନାବେଡ଼ା ଗ୍ରୀଡ୍ ସବଷ୍ଟେସନରୁ ପ୍ରାୟ ୭୦ କିଲୋମିଟର ଲମ୍ବା ୩୩ କେଭି ଲାଇନ ମାଧ୍ୟମ ବିଦ୍ୟୁତ ଯୋଗାଣ ହେଉଥିଲା । ଘନ ଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳ, ବିଶେଷ କରି ବର୍ଷା ସମୟରେ ବିଦ୍ୟୁତଜନିତ ତ୍ରୁଟି ଚିହ୍ନଟରେ ବିଳମ୍ବ ହେଉଥିଲା ଓ ବିଦ୍ୟୁତ ସେବା ପ୍ରଭାବିତ ହେଉଥିଲା । ସଂପ୍ରତି ଏହି ସମସ୍ୟା ଦୂର ହୋଇଛି । ଲମତାପୁଟ ଗ୍ରୀଡ୍ ସବଷ୍ଟେସନରୁ ସ୍ୱତନ୍ତ୍ର ଫିଡର କାର୍ଯ୍ୟକ୍ଷମ ହେବା ପରେ ବିଜୁଳି ଯୋଗାଣ ନିମନ୍ତେ ବିକଳ୍ପ ଉତ୍ସ ମିଳିପାରିଛି । ଯାହା ମୂଳ ତଥା ଲମ୍ବା ଲାଇନ ଉପରେ ନିର୍ଭରତାକୁ ହ୍ରାସ କରିଛି । ସେହିପରି ନନ୍ଦପୁର ଫିଡର ମାଧ୍ୟମରେ ବିକଳ୍ପ ବିଜୁଳି ଯୋଗାଣ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ଏହି ପଦକ୍ଷେପ ସମଗ୍ର ଅଞ୍ଚଳରେ ଭୋଲଟେଜ୍ ସମସ୍ୟା ଦୂର କରିବା ସହ ବିଜୁଳି ଯୋଗାଣରେ ସ୍ଥିରତା ଆଣିବ ଓ ତ୍ରୁଟି ଚିହ୍ନଟ ପ୍ରକ୍ରିୟା ତ୍ୱରିତ ବେଗରେ କରାଯାଇପାରିବ । ଘରୋଇ ଉପଭୋକ୍ତାଙ୍କଠାରୁ ଆରମ୍ଭ କରି ବ୍ୟବସାୟୀ, କ୍ଷୁଦ୍ର ଉଦ୍ୟୋଗ ତଥା କୃଷି ଓ ଜୀବନଜୀବିକା କ୍ଷେତ୍ରକୁ ଗୁଣାତ୍ମକ ବିଜୁଳି ସେବା ମିଳିବ । ଟିପିଏସ୍ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ – ମାର୍ଥାପୁଟରେ ନୂତନ ୩୩ କେଭି ଲାଇନ ପ୍ରତିଷ୍ଠା ହେବା ଦ୍ୱାରା ଭୌଗଳିକ ଦୃଷ୍ଟିକୋଣରୁ ଆହ୍ୱାନପୂର୍ଣ୍ଣ ଅଞ୍ଚଳଗୁଡ଼ିକୁ ଗୁଣାତ୍ମକ ବିଜୁଳି ଯୋଗାଣ ପୂର୍ବାପେକ୍ଷା ସହଜ ହୋଇପାରିଛି । ସେହି ଅଞ୍ଚଳ ଗୁଡ଼ିକରେ ବିଜୁଳି ଯୋଗାଣରେ ସ୍ଥିରତା ଆସିବା ସହ ପୁନରୁଦ୍ଧାର କାର୍ଯ୍ୟ ମଧ୍ୟ ଶୀଘ୍ର କରାଯାଇପାରୁଛି । ଆମେ ନୂତନ ଭିତ୍ତିଭୂମିମାନ ପ୍ରତିଷ୍ଠା କରି ଉପଭୋକ୍ତାଙ୍କୁ ଗୁଣାତ୍ମକ ତଥା ଭରସାଯୋଗ୍ୟ ବିଜୁଳି ଯୋଗାଣ ନିମନ୍ତେ ପ୍ରତିବଦ୍ଧ ଅଟୁ ।





ଆଇସିସି ପୁରୁଷ ଟି୨୦ ବିଶ୍ୱକପ୍‌ସୁପର ୮ ମ୍ୟାଚ୍ ର ଭାରତଏବଂ ଦକ୍ଷିଣ ଆଫ୍ରିକା ଅନୁଷ୍ଠିତମୁକାବିଲା ଅବସରରେ, ଆଇସିସି ଅଧ୍ୟକ୍ଷ ଜୟ ଶାହ ଏବଂ ଗୁଗୁଲ୍‌ସିଇଓ ସୁନ୍ଦର ପିଚାଇ ଅହମ୍ମଦାବାଦର ନରେନ୍ଦ୍ରମୋଦି ଷ୍ଟାଡିୟମରେ ଉପସ୍ଥିତ ଥିଲେ । ଯେହେତୁ ଗୁଗୁଲର ପ୍ରମୁଖ ସ୍ମାର୍ଟଫୋନ୍ ବ୍ରାଣ୍ଡ ଗୁଗୁଲ୍ ପିକ୍ସଏଲ୍ ହେଉଛି ଟୁର୍ଣ୍ଣାମେଣ୍ଟର ଆଧିକାରିକ ଅଂଶୀଦାର ଏବଂ ବିଶ୍ୱ ପ୍ରଯୁକ୍ତିବିଦ୍ୟାର ଏକ ଅଗ୍ରଣୀବ୍ରାଣ୍ଡ; ତେଣୁ ପ୍ରାକ୍-ମ୍ୟାଚ୍‌ସମାରୋହ ସମୟରେ ସୁନ୍ଦର ପିଚାଇ ମଧ୍ୟ ପଡ଼ିଆରେ ଉପସ୍ଥିତ ଥିଲେ।

## ଫେଡେରାଲ ବ୍ୟାଙ୍କ ଭୁବନେଶ୍ୱର ମୁଖ୍ୟ ଶାଖା ପକ୍ଷରୁ ପ୍ରତିଷ୍ଠା ଦିବସ ପାଳିତ

**ଭୁବନେଶ୍ୱର, ୨୩।୨ (ନି.ପ୍ର) :** ଫେଡେରାଲ ବ୍ୟାଙ୍କ ଏହାର ବାପୁଜୀ ନଗରସ୍ଥିତ ମୁଖ୍ୟ ଶାଖାରେ ୪୯ତମ ପ୍ରତିଷ୍ଠା ଦିବସ ପାଳନ କରିଅଛି। ଏହି ପ୍ରତିଷ୍ଠା ଦିବସ ଅବସରରେ ବ୍ୟାଙ୍କ ପରିସରରେ ଏକ ସଭାର ଆୟୋଜନ କରାଯାଇଥିଲା। ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ତଥା ଭାଇସ୍ ପ୍ରେସିଡେଣ୍ଟ ମୋହନ ଦାସ ଟି ଏସ୍ ମୁଖ୍ୟ ଅତିଥି ରୂପେ ଏଥିରେ ଯୋଗଦେଇଥିଲେ। ସେ ଉତ୍ତମ ଗ୍ରାହକ ସେବା ଓ ଡିଜିଟାଲ ବ୍ୟାଙ୍କିଙ୍ଗର ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ବ୍ୟାଙ୍କର ସଂପ୍ରସାରଣ ଉପରେ ମଧ୍ୟ ସେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ କ୍ଷେତ୍ରୀୟ ମୁଖ୍ୟ ତଥା ଆସିଷ୍ଟାଣ୍ଟ ଭାଇସ୍ ପ୍ରେସିଡେଣ୍ଟ ରିତୁରାଜ ଏବଂ ଶାଖା ମୁଖ୍ୟ ତଥା ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ଶ୍ରୀଜିତ ଏ ଉପସ୍ଥିତ ଥିଲେ।

## ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ ପିଏମଏଫବିୱାଇ ଅନ୍ତର୍ଗତ 'ମେରି ପଲିସି ମେରେ ହାତ' ଅଭିଯାନରେ ସାମିଲ

**ଭୁବନେଶ୍ୱର, ୨୩।୨ (ନି.ପ୍ର) :** ଭାରତର ପ୍ରମୁଖ ସାଧାରଣ ବୀମା କମ୍ପାନୀଗୁଡ଼ିକ ମଧ୍ୟରୁ ଗୋଟିଏ, ଏସବିଆଇ ଜେନେରାଲ ଇନସ୍ୟୁରାନ୍ସ, ରବି ଫସଲ ଋତୁ ୨୦୨୫-୨୬ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମଏଫବିୱାଇ) ଅନ୍ତର୍ଗତ 'ମେରି ପଲିସି ମେରେ ହାତ' ଅଭିଯାନରେ ଅଂଶଗ୍ରହଣ ଘୋଷଣା କରିଛି। ଫେବୃଆରୀ ୧୫ ରୁ ମାର୍ଚ୍ଚ ୧୫, ୨୦୨୬ ପର୍ଯ୍ୟନ୍ତ ସ୍ଥିର ହୋଇଥିବା ଏହି ଅଭିଯାନର ଲକ୍ଷ୍ୟ ହେଉଛି ଫସଲ ବୀମା ପଲିସିଗୁଡ଼ିକୁ ସିଧାସଳଖ ଚାଷୀଙ୍କ ନିକଟରେ ପହଞ୍ଚାଇବା। ଏହା ଫସଲ ବୀମା ଲାଭ, ବିପଦ ସୁରକ୍ଷା ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ପ୍ରମୁଖ ଦିଗଗୁଡ଼ିକ ଯେପରିକି କଭରେଜ୍, ପୀକରଣ ଏବଂ ଦାବି ପ୍ରକ୍ରିୟା ବିଷୟରେ ସଚେତନତା ସୃଷ୍ଟି କରିବା ମଧ୍ୟ ଲକ୍ଷ୍ୟ ରଖିଛି। 'ମେରି ପଲିସି ମେରେ ହାତ' ଅଭିଯାନର ଲକ୍ଷ୍ୟ ହେଉଛି ଫସଲ ବୀମାକୁ ଅଧିକ ସ୍ୱଚ୍ଛ, ସୁଲଭ ଏବଂ କୃଷକ-ଅନୁକୂଳ କରିବା, ହିତାଧିକାରୀମାନେ କେବଳ ସେମାନଙ୍କ ପଲିସି ଡକ୍ୟୁମେଣ୍ଟଗୁଡ଼ିକୁ ପାଇବା ସହିତ ସ୍ପଷ୍ଟ ଭାବରେ ସେମାନଙ୍କ ଅଧିକାରକୁ ବୁଝିପାରିବେ ତାହା ସୁନିଶ୍ଚିତ କରିବା। ଏହି ଅଭିଯାନ ଅଧୀନରେ, ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ପ୍ରତ୍ୟକ୍ଷ ସ୍ତରରେ ଚାଷୀମାନଙ୍କ ସହିତ ସଂଯୋଗ ସ୍ଥାପନ ପାଇଁ ଗ୍ରାମ ଏବଂ ଗ୍ରାମ ପଞ୍ଚାୟତରେ ବ୍ୟାପକ ଅନ୍-ଗ୍ରାଉଣ୍ଡ କାର୍ଯ୍ୟକ୍ରମ ପରିଚାଳନା କରିବ। କମ୍ପାନୀ ସାତଟି ରାଜ୍ୟ – ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ଉତ୍ତରାଖଣ୍ଡ, ଓଡ଼ିଶା, ଆସାମ, ତାମିଲନାଡୁ ଏବଂ ଆନ୍ଧ୍ର ପ୍ରଦେଶରେ 'ଫସଲ ବୀମା ବିଦ୍ୟାଳୟ', ମହିଳା-କେନ୍ଦ୍ରିକ ସଚେତନତା କର୍ମଶାଳା ଏବଂ ପଦ୍ଧତିଗତ କୃଷକ ଶିକ୍ଷା କାର୍ଯ୍ୟକ୍ରମର ଏକ ଶୃଙ୍ଖଳା ଆୟୋଜନ କରିବ। ଏହି ଅଧିବେଶନଗୁଡ଼ିକ ନୀତି ବୈଶିଷ୍ଟ୍ୟ, ଅମଳ କଭରେଜ୍, ଦାବି ରିପୋର୍ଟିଂ ପ୍ରକ୍ରିୟା ଏବଂ ଅଭିଯୋଗ ସମାଧାନ ପ୍ରଣାଳୀ ବ୍ୟାଖ୍ୟା କରିବା ଉପରେ ଧ୍ୟାନ ଦେବ। ଏଥିସହିତ, ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ଅଭିଯାନର ପ୍ରସାରକୁ ବିସ୍ତାର କରିବା ଏବଂ ଚାଷୀ ସମ୍ପ୍ରଦାୟ ମଧ୍ୟରେ ଫସଲ ବୀମାର ଗୁରୁତ୍ୱକୁ ପ୍ରସାର କରିବା ପାଇଁ ଡିଜିଟାଲ୍ ଏବଂ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ମଧ୍ୟ ବ୍ୟବହାର କରିବ, ଯାହା ଦ୍ୱାରା ପହଞ୍ଚ ବୃଦ୍ଧି ହେବ ଏବଂ ଅଧିକ ଅଂଶଗ୍ରହଣ ସୁନିଶ୍ଚିତ ହେବ।

ଏହି ଅବସରରେ, ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ନବୀନ ଚନ୍ଦ୍ର ଝା' କହିଛନ୍ତି, 'ଏସବିଆଇ ଜେନେରାଲ୍ ଇନସ୍ୟୁରାନ୍ସରେ, ଆମେ ବିଶ୍ୱାସ କରୁ ଯେ ଚାଷୀମାନେ ଆମ ଦେଶ ଏବଂ ଅର୍ଥନୀତିର ମେରୁଦଣ୍ଡ, ଏବଂ ସେମାନଙ୍କ ସହିତ ଠିଆ ହେବା ଆମର ଦାୟିତ୍ୱ। 'ମେରି ପଲିସି ମେରେ ହାତ' ଅଭିଯାନ, ଯାହା ଆମେ ପ୍ରତିବର୍ଷ ଅଂଶଗ୍ରହଣ କରୁ, ସମୟୋଚିତ ପଲିସି ପ୍ରଦାନ, ଉନ୍ନତ ଉପଲବ୍ଧତା ଏବଂ ଫସଲ ବୀମା ଲାଭ ସମ୍ପର୍କରେ ସଚେତନତା ମାଧ୍ୟମରେ ଚାଷୀମାନଙ୍କୁ ସଶକ୍ତ କରିବା ପାଇଁ ଆମର ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ଚାଷୀଙ୍କ ଦ୍ୱାରଦେଶରେ ପହଞ୍ଚି ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ସିଧାସଳଖ ସାମିଲ ହୋଇ, ଆମେ ସମସ୍ତ ଅଂଶୀଦାରଙ୍କ ସହିତ ଘନିଷ୍ଠ ଭାବରେ କାମ କରିବା, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ବିଶ୍ୱାସ ସୃଷ୍ଟି କରିବା ଏବଂ କୃଷି ବିପଦକୁ ଅଧିକ ପ୍ରଭାବଶାଳୀ ଭାବରେ ପରିଚାଳନା କରିବାରେ ଚାଷୀ ସମ୍ପ୍ରଦାୟକୁ ସହାୟତା କରିବାର ଲକ୍ଷ୍ୟ ରଖିଛୁ।

# ଖିମଜୀ ଜୁଏଲର୍ସ ପକ୍ଷରୁ 'ନିଭାୟେଙ୍ଗେ ଅଲୱେଜ୍' ଉନ୍ମୋଚିତ

**ଭୁବନେଶ୍ୱର, ୨୩।୨ (ନି.ପ୍ର) :** ଖିମଜୀ ଜୁଏଲର୍ସ ପକ୍ଷରୁ ନିଜର ନୂଆ ବିବାହ ଅଭିଯାନ 'ନିଭାୟେଙ୍ଗେ ଅଲୱେଜ୍' ଉନ୍ମୋଚନ କରାଯାଇଛି। ଏହା ହେଉଛି ବିବାହର ଚିରସ୍ଥାୟୀ ପ୍ରତିଶ୍ରୁତି ପ୍ରତି ଏକ ହୃଦୟସ୍ପର୍ଶୀ ସମ୍ମାନ। ଏହା କେବଳ ଏକ ବ୍ରାଇଡାଲ ସଂଗ୍ରହ ନୁହେଁ, ଏହା ପ୍ରେମ, ପ୍ରତିବଦ୍ଧତା ଓ ଏକତ୍ରତାର ଅମର ପ୍ରତୀକ ଭାବରେ ଗହଣାକୁ ଉପସ୍ଥାନ କରୁଛି। ଜଣେ ନବବଧୂ ଏକ ନୂଆ ପରିବାରରେ ପ୍ରଥମ ଥର ପାଦ ରଖିବାଠାରୁ ଆରମ୍ଭ କରି ପରବର୍ତୀ ଅନେକ ମାଇଲଖୁଂଟ ପର୍ଯ୍ୟନ୍ତ 'ନିଭାୟେଙ୍ଗେ ଅଲୱେଜ୍' ଅଭିଯାନ ଗହଣାକୁ ପ୍ରତିଶ୍ରୁତିର ନିଃଶବ୍ଦ ସାକ୍ଷୀ ଭାବରେ ଉପସ୍ଥାନ କରିଛି। ସୂକ୍ଷ୍ମ କାରିଗରୀରେ ପ୍ରସ୍ତୁତ କରାଯାଇଥିବା ଗହଣା ପିଢ଼ି ପିଢ଼ି ଧରି ସ୍ମୃତିଗୁଡ଼ିକର ସାକ୍ଷୀ ହୋଇରହିବ। ଆତ୍ମବିଶ୍ୱାସ ଓ ପରମ୍ପରାକୁ ମିଶାଉଥିବା ଆଧୁନିକ ବଧୂଙ୍କ ପାଇଁ ଡିଜାଇନ କରାଯାଇଥିବା ଏହି ସଂଗ୍ରହରେ ସ୍ୱତନ୍ତ୍ର ହାର, ଐତିହ୍ୟବହନ କରୁଥିବା ଚୁଡ଼ି, ସଜାଇ ହୋଇଥିବା ଚୋକର ଓ ସୁନ୍ଦର କାନଫୁଲ ରହିଛି। ମେହେନ୍ଦିରୁ ବିବାହ ଭୋଜି ପର୍ଯ୍ୟନ୍ତ ପ୍ରତ୍ୟେକ ବିବାହ ଅନୁଷ୍ଠାନ ପାଇଁ ଚିନ୍ତାଶୀଳ ଭାବରେ ଏହି ସଂଗ୍ରହକୁ ପ୍ରସ୍ତୁତ କରାଯାଇଛି ଯେଉଁଥିରେ ସମକାଳୀନ ସୌନ୍ଦର୍ଯ୍ୟ ଓ ଚିରକାଳୀନ କାରିଗରୀର ସମନ୍ୱୟ ରହିଛି। ଏହି ଅଭିଯାନ ବର ଓ ବାହାଘର ହେଉଥିବା ପରିବାର ପର୍ଯ୍ୟ'





ବିସ୍ତାରିତ, ଯେଉଁଠାରେ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ମହତ୍ୱପୂର୍ଣ୍ଣ ମୁହୂର୍ତରେ ଚମକିବା ପାଇଁ ଗହଣା ରହିଛି। ଉତ୍ସବକୁ ଆହୁରି ବିଶେଷ କରିବା ପାଇଁ ଖିମଜୀ ଜୁଏଲର୍ସ ସୁନା ଗହଣାର ଗଢା ମଜୁରୀରେ ଫ୍ଲାଟ ୪୫% ରିହାତି ପ୍ରଦାନ କରୁଛି ଯାହା ଶୁଦ୍ଧତା ଓ ଗୁଣବତାରେ କୌଣସି ସାଲିସ ନକରି ମୂଲ୍ୟକୁ ପୁନଃ ବ୍ୟାଖ୍ୟା କରୁଛି। ଖିମଜୀ ଜୁଏଲର୍ସର ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି ଯେ, 'ନିଭାୟେଙ୍ଗେ ଅଲୱେଜ୍' ପ୍ରତ୍ୟେକ ବିବାହକୁ ପରିଭାଷିତ କରୁଥିବା ପ୍ରତିଶ୍ରୁତିକୁ ରୂପ ଦେଉଛି। ସେହି ପ୍ରତିଶ୍ରୁତି ପରି ଆମ ଗହଣା ଶୁଦ୍ଧ, ସ୍ଥାୟୀ ଓ ସମୟ ସହିତ ଅଧିକ ମୂଲ୍ୟବାନ ହୋଇଥାଏ। ଏହି ଗହଣାଗୁଡ଼ିକ ଆଜୀବନ ସାଥୀ ହେବାକୁ ଉଦ୍ଦିଷ୍ଟ।' 'ନିଭାୟେଙ୍ଗେ ଅଲୱେଜ୍' ସହିତ ଖିମଜି ଜୁଏଲର୍ସ ପୁନର୍ବାର ବିଶ୍ୱାସର ଐତିହ୍ୟକୁ ମଜବୁତ କରି ବିବାହ ଗହଣାକୁ ପ୍ରେମର ଏକ ଚିରସ୍ଥାୟୀ ସ୍ମାରକ ଭାବରେ ପରିଣତ କରୁଛି ଯାହା ପ୍ରତିଶ୍ରୁତି ଦେଇଥାଏ ଓ ଚିରକାଳ ପାଇଁ ସୁନ୍ଦର ଭାବରେ ରକ୍ଷା କରାଯାଏ।

# ପିସିସି ପକ୍ଷରୁ ପୂର୍ବତନ ପିସିସି ସଭାପତି କାହ୍ନୁଚରଣ ଲେଙ୍କାଙ୍କ ବିୟୋଗରେ ଶ୍ରଦ୍ଧାଞ୍ଜଳି ସଭା

**ଭୁବନେଶ୍ୱର, ୨୩।୨ (ନି.ପ୍ର):** ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସକମିଟି ପକ୍ଷରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ପୂର୍ବତନ ପ୍ରଦେଶ କଂଗ୍ରେସକମିଟିସଭାପତିସ୍ୱର୍ଗତକାହ୍ନୁଚରଣଲେଙ୍କାଙ୍କସ୍ମୃତିଉଦ୍ଦେଶ୍ୟରେ ଏକ ଶ୍ରଦ୍ଧାଳିସଭାକଂଗ୍ରେସଭବନ ଭୁବନେଶ୍ୱରଠାରେ ପିସିସିସଭାପତିଶ୍ରୀଭକ୍ତଚରଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।ସର୍ବପ୍ରଥମେସ୍ୱର୍ଗତଲେଙ୍କାଙ୍କ ଅମର ଆତ୍ମାର ସଦଗତିକାମନା ନିମନ୍ତେ ଦୁଇମିନିଟ ନୀରବ ପ୍ରାର୍ଥନାକରାଯାଇଥିଲା।ସ୍ମୃତିଚାରଣକରିଶ୍ରୀଭକ୍ତଚରଣ ଦାସକହିଲେ ଯେ ସ୍ୱର୍ଗତଲେଙ୍କାଙ୍କଂଗ୍ରେସ ପ୍ରତିଜଣେସମର୍ପିତବ୍ୟକ୍ତିତ୍ୱ ଥିଲେ।ତାଙ୍କ ଦାୟିତ୍ୱକୁସେ ନିର୍ବାହକରିବାରେସର୍ବଶ୍ରେଷ୍ଠ ପରାକାଷ୍ଠା ଦେଖାଇଛନ୍ତି।ତାଙ୍କରବିଚାରଧାରା, ସାଂଗଠନିକ ଦକ୍ଷତା ଓ ସମର୍ପଣଭାବ ପ୍ରତ୍ୟେକକଂଗ୍ରେସକର୍ମୀ ଆପଣାଇ ପାରିଲେତାହାସ୍ୱର୍ଗତଲେଙ୍କାଙ୍କ ପ୍ରତିଶ୍ରେଷ୍ଠଶ୍ରଦ୍ଧାଳିହେବବୋଲିଶ୍ରୀ ଦାସକହିଥିଲେ। ଅନ୍ୟମାନଙ୍କ ମଧ୍ୟରେଶ୍ରଦ୍ଧାଳିଜଣାଇକଂଗ୍ରେସନେତୃବୃନ୍ଦ ସର୍ବଶ୍ରୀ ନିରନ ପଟ୍ଟନାୟକ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ପ୍ରକାଶଜେନା, ବିଜୟଲକ୍ଷ୍ମୀସାହୁ, ବାଙ୍କନିଧି ବେହେରା, ଅଭୟ ସାହୁ, ଅମିୟ କୁମାର ପଟ୍ଟନାୟକ, ପ୍ରଦିପ୍ତ ଦାସ,ବିଷ୍ଣୁ ବାରିକ, ଦେବୀ ପ୍ରସାଦ ନାୟକ, ସୁଦର୍ଶନ ଦାସ ପ୍ରମୁଖ ସ୍ୱର୍ଗତ ଲେଙ୍କାଙ୍କର କାର୍ଯ୍ୟଧାରା, ପ୍ରତିବଦ୍ଧତା ଓ ସାଲିସବିହୀନ ବ୍ୟକ୍ତିତ୍ୱସମ୍ପର୍କରେ ଆଲୋକପାତ କରିଥିଲେ।ଏହିବୈଠକକୁ ଅରବିନ୍ଦ ଦାସ ପରିଚାଳନା କରିଥିଲେ ଓ ସିର୍ଦ୍ଧାର୍ଥ ସ୍ୱରୂପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ସୁରେଶ କୁମାର ରାଉତରାୟ, ମନୋରନ ଦାଶ, ଚିନ୍ମୟସୁନ୍ଦର ଦାସ, ଜୟଶ୍ରୀ ପଟ୍ଟନାୟକ, ମନିଷା ଦାସ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ, ନିମାଇରାଉତରାୟ, ଯୋଗୀନାଥ ବାହୁବଳେନ୍ଦ୍ର, ପ୍ରମୁଖଉପସ୍ଥିତ ଥିଲେ।



## ଶ୍ରୀଚୈତନ୍ୟ ଗୌଡୀୟ ମଠର ବାର୍ଷିକ ମହୋତ୍ସବ ଓ ଧର୍ମ ସମ୍ମିଳନୀ

**ବୁଗୁଡ଼ା, ୨୩।୨ (ନି.ପ୍ର):** ବୁଗୁଡ଼ା ବ୍ଲକ ବି.କରଡ଼ାବାଡ଼ି ଗ୍ରାମସ୍ଥିତ ଶ୍ରୀଚୈତନ୍ୟ ଗୌଡୀୟ ମଠର ବାର୍ଷିକ ମହୋତ୍ସବ ଓ ଧର୍ମ ସମ୍ମିଳନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମଠ ରକ୍ଷକ ଶ୍ରୀଭକ୍ତିଶରଣ ଶାନ୍ତଙ୍କ ତତ୍ତ୍ୱାବଧାନରେ ମଠ ପରିସରସ୍ଥ ସଂକୀର୍ତ୍ତନ ମଣ୍ଡପରେ ଆୟୋଜିତ ତ୍ରିଦିବସୀୟ ଧର୍ମ ସମ୍ମିଳନୀରେ ଭକ୍ତିସୌଧ ଜିତେନ୍ଦ୍ରିୟ ମହାରାଜ, ଭକ୍ତିବିବେକ ପରମାର୍ଥ ମହାରାଜ, ଭକ୍ତିହୃଦୟ ନିରୀହ ମହାରାଜ, ଭକ୍ତିସମ୍ବନ୍ଧ ଶୁଦ୍ଧାଦ୍ୱୈତୀ ମହାରାଜ, ଭକ୍ତିଜୀବନ ଅବଧୂତ ମହାରାଜ, ଶ୍ରୀପାଦ ଦିନତାରଣ ବ୍ରହ୍ମଚାରୀ ପ୍ରମୁଖ ପ୍ରବକ୍ତା ଭାବେ ଯୋଗ ଦେଇ ଆଲୋଚ୍ୟ ବିଷୟ ସଂକୀର୍ତ୍ତନର ମହାତ୍ମ୍ୟ , ସାଧୁସଙ୍ଗର ମହିମା ଏବଂ ବିଗ୍ରହ ସେବା ସମ୍ପର୍କେ ଆଲୋକପାତ କରିଥିଲେ। ଏହି ମହୋତ୍ସବ ଅବସରରେ ରାଧାଦାମୋଦରଜୀଉଙ୍କ ମହାଭିଷେକ ସାଙ୍ଗକୁ ଦୈନିକ ଧର୍ମସଭାର ପ୍ରାରମ୍ଭରେ ଓ ଅନ୍ତେ ମହାଜନ ପଦାବଳୀ କୀର୍ତ୍ତନ ଓ ନାମସଂକୀର୍ତ୍ତନ ହୋଇଥିଲା। ଏଥିରେ ବିଭିନ୍ନ ପ୍ରାନ୍ତରୁ ଆଗତ ସାଧୁସନ୍ଥଙ୍କ ସମେତ ବହୁ ଶ୍ରଦ୍ଧାଳୁଙ୍କ ସମାବେଶ ଘଟିଥିଲା। ଏହି ମହୋତ୍ସବ ପରିଚାଳନାରେ ଗ୍ରାମବାସୀଙ୍କ ସକ୍ରିୟ ସହଯୋଗ ରହିଥିଲା।



# ଯାତ୍ରା ସମୟରେ ପାଟିର ସ୍ୱଚ୍ଛତା ପାଇଁ ସହଜ ମାର୍ଗଦର୍ଶିକା





**ନୂଆଦିଲ୍ଲୀ, ୨୩।୨ (ନି.ପ୍ର):** ୨୦ ଫେବୃଆରୀ ୨୦୨୬: ଗବେଷଣାରୁ ଜଣାପଡିଛି ଯେ ୪୦% ରୁ ଅଧିକ ପର୍ଯ୍ୟଟକ ଯାତ୍ରା ସମୟରେ ଦିନକୁ ଅତି କମରେ ଥରେ ବ୍ରଶ୍ କରିବାକୁ ଭୁଲିଯାଆନ୍ତି। ବିମାନ ଯାତ୍ରା ସମୟରେ ଶରୀରରେ ଜଳୀୟ ଅଂଶ କମିଯିବା ଫଳରେ ମାତ୍ର କିଛି ଘଣ୍ଟା ମଧ୍ୟରେ ଲାଳ ତିଆରି ପ୍ରକ୍ରିୟା ଯଥେଷ୍ଟ ହ୍ରାସ ପାଇଥାଏ। ଏହି ଛୋଟ ଛୋଟ ବ୍ୟତିକ୍ରମଗୁଡିକ ପାଟିର ସ୍ୱାସ୍ଥ୍ୟକୁ ଅପେକ୍ଷାକୃତ ଶୀଘ୍ର ବିଗାଡ଼ି ଦେବା ପାଇଁ ଯଥେଷ୍ଟ। ଯାତ୍ରା କରିବା ଆନନ୍ଦଦାୟକ ହୋଇଥିଲେ ମଧ୍ୟ ଏହା ଆପଣଙ୍କ ଦୈନନ୍ଦିନ ଅଭ୍ୟାସକୁ ବ୍ୟାହତ କରିଥାଏ। ଲମ୍ବା ବିମାନ ଯାତ୍ରା, ସମୟର ପରିବର୍ତ୍ତନ, ବିମାନବନ୍ଦରର ଜଳଖିଆ ଏବଂ ପାଣି ପାଟିର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ସର୍ବପ୍ରଥମେ ଶରୀରରେ ଜଳୀୟ ଅଂଶ କମିବା ଏବଂ ଅନିୟମିତ ଖାଦ୍ୟପେୟର ପ୍ରଭାବ ପଡ଼ିଥାଏ-ଏବଂ ଆପଣଙ୍କ ପାଟିରେ ହିଁ ଏହାର ପ୍ରଥମ ଲକ୍ଷଣ ଦେଖାଦିଏ।

**ଯାତ୍ରା ସମୟର ସାଧାରଣ ସମସ୍ୟା:**

**ଦୁର୍ଗନ୍ଧ:** ଜଳୀୟ ଅଂଶ କମିବା ଦ୍ୱାରା ପାଟିରୁ ଦୁର୍ଗନ୍ଧ ବାହାରିଥାଏ।

**ଅବହେଳା:** ବ୍ରଶ୍ କରିବାରେ ଅବହେଳା କରିବା ଏବଂ ଅଧିକ ମିଠା ଜାତୀୟ ଖାଦ୍ୟ ଖାଇବା।

**ନୂଆ ଜୀବାଣୁ:** ନୂତନ ପରିବେଶ ଯୋଗୁଁ ନୂଆ ଜୀବାଣୁଙ୍କ ସଂସ୍ପର୍ଶରେ ଆସିବା।

**ଅବହେଳାର ମନୋଭାବ:** ଅନେକ ସମୟରେ ଆମେ ଭାବୁ ଯେ 'ଘରକୁ ଫେରିଲେ ସବୁ ଠିକ୍ କରିଦେବା,' କିନ୍ତୁ ଏହା ସମସ୍ୟା ବଢ଼ାଇଥାଏ।

**ଯାତ୍ରା ସମୟରେ କ'ଣ କରିବେ?**

ଯାତ୍ରା ସମୟରେ ସୁସ୍ଥ ରହିବା ପାଇଁ ଅଧିକ କିଛି ନୁହେଁ, କେବଳ କିଛି ସ୍ମାର୍ଟ ଅଭ୍ୟାସ ଆବଶ୍ୟକ:

ନିଜ ସହିତ ଏକ ଛୋଟ ଓରାଲ୍ କେୟାର୍ କିଟ୍ ରଖନ୍ତୁ।

ବ୍ରଶ୍ କରିବା ସମ୍ଭବ ନହେଲେ, ଖାଇବା ପରେ ପାଟି କୁଳକୁଚା କରନ୍ତୁ।

କୋଲ୍ଡ ଡ୍ରିଙ୍କ୍‌ସ ବଦଳରେ ପାଣି ପିଅନ୍ତୁ।

ଯେତେ ଥକିଥିଲେ ମଧ୍ୟ ରାତିରେ ବ୍ରଶ୍ କରି ଶୁଅନ୍ତୁ।

**ଆୟୁର୍ବେଦର ସହାୟତା**

ଯାତ୍ରା ସମୟରେ ଏକାଧିକ କାମ କରୁଥିବା ଟୁଥପେଷ୍ଟ ବ୍ୟବହାର କରିବା ଉଚିତ ଯାହା ଦାନ୍ତର ସତେଜତା, ମାଢ଼ିର ଯତ୍ନ ଏବଂ ଜୀବାଣୁଙ୍କଠାରୁ ସୁରକ୍ଷା ଦେଇପାରିବ। ଆୟୁର୍ବେଦିକ ଉପାଦାନଗୁଡିକ ବିଭିନ୍ନ ପରିବେଶରେ ବେଶ୍ ପ୍ରଭାବଶାଳୀ ହୋଇଥାଏ:

**ପୁଦିନା ସତ୍ତ୍ୱ:** ଶ୍ୱାସକୁ ସତେଜ ରଖେ।

**ଲବଙ୍ଗ ତେଲ:** ଜୀବାଣୁଙ୍କଠାରୁ ସୁରକ୍ଷା ଦିଏ।

**କପୂର:** ଦାନ୍ତ ଶିରଶିରେଇବା କମ କରିବାରେ ସାହାଯ୍ୟ କରେ।

ଡାବର ରେଡ୍ ଭଳି ଟୁଥପେଷ୍ଟ, ଯାହାକୁ ଆଇଡିଏ ର ସ୍ୱୀକୃତି ମିଳିଛି, ତାହା ଯାତ୍ରା ପାଇଁ ଏକ ଭରସାଯୋଗ୍ୟ ବିକଳ୍ପ। ଆପଣଙ୍କ ପାଟିର ଯତ୍ନ କେବେ ବି ଛୁଟିରେ ଯିବା ଉଚିତ ନୁହେଁ। ସାମାନ୍ୟ ସତର୍କତା ସହିତ ଆପଣ ଯେକୌଣସି ସ୍ଥାନରେ ଆତ୍ମବିଶ୍ୱାସର ସହ ହସିପାରିବେ। ମନେରଖନ୍ତୁ, ଏକ ଭଲ ଯାତ୍ରାର ମୂଲ୍ୟ ଆପଣଙ୍କ ପାଟିର ସ୍ୱାସ୍ଥ୍ୟ ହେବା ଉଚିତ ନୁହେଁ।

ଯ ଡଃ ସୋନିଆ ଦତ୍ତ, ଏମ.ଡି.ଏସ, ପି.ଏଚ.ଡି, ପ୍ରଫେସର, ପବ୍ଲିକ ହେଲଥ୍ ଡେଣ୍ଟିଷ୍ଟ୍ରି।

## ବିଜେଡି ଛାଡ଼ି ବିଜେପିରେ ସାମିଲ ହେଲେ

# ସୁନାବେଡ଼ା ପୌରାଧ୍ୟକ୍ଷଙ୍କ ସମେତ ବହୁ କର୍ମୀ



**ଭୁବନେଶ୍ୱର, ୨୩/୨ (ନି.ପ୍ର) :** ଆଜି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ କୋରାପୁଟ ନିର୍ବାଚନ ମଣ୍ଡଳୀ ଅ'ର୍ଗତ ସୁନାବେଡ଼ା ପୌରପାଳିକାର ଅଧ୍ୟକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ବିଜେଡି ଛାଡ଼ି ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସୁନାବେଡା ପୌରପାଳିକାର କାଉନ୍‌ସିଲର ସୁରେନ୍ଦ୍ର ସେଠୀ, ଗଜେନ୍ଦ୍ର ମାଝୀ, ସ୍ୱରୂପ ପଟ୍ଟନାୟକ ବିଜେଡି ଦଳ ପରିତ୍ୟାଗ କରି ଏବଂ ମମତା କୁମାରୀ ଖୋରା ଓ ଅଳକା ଲେଙ୍କା ପ୍ରମୁଖ କଂଗ୍ରେସ ଦଳ ପରିତ୍ୟାଗ କରି ବିଜେପିରେ ଯୋଗ ଦେଇଛନ୍ତି। ସେହିପରି ସୁନାବେଡାର ବରିଷ୍ଠ ବିଜେଡି ନେତା ମନୋଜ ସେନାପତି, ଇନ୍ଦ୍ରମଣି ନାୟକ, ଗୋଦାବରୀଶ ବେହେରା, ସତ୍ୟବ୍ରତ ପ୍ରଧାନ, ସନ୍ତୋଷ କୁମାର ପରିଡ଼ା, କେ. ସନ୍ତୋଷ କୁମାର, ଅନୁଜ ସାମଲ, ଜିତୁ କୁମାର ସିଂ, ଦ୍ୱିତୀକୃଷ୍ଣ ସାହୁ, ଏସ୍.ଏଲ୍.ଏନ୍ ପାତ୍ର, ଶଙ୍କର ପାତ୍ର, ଶଙ୍କର ସାହୁ, ମନୋଜ ପାତ୍ର, ଶରତ କୁମାର ସାହୁ, ଗୁପ୍ତେଶ୍ୱର ରାଉତ, ବି. ଅଶୋକ ପାତ୍ର, ତିରୁପତି ପାତ୍ର, ଗଣେଶ୍ୱର ପାଣିଗ୍ରାହୀ, ସୁନୀଲ ସେନାପତି, ମମତା ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ବିଧାନ ବୋର, ସୁନୀଲ ନାଇଡୁ, ତ୍ରିନାଥ ସ୍ୱାଇଁ, ଶିଶିର କୁମାର ରଣା ଓ ମୁକେଶ କୁମାର ପାତ୍ର ପ୍ରମୁଖଙ୍କ ସମେତ ଶତାଧିକ ନେତା ଓ କର୍ମୀ ବିଜେଡି ଛାଡ଼ି ବିଜେପିରେ ଯୋଗଦେଇଛନ୍ତି। ସେହିପରି ଲକ୍ଷ୍ମୀପୁର ନିର୍ବାଚନ ମଣ୍ଡଳୀର ପିପଲାପୋଡ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ନମୋ ମାଣ୍ଡିଙ୍ଗା, ପୂର୍ବତନ ନାଏବ ସରପଂଚ ରାଉତ ମିନିଆକା, ୱାର୍ଡ ମେମ୍ବର ଗୋପି ମାଣ୍ଡିଙ୍ଗା, ନରି କୁଲସିକା, ଚାଟିର କୁଲସିକା, ମଟିଆ ମାଣ୍ଡିଙ୍ଗା, ଆରିଆ ମାଣ୍ଡିଙ୍ଗା, ଅର୍ଚ୍ଚିତା ମାଣ୍ଡିଙ୍ଗା, ବିନୋଦ ମିନିଆକାଙ୍କ ସହ ଲକ୍ଷ୍ମୀପୁର ପଂଚାୟତ ବିଜେଡି ସଭାପତି ପାତ୍ର ପିଲାନ୍ତି, ସମ୍ପାଦକ ହେମାଳୟ ହାଲୱା, କୁଟିଙ୍ଗା ପଂଚାୟତ ସଭାପତି ସମୀର ବିଦିକା ବିଜୁଜନତା ଦଳ ପରିତ୍ୟାଗ କରି ବିଜେପିରେ ସାମିଲ ହୋଇଛନ୍ତି।

# ସାକ୍ରା ୱାର୍ଲ୍ଡ ହସ୍ପିଟାଲ୍ 'ଇଣ୍ଟିଗ୍ରେଟେଡ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍ସର କେୟାର୍ ଏଣ୍ଡ ବ୍ଲଡ୍ ଡିସଅର୍ଡର୍ସ' ଆରମ୍ଭ କଲା

**ବେଙ୍ଗାଲୁରୁ, ୨୩।୨ (ଯୁବମୋର୍ଚ୍ଚା) :** ଭାରତର ପ୍ରଥମ ୧୦୦% ଏଫଡ଼ିଆଇ ନିବେଶିତ ତୃତୀୟ ସ୍ତରୀୟ ସ୍ୱାସ୍ଥ୍ୟସେବା ହସ୍ପିଟାଲ୍ ସାକ୍ରା ୱାର୍ଲ୍ଡ ହସ୍ପିଟାଲ୍ ଆଜି ତାହାର ଅତ୍ୟାଧୁନିକ ଓ ସମନ୍ୱିତ 'ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍ସର କେୟାର୍ ଏଣ୍ଡ ବ୍ଲଡ୍ ଡିସଅର୍ଡର୍ସ'ର ଉଦଘାଟନ କଲା। ନିଖୁତତା-ଆଧାରିତ, ପ୍ରଯୁକ୍ତି-ସମର୍ଥିତ ଓ ରୋଗୀ-କେନ୍ଦ୍ରିତ କ୍ୟାନ୍ସର ଏବଂ ହେମାଟୋଲଜି ଚିକିତ୍ସାକୁ ଏକ ଛାଦ ତଳେ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଏହି ବିଶେଷ କେନ୍ଦ୍ର ସ୍ଥାପିତ ହୋଇଛି। "Helping the Body — Healing the Soul" ଦର୍ଶନରୁ ପ୍ରେରିତ ଏହି ସଂସ୍ଥା ଚିକିତ୍ସାର ପ୍ରତ୍ୟେକ ପର୍ଯ୍ୟାୟରେ ସହାନୁଭୂତିମୂଳକ ସେବା, ସ୍ୱଚ୍ଛ ଯୋଗାଯୋଗ ଓ ନିରନ୍ତର ସମନ୍ୱୟରେ ବିଶେଷ ଗୁରୁତ୍ୱ ଦେବ। ଏହି ସଂସ୍ଥାର ଉଦ୍ଘାଟନ କର୍ଣ୍ଣାଟକ ସରକାରଙ୍କ ପୂର୍ବତନ ବନମନ୍ତ୍ରୀ ଏବଂ ପୂର୍ବତନ ବିଧାୟକ ଶ୍ରୀ ଅରବିନ୍ଦ ଲିମ୍ବାବଳୀଙ୍କ ଉପସ୍ଥିତିରେ ହୋଇଥିଲା। ନବସ୍ଥାପିତ ସଂସ୍ଥାରେ ମେଡିକାଲ୍ ଅଙ୍କୋଲଜି, ସର୍ଜିକାଲ୍ ଅଙ୍କୋଲଜି, ବ୍ରେଷ୍ଟ ଅଙ୍କୋଲଜି, ହେମାଟୋଲଜି, ଅନେସ୍ଥିସିଓଲଜି, କ୍ରିଟିକାଲ୍ କେୟାର୍ ସହ ଉନ୍ନତ ସର୍ଜିକାଲ୍ ବିଶେଷଜ୍ଞମାନେ ଉପଲବ୍ଧ ରହିବ। ଆଧୁନିକ ଡାଏଗ୍ନୋଷ୍ଟିକ୍ ସୁବିଧା ଓ ମଲ୍ଟିଡିସିପ୍ଲିନାରି ଟ୍ୟୁମର ବୋର୍ଡଙ୍କ ସହଯୋଗରେ ଏହି ସେବାଗୁଡିକ ପ୍ରଦାନ କରାଯିବ। ଏହି ସମନ୍ୱିତ ମଡେଲ୍ ସମନ୍ୱିତ ସିଦ୍ଧାନ୍ତଗ୍ରହଣ ଓ ପ୍ରତ୍ୟେକ ରୋଗୀଙ୍କ ଆବଶ୍ୟକତାନୁସାରେ ବ୍ୟକ୍ତିଗତ ଚିକିତ୍ସା ଯୋଜନାକୁ ସୁନିଶ୍ଚିତ କରିବ। ଏହି ପ୍ରୟାସ ସାକ୍ରା ୱାର୍ଲ୍ଡ ହସ୍ପିଟାଲ୍ର ପ୍ରାରମ୍ଭିକ ଚିହ୍ନଟ, ନିଖୁତ ଚିକିତ୍ସା ଓ ସମଗ୍ର ସେବା ମାଧ୍ୟମରେ କ୍ୟାନ୍ସର ଫଳାଫଳ ସୁଧାରିବାର ପ୍ରତିବଦ୍ଧତାକୁ ପ୍ରକାଶ କରେ।



ଉଦ୍ଘାଟନ ଅବସରରେ ଶ୍ରୀ ଅରବିନ୍ଦ ଲିମ୍ବାବଳୀ କହିଥିଲେ, "ବିଶେଷକରି କୋଭିଡ୍ ଭଳି କଠିନ ସମୟରେ ସାକ୍ରା ହସ୍ପିଟାଲ୍ ଆମ ଅଞ୍ଚଳକୁ ସମର୍ପଣ ଓ ସହାନୁଭୂତି ସହିତ ସେବା ଦେଇଛି। ଦ୍ରୁତ ଉନ୍ନତିଶୀଳ ଏହି ଅଞ୍ଚଳରେ ସମୟୋପଯୋଗୀ ସ୍ୱାସ୍ଥ୍ୟସେବା ଉପଲବ୍ଧ ହେବା ଅତ୍ୟନ୍ତ ଜରୁରୀ। ଅଙ୍କୋଲଜି ବିଭାଗର ଆରମ୍ଭ ସ୍ଥାନୀୟ ସ୍ୱାସ୍ଥ୍ୟ ପ୍ରଣାଳୀକୁ ସୁଦୃଢ଼ କରିବ ଓ ଆମ ସମୁଦାୟକୁ ଘର ନିକଟରେ ଉନ୍ନତ କ୍ୟାନ୍ସର ଚିକିତ୍ସା ଉପଲବ୍ଧ କରାଇବ।"

ଡ଼ା. ବିନୀତ ଗୁପ୍ତା, ନିର୍ଦ୍ଦେଶକ ଓ ପ୍ରମୁଖ – ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ୟାନ୍ସର କେୟାର୍ ଏଣ୍ଡ ବ୍ଲଡ୍ ଡିସଅର୍ଡର୍ସ, କହିଥିଲେ, "ଚିକିତ୍ସା ଗବେଷଣା ଓ ପ୍ରଯୁକ୍ତିର ଉନ୍ନତି ଫଳରେ ଆଜି ଅନେକ କ୍ୟାନ୍ସର ପ୍ରାରମ୍ଭିକ ଅବସ୍ଥାରେ ଚିହ୍ନଟ ହେଲେ ସଫଳତାର ସହିତ ଚିକିତ୍ସା ଯୋଗ୍ୟ। ଭାରତରେ ପ୍ରତିବର୍ଷ ୧୪ ଲକ୍ଷରୁ ଅଧିକ ନୂତନ କ୍ୟାନ୍ସର ମାମଲା ରିପୋର୍ଟ ହୁଏ, କିନ୍ତୁ ଜାଗୃକତାର ଅଭାବ ଓ ବିଳମ୍ବିତ ନିଦାନ ହେତୁ ଅଧିକାଂଶ ରୋଗୀ ଅଗ୍ରଗତ ଅବସ୍ଥାରେ ଆସନ୍ତି। ସମୟୋପଯୋଗୀ ଚିହ୍ନଟ ଓ ଗୁଣତ୍ତମ ସ୍ୱାସ୍ଥ୍ୟସେବା ଜୀବନରେ ନିର୍ଣ୍ଣାୟକ ପରିବର୍ତ୍ତନ ଆଣିପାରେ। ଏହି ସଂସ୍ଥା ମାଧ୍ୟମରେ ଆମେ ପ୍ରମାଣାଧାରିତ ଚିକିତ୍ସା, ବିଭିନ୍ନ ବିଶେଷତାର ସମନ୍ୱୟ ଓ ରୋଗୀ ଓ ତାଙ୍କ ପରିବାରଙ୍କ ଶାରୀରିକ ଓ ଭାବନାତ୍ମକ ଆବଶ୍ୟକତା ପୂରଣକୁ ଲକ୍ଷ୍ୟ କରୁଛୁ।"

